# ବର୍ଷା, ଶର୍ମିଷ୍ଠାଙ୍କୁ ସ୍ୱାଗତ ପାଇଁ ବିଜେଡିର ପ୍ରସ୍ତୁତି

ବଡ଼ଚଣା/ଛତିଆ,୨୪।୪
(ଦିଲୀପ କୁମାର ମହାନ୍ତି/ ସୌମ୍ୟ ରଞ୍ଜନ ସାହୁ)


ବୈଠକରେ ଯୋଗଦେଇଥିବା ୧୭ ନମ୍ବର ଜୋନ୍ ବିଜେଡିର ନେତା ଓ କର୍ମୀ।

ଆସନ୍ତା ୨୬ ତାରିଖ ଶୁକ୍ରବାର ବଡ଼ଚଣା ବିଜେଡି ବିଧାୟକ ପ୍ରାର୍ଥିନୀ ବର୍ଷା ପ୍ରିୟଦର୍ଶିନୀ ଓ ଯାଜପୁର ସାଂସଦ ପ୍ରାର୍ଥିନୀ ଶର୍ମିଷ୍ଠା ସେଠୀ ବଡ଼ଚଣା ଆସିବେ। ଏଥିପାଇଁ ବଡ଼ଚଣା ବିଜେଡି ପକ୍ଷରୁ ୫ ଜୋନସ୍ତରୀୟ ପ୍ରସ୍ତୁତି ବୈଠକ ବିଭିନ୍ନସ୍ଥାନରେ ଅନୁଷ୍ଠିତ ହୋଇଯାଇଛି। ୧୭ନଂ. ଜୋନ ବୈଠକ ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳଙ୍କ ସଭାପତିତ୍ୱରେ ଖଇରା ହାଟ ପଡ଼ିଆସ୍ଥିତ ନାଆକାଣୀ ପୀଠରେ ଅନୁଷ୍ଠିତ ହୋଇଛି। ଏଥିରେ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଛି। ଶୁକ୍ରବାର ଅପରାହ୍ଣ ୩ଟାରେ ଛତିଆଠାରୁ ବର୍ଷା ଓ ଶର୍ମିଷ୍ଠାଙ୍କୁ ଏକ ବାଇକ୍ ଶୋଭାଯାତ୍ରାରେ ମହାବିନାୟକ ପର୍ଯ୍ୟନ୍ତ ନିଆଯିବ। ଏହି ସମୟରେ ବିଭିନ୍ନ ଛକରେ ମହିଳାମାନେ ଉଭୟଙ୍କୁ ସ୍ୱାଗତ କରିବେ। ପରେ ଚଣ୍ଡିଖୋଲଠାରେ ଏକ ପଥପ୍ରାନ୍ତ ସଭାରେ ଉଭୟ ପ୍ରାର୍ଥୀ ଭୋଟରଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିବେ ବୋଲି ବୈଠକରେ ସ୍ଥିର କରାଯାଇଛି। ବୈଠକରେ ସରପଞ୍ଚ ମୀନକେତନ ସେଠୀ, ନବଦୀପ ନାୟକ, ରାଜଲକ୍ଷ୍ମୀ ମହାନ୍ତି, ସାଗରିକା ବିହାରୀ, ବୈଜୟନ୍ତୀ ବିଶ୍ୱାଳ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦ, ବୈକୁଣ୍ଠ ବରାଳ, ବିନୟ ପୃଷ୍ଟି, ସ୍ନିଗ୍ଧାରାଣୀ ରାଉତ, ରବୀନ୍ଦ୍ର ଦାଶ, ପୂଜାରିଣୀ ବଳ, ଚିନ୍ମୟ ମହାନ୍ତି, ମୋମିନ ଅଲ୍ଲୀ ଖାଁ, ରବୀନ୍ଦ୍ର ବେହେରା, ବିଜୟ ବାରିକ, ମାନଗୋବିନ୍ଦ ସେଠୀ, ଅଭୟ ସାମଲ, କିଶୋର ସାମଲ, ଆମିନ ନାୟକ ଓ ପବନେଶ୍ୱର ଜେନା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ସେହିପରି ୧୬ନଂ.ଜୋନର କାଇମାଟିଆସ୍ଥିତ ସପ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଦଳ ଉପସଭାପତି ନିରଞ୍ଜନ ସେନାପତିଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ୧୮ନଂ. ଜୋନର ଅମରାବତୀ ମଠ ପରିସରରେ ନେଳିଆ, ଚମ୍ପାପୁର ଓ ଛତିଆ ୩ ପଞ୍ଚାୟତର କର୍ମୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଚମ୍ପାପୁର ପ୍ରାକ୍ତନ ସରପଞ୍ଚ ବାସୁଦେବ ସ୍ୱାଇଁଙ୍କ ସଭାପତିତ୍ୱରେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରହଲାଦ ନନ୍ଦ, ଭାଗ୍ୟଧର ମଲିକ, ନେଳିଆ ସରପଞ୍ଚ ଜୟନ୍ତୀ ସ୍ୱାଇଁ, ଧନେଶ୍ୱର ବେହେରା, ସମିତିସଭ୍ୟ ଦୀପକ ସାହୁ, ରବୀନ୍ଦ୍ର ପ୍ରଧାନ, ଗିରିଶ ପାତ୍ର, ସତ୍ୟରଞ୍ଜନ ନନ୍ଦ, ତୁଷାର ପଣ୍ଡା, ଧୀରେନ୍ଦ୍ର ନାଥ, ବିପିନ ବିଶ୍ୱାଳ, ଶ୍ରୀକାନ୍ତ ପାଲ, ଅମରେଶ ନନ୍ଦଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ। ଦିଲୀପ ରାଉତ ଧନ୍ୟବାଦ ଦେଇଥିଲେ। ଏହି ଜୋନ ବୈଠକଗୁଡ଼ିକରେ ବିଧାୟକଙ୍କ ସମର୍ଥକ, ଜନ୍ମେଜୟ ଲେଙ୍କାଙ୍କ ସମର୍ଥକ ଓ ରାଜନାରାୟଣଙ୍କ ସମର୍ଥକ ଉପସ୍ଥିତ ଥିଲେ। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀଙ୍କୁ ବିଜେଡି ପକ୍ଷରୁ ବରିଷ୍ଠ ଉପସଭାପତି ଭାବେ ମନୋନୀତ କରାଯାଇଥିବାରୁ ଜୋନ ବୈଠକରେ ଦଳୀୟ କର୍ମୀ ତାଙ୍କୁ ସ୍ୱାଗତ ଜଣାଇବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କାର୍ତ୍ତିକ ପାଣ୍ଡିଆନ ଓ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ କୃତଜ୍ଞତା ଜଣାଇଥିଲେ।

# ୧୯, ୨୦ ନମ୍ବର ଜୋନ୍ ବିଜେଡିର କର୍ମୀ ବୈଠକ


ବୈଠକରେ ଯୋଗଦେଇଥିବା କର୍ମୀମାନେ।

ବାଲିଚନ୍ଦ୍ରପୁର,୨୪।୪(ଗିରିଜା ପ୍ରସାଦ ସାହୁ)

ବଡ଼ଚଣା ବ୍ଲକ ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ ଗଜେନ୍ଦ୍ରପୁରସ୍ଥିତ ଶନିମଣ୍ଡପଠାରେ ୧୯ ଓ ୨୦ ନମ୍ବର ଜୋନ ବିଜେଡି କର୍ମୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବଡ଼ଚଣା ବିଜେଡି ସଭାପତି ଅରବିନ୍ଦ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୨ ଜୋନ ଅନ୍ତର୍ଗତ ସରପଞ୍ଚ, ସମିତିସଭ୍ୟ, ପଞ୍ଚାୟତ ସଭାପତି, ପ୍ରାକ୍ତନ ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟ ଓ ବିଜୁ ଜନତାଦଳର ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ପ୍ରାରମ୍ଭରେ ବଡ଼ଚଣା ବିଧାନସଭା କ୍ଷେତ୍ର ପାଇଁ ବିଜେଡିରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥିନୀ ବର୍ଷା ପ୍ରିୟଦର୍ଶିନୀଙ୍କୁ ସମସ୍ତ ନେତୃବୃନ୍ଦ ଓ କର୍ମକର୍ତ୍ତା ସ୍ୱାଗତ କରିଥିଲେ। ବୈଠକରେ ୨୦ ନମ୍ବର ଜୋନ୍ ଜିଲା ପରିଷଦ ସଭ୍ୟଙ୍କ ପ୍ରତିନିଧି ରତିକାନ୍ତ ଜେନା, ବିପିନ ବିହାରୀ ଜେନା, ନିରଞ୍ଜନ ବିଶ୍ୱାଳ, ମନ୍ମଥ କେଶରୀ ସାହେବରାୟ, ଦିଲୀପ ସାମଲ ଓ ଫନିନ୍ଦ୍ରନାଥ ପଣ୍ଡା ପ୍ରମୁଖ ଯୋଗଦେଇ ସମସ୍ତେ ମିଳିମିଶି ବିଧାୟକ ପ୍ରାର୍ଥୀନୀଙ୍କୁ ବିପୁଳ ସଂଖ୍ୟାରେ ଜିତେଇବା ପାଇଁ ମତ ରଖିଥିଲେ। ୨୬ ତାରିଖ ଶୁକ୍ରବାର ବିଧାୟକ ପ୍ରାର୍ଥୀନୀଙ୍କୁ ଏକ ବିରାଟ ବାଇକ ଶୋଭାଯାତ୍ରାରେ ଛତିଆଠାରୁ ମହାବିନାୟକ ପର୍ଯ୍ୟନ୍ତ ଅଣାଯାଇ ସେଠାରେ ମହାବିନାୟକ ଦର୍ଶନ ପରେ ପ୍ରଚାର ପ୍ରସାର କାର୍ଯ୍ୟ ଆରମ୍ଭ ହେବ ବୋଲି ଉପସ୍ଥିତ କର୍ମକର୍ତ୍ତା ମତବ୍ୟକ୍ତ କରିଥିଲେ। ସରପଞ୍ଚ କିଶୋର ଚନ୍ଦ୍ର ବେହୁରା, ଜ୍ଞାନରଞ୍ଜନ ସାହୁ, ପ୍ରମୋଦ ଜେନା, ଦମୟନ୍ତୀ ସାମଲ, ତ୍ରିଲୋକ୍ୟ ଜେନା, ପତିତପାବନ ନାୟକ, ନାରାୟଣ ମଲ୍ଲିକ, ସେକ୍ ଅବଦୁଲ ଗନି, କୁଳମଣି ବାରିକ, ସେକ୍ ମୋଇନ ଅହେମ୍ମଦ, ତାପସ ରାୟ, କିବିରିଆ ଖାଁ, ଇଂ. ଯଶୋଦୀପ୍ତ ସାମଲ, ଉମେଶ ସାମଲ, ସୌମ୍ୟରଞ୍ଜନ ପୃଷ୍ଟି, ସରୋଜ ବଳ, ତୁଷାର ଜେନା, ଅନନ୍ତ ଜେନା, କିରଣ ମହାନ୍ତି ଓ କିଶୋର ରାଉତ ପ୍ରମୁଖ ବୈଠକରେ ଯୋଗଦେଇ ଆଲୋଚନାରେ ଭାଗନେଇଥିଲେ।

# କୋରେଇ କଂଗ୍ରେସର ବୈଠକ

ଯାଜପୁରରୋଡ୍,୨୪।୪(ପବିତ୍ର ରଞ୍ଜନ ମହାନ୍ତି)

**ସାଂସଦ, ବିଧାୟିକା ପ୍ରାର୍ଥିନୀଙ୍କ ପ୍ରଚାର ପାଇଁ ଖସଡ଼ା ପ୍ରସ୍ତୁତ**

ସାଧାରଣ ନିର୍ବାଚନ ପାଇଁ ବ୍ୟାସନଗର କଂଗ୍ରେସ କମିଟିର ଏକ ବୈଠକ ବ୍ୟାସନଗର କଂଗ୍ରେସ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ନଗର କଂଗ୍ରେସ ସଭାପତି ଦିଲୀପ ମଲ୍ଲିକଙ୍କ ସଭ୍ୟପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଧାୟିକା ପ୍ରାର୍ଥିନୀ ବନ୍ଦିତା ପରିଡ଼ା, ଆରତୀ ସ୍ୱାଇଁ, ରୀତାଶ୍ରୀ ମହାନ୍ତି, ବିଦ୍ୟୁଲତା ବେହେରା, ଅନ୍ନପୂର୍ଣ୍ଣା ତରେଇ, ସ୍ନେହଲତା ଜେନା, ପ୍ରଣତି ରାଉତ, ପ୍ରଭାତ ବଳ, ସୁଧାନିଧି ମହାପାତ୍ର, ପ୍ରଭାତ ମହାପାତ୍ର, ଧୁଶାସନ ଦାସ, ଅନୁପ ନାୟକ, ପଦ୍ମନାଭ ସ୍ୱାଇଁ, ରବୀନ୍ଦ୍ର ନାୟକ, ରବୀନ୍ଦ୍ର ରାଉତ, ରାଜକିଶୋର ପ୍ରଧାନ, ନିରଞ୍ଜନ ପରିଡ଼ା, କାର୍ତ୍ତିକ ନାୟକ, ଅଶୋକ ରାଉତ, ନୃସିଂହ ପହି, ଭରତ ଓଝା, ଅମୂଲ୍ୟ ମଲ୍ଲିକ, ଦିଲୀପ ଜେନା, ସୁରେନ୍ଦ୍ର ନାୟକ, ରମାକାନ୍ତ ମଲିକ, ଗୋଲଖ ଜେନା, କାଳନ୍ଦୀ ମଲିକ, ଗୋପୀ ମଲିକ, କୃଷଚନ୍ଦ୍ର ମଲିକ, ବ୍ରଜକିଶୋର ସ୍ୱାଇଁ, କାହ୍ନୁଚରଣ ମଲିକ ଓ ସୁବାସ ବେହେରା ପ୍ରମୁଖ ଯୋଗଦେଇ କଂଗ୍ରେସର ସାଂସଦ ଓ ବିଧାୟିକା ପ୍ରାର୍ଥିନୀଙ୍କ ପ୍ରଚାର ପାଇଁ ଖସଡ଼ା ପ୍ରସ୍ତୁତ କରିଥିଲେ। ସଭାରେ ଦଳା ଗ୍ରାମ ଉଚ୍ଚ ବିଦ୍ୟାଳୟ ପ୍ରାକ୍ତନପ୍ରଧାନ ଶିକ୍ଷକ ଅରୁଣ କୁମାର ପରିଡା କଂଗ୍ରେସରେ ଯୋଗ ଦେଇଥିଲେ। ତାଙ୍କୁ ପ୍ରାର୍ଥିନୀ ପରିଡ଼ା ଦଳରେ ସାମିଲ କରିବା ସହିତ ସ୍ୱାଗତ କରିଥିଲେ।

# ବିଜେଡିର ଜୋନ୍‌ସ୍ତରୀୟ କର୍ମୀ ସମାବେଶ


ସମାବେଶରେ ଯୋଗଦେଇଥିବା ବିଜେଡି ଯାଜପୁର ଲୋକ ସଭା ପ୍ରାର୍ଥିନୀ ଓ ଧର୍ମଶାଳା ବିଧାୟକ ପ୍ରାର୍ଥୀଙ୍କ ସମେତ ଅନ୍ୟମାନେ।

ଧର୍ମଶାଳା/ଚଢ଼େଇଧରା,୨୪।୪
(ବଟକୃଷ୍ଣ ପରିଡ଼ା/ଦିଲୀପ ପରିଡ଼ା)

ଧର୍ମଶାଳା ନିର୍ବାଚନମଣ୍ଡଳୀ ଅଧୀନ ଥାନୁଆଳ ପଡିଆରେ ବିଜେଡିର ଜୋନସ୍ତରୀୟ ଏକ କର୍ମୀ ସମାବେଶ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ଯାଜପୁରର ସାଂସଦ ପ୍ରାର୍ଥିନୀ ଶର୍ମିଷ୍ଠା ସେଠୀ ଏବଂ ଧର୍ମଶାଳା ବିଧାୟକ ପ୍ରାର୍ଥୀ ପ୍ରଣବ କୁମାର ବଳବନ୍ତରାୟ ଅତିଥିଭାବେ ଯୋଗଦେଇଥିଲେ। ଧର୍ମଶାଳାରୁ ନିର୍ବାଚନ ପ୍ରଚାର ଆରମ୍ଭ ହେଲା ବୋଲି ସାଂସଦ ପ୍ରାର୍ଥିନୀ ସେଠୀ କହିବା ସହିତ ମୁଖ୍ୟମନ୍ତ୍ରୀ ଯେଉଁ ନାରା ଦେଇ ଆର୍ଶୀବାଦ ମାଗିଛନ୍ତି ସେହି ଯୋଡ଼ି ଶଙ୍ଖରେ ଆପଣମାନେ ଆର୍ଶୀବାଦ କରିବେ ବୋଲି ମତବ୍ୟକ୍ତ କରିଥିଲେ। ସେହିପରି ୨୪ ବର୍ଷ ଧରି ଧର୍ମଶାଳାବାସୀ ବିଜୁ ଜନତା ଦଳ ସହ ସବୁବେଳେ ରହି ଆସିଛନ୍ତି ବୋଲି ବିଧାୟକ ପ୍ରାର୍ଥୀ ବଳବନ୍ତରାୟ କହିବା ସହିତ ତାଙ୍କୁ ୨ ଥର ଧର୍ମଶାଳାର ପ୍ରତିନିଧିତ୍ୱ କରିବାକୁ ସୁଯୋଗ ଦେଇଥିବାରୁ ସେ ଧର୍ମଶାଳାବାସୀଙ୍କ ପାଖେ ଋଣୀବୋଲି ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁବେଳେ ଧର୍ମଶାଳାକୁ ଗୁରୁତ୍ୱ ଦେଇଛନ୍ତି। ସର୍ବାଧିକ କାର୍ଯ୍ୟ ପ୍ରଥମେ ଧର୍ମଶାଳାରେ ଆରମ୍ଭ କରନ୍ତି। ତେଣୁ ତାହାର ପ୍ରତି ବଦଳରେ ମୁଖ୍ୟମନ୍ତ୍ରୀଙ୍କୁ ବହୁ ପରିମାଣର ଭୋଟ ମାଧ୍ୟମରେ ଆର୍ଶୀବାଦ ପ୍ରଦାନ କରିବାକୁ ସେ କର୍ମୀମାନଙ୍କୁ ଆହ୍ୱାନ କରିଥିଲେ। ଅନ୍ୟତମ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଯୋଗଦେଇ ଓଡ଼ିଶାରେ ବିଜୁ ଜନତା ଦଳ ଧର୍ମଶାଳାରେ ଏକ ନମ୍ବରରେ ରହିବ ବୋଲି କହିଥିଲେ। ସଭାରେ ଧର୍ମଶାଳା ବ୍ଲକ ବିଜୁ ଜନତା ଦଳ ସଭାପତି ଜଳଧର ମହାନ୍ତି, ପୂର୍ବତନ ଜିଲା ପରିଷଦ ସଭ୍ୟ ନିରଞ୍ଜନ ରାଉତ, ୧୩ ନଂ ଜୋନ ଜିଲା ପରିଷଦ ସଭ୍ୟା ସ୍ମୃତିରେଖା ବେହେରା, ଯୁବ ସଂଗଠକ ପ୍ରତାପ ଜେନା ଓ ୧୦ ପଞ୍ଚାୟତର ସଭାପତିଙ୍କ ସମେତ ହଜାରହଜାର କର୍ମୀ ଉପସ୍ଥିତଥିଲେ।

# ପାଟରଙ୍ଗାରେ ଆକାଶଙ୍କୁ ସମ୍ବର୍ଦ୍ଧନା

କୋରେଇ,୨୪।୪(ଚନ୍ଦ୍ରକାନ୍ତ ପତି)

କୋରେଇ ବ୍ଲକ ଅର୍ନ୍ତଗତ ପାଟରଙ୍ଗା ପଞ୍ଚାୟତର ଭାଜପା କର୍ମୀମାନେ କୋରେଇ ବିଧାୟକ ପ୍ରାର୍ଥୀ ଆକାଶ ଦାସନାୟକଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ପାଟରଙ୍ଗା ପଞ୍ଚାୟତର ଗୋହିରାଗଡ଼ିଆ ହାଇସ୍କୁଲ ସାମ୍ନା ଖଳାରେ ଏହି ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ପାଟରଙ୍ଗା ପଞ୍ଚାୟତ ଭାଜପା ନେତା ବସନ୍ତ କୁମାର କର ଏଥିରେ ସଭାପତିତ୍ୱ କରିଥିଲେ। ସଭାରେ ପଞ୍ଚାୟତର ଶତାଧିକ ବିଜେଡି କର୍ମୀ ଦଳ ଛାଡି ଭାଜପାରେ ସାମିଲ ହୋଇଥିଲେ। ଏହି ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକାଭିମୁଖୀ ଯୋଜନାଗୁଡିକ ବିଷୟରେ ଲୋକମାନଙ୍କୁ ସଚେତନତା କରିବା ପାଇଁ ଆଲୋଚନା କରାଯାଇଥିଲା। ଆଗାମୀ ସାଧାରଣ ନିର୍ବାଚନରେ ଆକାଶ ଏବଂ ଯାଜପୁର ଲୋକସଭା ପ୍ରାର୍ଥୀ ଡ. ରବିନାରାୟଣ ବେହେରାଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। କେନ୍ଦ୍ରରେ ଭାଜପା ସରକାର ଏବଂ ଓଡିଶାରେ ମଧ୍ୟ ଡବଲ ଇଞ୍ଜିନ ସରକାର ଗଠନ ପାଇଁ କର୍ମୀମାନେ ଶପଥ ନେଇଥିଲେ। ସଭାରେ ଆକାଶ, ରଞ୍ଜିତ ବଡ଼ଜେନା, ଦୀପ୍ତିମୟୀ କୁଅଁର ଓ ରାକେଶ ଜେନା ଅତିଥି ଭାବେ ଯୋଗଦେଇଥିଲେ। ମନ୍ମଥ ନାୟକ, ନବ ସେଠୀ, ବସନ୍ତ କର, ରବିନାରାୟଣ ଦାସ, ଚନ୍ଦ୍ରକାନ୍ତ ଭୂୟାଁ, ହୃଷୀକେଶ ବେହେରା, ଅରୁଣ ସେଠୀ, ସାନ୍ତନୁ ସେଠୀ, କାଶୀନାଥ ବିହାରୀ, ପଞ୍ଚାନନ ବାଣ୍ଡ, ବାବାଜୀ ନାୟକ, ଶେଷଦେବ ମହାରଣା, ପ୍ରକାଶ ନାୟକ, ରଘୁନାଥ ନାୟକ, କୁଶ ପ୍ରଧାନ ଓ ବଳରାମ ମହାନ୍ତି ପ୍ରମୁଖ ଶତାଧିକ କର୍ମୀ ଉପସ୍ଥିତ ଥିଲେ।


ସମ୍ବର୍ଦ୍ଧନା ସଭାରେ ଆକାଶ ଦାସନାୟକ ଏବଂ ଅନ୍ୟମାନେ।

# ପ୍ରଚାର ମଇଦାନକୁ ଓହ୍ଲାଇଲେ ବିଶ୍ୱରଞ୍ଜନ


ବିଜେଡି ପ୍ରାର୍ଥୀ ବିଶ୍ୱରଞ୍ଜନ ମଲିକଙ୍କୁ କର୍ମୀମାନେ ଶୁଭେଚ୍ଛା ଜଣାଉଛନ୍ତି।

ବରୀ,୨୪।୪(ମହେନ୍ଦ୍ର ସ୍ୱାଇଁ)

ବରୀ ନିର୍ବାଚନମଣ୍ଡଳୀ ବିଜେଡି ବିଧାୟକ ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକ ବୁଧବାର ପ୍ରଚାର ମୈଦାନକୁ ଓହ୍ଲାଇଛନ୍ତି। ଯାଜପୁର ଅଧିଷ୍ଠାତ୍ରୀ ଦେବୀ ମା' ବିରାଜାଙ୍କ ପୂଜାର୍ଚ୍ଚନା ପରେ ସେ ଏହି କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ ବିଶ୍ୱରଞ୍ଜନ ପ୍ରାର୍ଥୀ ହେବା ପରେ ବରୀ ରାଜନୀତିରେ ଏକ ରୋଚକ ଦୃଶ୍ୟ ଦେଖିବାକୁ ମିଳିଛି। ବିଧାୟିକା ସୁନନ୍ଦା ଦାସଙ୍କ ସଂଗଠନର ନେତୃତ୍ୱ ନେଉଥିବା ବରୀ ବ୍ଲକ ବିଜେଡି ସଭାପତି କେଦାର ଚନ୍ଦ୍ର ସାମଲ, ବରୀ ବ୍ଲକ ଉପାଦକ୍ଷା ଅର୍ଚ୍ଚନା ମଲ୍ଲିକ, ଯୁବ ବିଜେଡି ସଭାପତି ରଞ୍ଜନ କୁମାର ପଣ୍ଡା, ୨୧ନଂ. ଜିଲା ପରିଷଦ ସଭ୍ୟ ଅଶୋକ ସାମଲ, ବାଇଁଶିରିଆ ସରପଞ୍ଚ ସୁଶାନ୍ତ ଦାସ, ଧାରପୁର ସରପଞ୍ଚ କୁନା ମଲ୍ଲିକ, ସମିତିସଭ୍ୟ ଶ୍ରୀଧର ସେଠୀ ଓ ବାଲିଆ ସରପଞ୍ଚଙ୍କ ପ୍ରତିନିଧି ରତିରଞ୍ଜନ ଜେନାଙ୍କ ସମେତ ବିଭିନ୍ନ ପଞ୍ଚାୟତର ବିଜେଡି ନେତୃମଣ୍ଡଳୀ ଓ ଶୁଭେଚ୍ଛୁମାନେ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଘଟଣା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।

# ଧର୍ମଶାଳା ବିଜେଡିର ମିଶ୍ରଣ ପର୍ବ

ଧର୍ମଶାଳା,୨୪।୪(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଜାରକାସ୍ଥିତ ବିଜେଡି କାର୍ଯ୍ୟାଳୟଠାରେ ବୁଧବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି, ଆଦର୍ଶ ଓ ବିକାଶମୂଳକ କାର୍ଯ୍ୟରେ ପ୍ରଭାବିତ ହୋଇ ଏହି ନିର୍ବାଚନମଣ୍ଡଳୀର ୧୧ ନମ୍ବର ଜୋନ ଅନ୍ତର୍ଗତ ତାଳଜଙ୍ଗ ପଞ୍ଚାୟତର ବହୁ ଭାଜପା କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ମିଶ୍ରଣ ପର୍ବରେ ବିଧାୟକ ପ୍ରଣବ ବଳବନ୍ତରାୟ ଯୋଗଦେଇ ଦଳରେ ସାମିଲ କର୍ମୀଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ସେମାନେ ହେଲେ ଅଞ୍ଜିରା ପଞ୍ଚାୟତର ସ୍ମୃତିରଞ୍ଜନ ଧୀର, ଚିତ୍ତରଞ୍ଜନ ମହାନ୍ତି, ରାଜେନ୍ଦ୍ର ସିଂ, ରଞ୍ଜନ ପରିଚ୍ଛା, ସାଗର ଧୀର, ବଳରାମ ଧୀର, ରାକେଶ ବାରିକ, ଜ୍ୟୋତିରଞ୍ଜନ ନାୟକ, ନରହରି ମହନ୍ତି, ପଦ୍ମନାଭ ବାରିକ, ରୁଦ୍ରପ୍ରସାଦ ଧୀର, ପ୍ରକାଶ ଧୀର, ଅଭିଶେଖ ଧୀର, ଦେବାଶିଷ ମହାନ୍ତି, ଚୈତନ୍ୟ ଧୀର, ଆକାଶ ଧୀର, ଚିନ୍ମୟ ଧୀର, ସବ୍ୟସାଚୀ ଧୀର, ସୁମନ ଧୀର, ଆଶୁତୋଷ ଧୀର, ଆଶୁତୋଷ ମହାନ୍ତି, ରମେଶ ବାରିକ, ସତ୍ୟବ୍ରତ ଧୀର ଓ ଜ୍ଞାନରଞ୍ଜନ ଧୀର। ଛାତ୍ର ବିଜେଡି ସଭାପତି ଜଗଦାନନ୍ଦ ରାଉତ ଓ ୧୧ ନଂ ଜୋନ ଛାତ୍ର ବିଜେଡି ସଭାପତି ଜ୍ଞାନରଞ୍ଜନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଭୋଟର ସଚେତନତା କାର୍ଯ୍ୟକମ


ଭୋଟର ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀ।

ଯାଜପୁର ସଦର,୨୪।୪(ସମର ବିଜୟ ଶରଣ)

ଯାଜପୁର ଜିଲା ପ୍ରଶାସନ ଆନୁକୂଲ୍ୟରେ ବୁଧବାର ସନ୍ଧ୍ୟାରେ ଯାଜପୁର ଟାଉନ ବସଷ୍ଟାଣ୍ଡଠାରେ ଡ୍ରାଇଭରମାନଙ୍କୁ ନେଇ ଏକ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ହେୁରିଆ ମୁଖ୍ୟଅତିଥି ଏବଂ ଯାଜପୁର ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ନୀଳକଣ୍ଠ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲାର ସମସ୍ତ ଯାନ ଚାଳକ ମହାସଂଘ କର୍ମକର୍ତ୍ତା ଏବଂ ବସ ମାଲିକ ସଂଘର ସଦସ୍ୟଙ୍କୁ ନିରପେକ୍ଷ ମତଦାନ ସାବ୍ୟସ୍ତ କରିବା ଉପରେ ବୁଝାଇଥିଲେ। ଏଥିସହିତ ଶତ ପ୍ରତିଶତ ମତଦାନ ଦିଗରେ ଗୁରୁତ୍ୱାରୋପ କରିଥିଲେ। ଶେଷରେ ବସ ମାଲିକ ସଂଘ ଉପ ସଭାପତି ଇକବାଲ ଅଲ୍ଲୀ ଖାଁ ଧନ୍ୟବାଦ ଦେଇଥିଲେ।

# ଅନ୍ନପୂର୍ଣ୍ଣା ବେଶରେ ଦର୍ଶନଦେଲେ ମା'

ରସୁଲପୁର,୨୪।୪(ରଞ୍ଜିତ ରାଉତ)

ରସୁଲପୁର ବ୍ଲକ ଭୋଟକା ଓ ଗନ୍ଧଣ ପଞ୍ଚାୟତ ସୀମାନ୍ତବର୍ତ୍ତୀ ଅଞ୍ଚଳର ବଇଁଚ ପଡ଼ିଆରେ ଅବସ୍ଥିତ ମା' ହିଙ୍ଗୁଳାଙ୍କ ଯଜ୍ଞ ଉତ୍ସବ ଓ ଚଇତି ଯାତ୍ରାର ବୁଧବାର ଦ୍ୱିତୀୟ ଦିବସ ପାଳିତ ହୋଇଛି। ଏହି ଦିବସରେ ମା' ଭକ୍ତଙ୍କୁ ଅନ୍ନପୂର୍ଣ୍ଣା ବେଶରେ ଦର୍ଶନ ଦେଇଛନ୍ତି। ଶ୍ରଦ୍ଧାଳୁ ମା'ଙ୍କ ଏହି ବେଶକୁ ଦେଖି ଅଭିଭୂତ ହୋଇଉଠିଥିଲେ। ପୀଠରେ ଭିଡ ଜମାଇ ମା'ଙ୍କ ଆଶିଷ ଲାଭ କରିଥିଲେ। ଭକ୍ତମାନେ ଫୁଲ ଟାଙ୍ଗୁଡି ଓ ଭୋଗଥାଳି ଧରି ମନ୍ଦିର ବେଢାରେ ପ୍ରବେଶ କରିଥିଲେ। ପୀଠରେ ଦୀପ ଜାଳି ପରିବାର ଲୋକଙ୍କ ଶୁଭ ମନାସିଥିଲେ। ପ୍ରାତଃରୁ ମା'ଙ୍କ ମହାସ୍ନାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଭଜନ ସଂଧ୍ୟା, ମେଲୋଡି ଆଦି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ଖୋଲା ପଡିଆର ସୁଲୁସୁଲିଆ ପବନର ମଜା ନେବାକୁ ଦର୍ଶକଙ୍କ ଭିଡ ଜମିଥିଲା। ଯଜ୍ଞର ତୃତୀୟ ତଥା ପୂର୍ଣ୍ଣାହୁତି ଦିବସରେ ମା' ଭକ୍ତମାନଙ୍କୁ ସରସ୍ୱତୀଙ୍କ ବେଶରେ ଦର୍ଶନ ଦେବେ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ୨୦୪୭ରେ ଭାରତ ବିକଶିତ ରାଷ୍ଟ୍ରର ମାନ୍ୟତା ପାଇବ

ଯାଜପୁର ଟାଉନ,୨୪।୪
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

**ମୋଦିଙ୍କ ୧୦ବର୍ଷ ସୁଶାସନ ଓ ବିକାଶ ସଂକଳ୍ପପତ୍ର ୨୦୨୪ ପ୍ରକାଶିତ**



ଖବରଦାତା ସମ୍ମିଳନୀରେ ଭାଜପା ନେତାମାନେ।

ଯାଜପୁର ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ମଲ୍ଲିକାପୁରଠାରେ ଥିବା ଆଲିସା ମଣ୍ଡପରେ ବୁଧବାର ଯାଜପୁର ଭାଜପା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଦିଙ୍କ ୧୦ବର୍ଷ ସୁଶାସନ ଓ ବିକାଶ ସଂକଳ୍ପପତ୍ର ୨୦୨୪ ପ୍ରକାଶ କରାଯାଇଛି। ସମ୍ମିଳନୀରେ ଯାଜପୁର ବିଧାନସଭା ପ୍ରାର୍ଥୀ ଗୌତମ ରାୟ, ଲୋକସଭା ପ୍ରାର୍ଥୀ ଡ. ରବୀନ୍ଦ୍ର ନାରାୟଣ ବେହେରା, ପ୍ରଭାରୀ ବିଷ୍ଣୁଚରଣ ଦାଶ, ଭାଜପା ମହିଳା ମୋର୍ଚ୍ଚା ସହପ୍ରଭାରୀ ପ୍ରେମଲତା କର, ଜିଲା ଉପସଭାନେତ୍ରୀ ଦୀପ୍ତିମୟୀ ମିଶ୍ର , ଜିଲା ସାଧାରଣ ସମ୍ପାଦକ ସୁଦୀପ୍ତ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ୨୦୪୭ରେ ଭାରତ ଏକ ବିକଶିତ ରାଷ୍ଟ୍ରର ମାନ୍ୟତା ପାଇବ ବୋଲି କହିଛନ୍ତି।

କେନ୍ଦ୍ର ସରକାର ପାନୀୟ ଜଳ ପାଇଁ ବିପୁଳ କୋଟି ଟଙ୍କା ପ୍ରଦାନ କରିଥିବାବେଳେ ଆଜି ପର୍ଯ୍ୟନ୍ତ ରାଜ୍ୟ ସରକାର ଲୋକଙ୍କ ପାଖରେ ଏହାର ସଫଳ ରୂପାୟନ କରିପାରିନାହାନ୍ତି। ୯୦କୋଟି ଟଙ୍କାର ତୈଳ ବିଶୋଧନଗାରା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବାବେଳେ ରାଜ୍ୟ ସରକାର ପଥର ଖାଦାନ ମାଫିଆଙ୍କ ପାଇଁ ଜାଗା ଦେଉ ନ ଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ମୋଦି ସରକାର ୧୦ବର୍ଷ ମଧ୍ୟରେ ଭାରତକୁ ଏକ ବିକଶିତ ରାଷ୍ଟ୍ର ରୂପେ ସାରା ବିଶ୍ୱରେ ପ୍ରତିପାଦନ କରିପାରିଛନ୍ତି। ଆସନ୍ତା ୫ବର୍ଷ ମଧ୍ୟରେ ଭାରତ ବିଶ୍ୱର ୩ୟ ଅର୍ଥନୈତିକ ବିକାଶ ରାଷ୍ଟ୍ର ହେବାକୁ ଯାଉଛି। ମୋଦିଙ୍କ ୩ୟ ପାଳିରେ ଯାଜପୁର ଜିଲାକୁ ପ୍ରଥମେ ରେଳ ସଂଯୋଗୀକରଣ କାର୍ଯ୍ୟ ନିଶ୍ଚିତ ଭାବେ କାର୍ଯ୍ୟ ଆରମ୍ଭ କରାଯିବା ସହ ଐତିହର ବିକାଶ ଘଟିବ। ମୋଦିଙ୍କ ଗ୍ୟାରେଣ୍ଟି କାର୍ଡରେ ୮୦କୋଟିରୁ ଅଧିକ ନାଗରିକ ମାଗଣା ରାଶନ ପାଉଥିବା ବେଳେ ୫୦କୋଟିରୁ ଅଧିକ ନାଗରିକ ବ୍ୟାଙ୍କିଂ ବ୍ୟବସ୍ଥାରେ ଯୋଗଦେଇଛନ୍ତି। ୬୪ କୋଟି ଟଙ୍କା ସିଧାସଳଖ ଲୋକମାନଙ୍କୁ ଖାତାକୁ ପଠାଇ ଦିଆଯାଇଛି। ଏହାବ୍ୟତୀତ ମଧ୍ୟବିତ୍ ପରିବାରରେ ଏକ ନିଜସ୍ୱ ଘରକରିବାର ସ୍ୱପ୍ନକୁ ସାକାର କରାଯିବା ସହ ଅନେକ ଲୋକାଭିମୁଖି ଯୋଜନାକୁ ତ୍ୱରାନ୍ୱିତ କରାଯିବ ବୋଲି କୁହାଯାଇଛି।

ପରେ କର୍ମକର୍ତ୍ତା ବିଜେଡି ଶାସନର ଦୁର୍ନୀତି ସମ୍ପର୍କରେ କହିଛନ୍ତି। ଯାଜପୁର ନିର୍ବାଚନମଣ୍ଡଳୀରେ କେଉଁ କାମ କେତେ ଟଙ୍କା ଖର୍ଚ୍ଚରେ କରାଯାଉଛି, ଏହାର ନିର୍ମାଣ କାର୍ଯ୍ୟ କେବେ ସମାପ୍ତ ହେବ, ଏହାକୁ କୌଣସି ସାଧାରଣ ଲୋକ ଜାଣିବା ପାଇଁ କିଛି ବ୍ୟବସ୍ଥା ନାହିଁ। ରାସ୍ତା ଘାଟ ନିର୍ମାଣ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଶହ ଶହ ବ୍ୟବସାୟୀ ଏବଂ ଲୋକମାନଙ୍କୁ ବେଘର ହେବାକୁ ପଡିଛି। ସେମାନଙ୍କୁ ଉଚିତ୍ ଥଇଥାନ ନ କରି ମନଇଚ୍ଛା ଘର ଭାଙ୍ଗିଦେବା ଏବଂ ଶହ ଶହ ସଂଖ୍ୟାର ବ୍ୟବସାୟୀକ ଥାଳକୁ ଗୋଇଠା ମାରିବା ଆଦି କାର୍ଯ୍ୟକୁ ଭାଜପା ସରକାର ଆସିଲେ ପୁନର୍ବିଚାର କରାଯିବ ବୋଲି ଖବରଦାତା ସମ୍ମିଳନୀରେ ଉପସ୍ଥିତ ବିଧାନସଭା ପ୍ରାର୍ଥୀ ରାୟ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଭାତୁଆବଟରେ ଭାଗବତ ପାରାୟଣ,ହରିହାଟ

ଆଳି,୨୪।୪(ବନମାଳୀ ସେନାପତି)

ମାଳିକା ବର୍ଣ୍ଣିତ ଶ୍ରୀ ପୌଲସ୍ତ୍ୟ ଋଷିଙ୍କ ଆସ୍ଥାନ ଭାତୁଆବଟରେ ଭାଗବତ ପାରାୟଣ ଓ ହରିହାଟ ମହାସମାରୋହରେ ଅନୁଷ୍ଠିତ ହୋଇଛି। କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ମାଳପାଟଣା ଗ୍ରାମ ମୁଣ୍ଡରେ ଥିବା ଏହି ଆଶ୍ରମ ଶ୍ରୀଅନନ୍ତ ବାସୁଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ପ୍ରତିବର୍ଷ ପରି ପାରମ୍ପରିକ ରୀତିରେ ସପ୍ତଦିନ ବ୍ୟାପୀ ଭାଗବତ ପାରାୟଣ ଓ ହରିହାଟ ଗତ ମଙ୍ଗଳବାର ରାତିରେ ଶେଷ ହୋଇଛି। ବୁଧବାର ଶ୍ରୀଘଟ ସ୍ଥାପନ,ଗୋପୂଜା, ସୂର୍ଯ୍ୟ ପୂଜା ଓ ପାରାୟଣ ଆରମ୍ଭ ହୋଇଥିଲା। ୭ଦିନ ଧରି ପାରାୟଣ ପରେ ଶାସ୍ତ୍ରୀୟ ବ୍ରାହ୍ମଣମାନଙ୍କ ଶ୍ରୀମଦ ଭଗବତ ଗୀତା ଆବୃତ୍ତିରେ ହରିହାଟ କରାଯାଇଥିଲା। କେବଳ ମାଳପାଟଣା ନୁହେଁ ସମଗ୍ର ଚଣ୍ଡିଆଗଡ଼ି ଗ୍ରାମ ପଞ୍ଚାୟତର ଶ୍ରଦ୍ଧାଳୁମାନେ ହରିହାଟରେ ଉପସ୍ଥିତ ଥିଲେ। ଶ୍ରଦ୍ଧାଳୁମାନଙ୍କ ପାଇଁ ଅନୁଷ୍ଠାନ ପକ୍ଷରୁ ଆନନ୍ଦ ବଜାରର ବ୍ୟବସ୍ଥା କରାଯାଇଥିଲା।

# ଅଧାପନ୍ତରିଆ ରାସ୍ତାରେ ଯାତାୟାତ ସମସ୍ୟା

ଆଳି,୨୪।୪ (ବନମାଳୀ ସେନାପତି)

- ଆଳି ଗ୍ରାମ୍ୟ ଉନ୍ନୟନ ବିଭାଗର ଅବହେଳା
- ଚଣ୍ଡିଆଗଡ଼ିଠାରୁ ମହାସାହାଣୀ ପର୍ଯ୍ୟନ୍ତ ଯାଇଥିବା ରାସ୍ତା

ରାଜ୍ୟ ସରକାର ଗମନାଗମନ କ୍ଷେତ୍ରରେ ଉନ୍ନତି ଆଣିବା ନିମନ୍ତେ ଗ୍ରାମ୍ୟ ଉନ୍ନୟନ ବିଭାଗ, ପୂର୍ତ୍ତ ବିଭାଗ ଭଳି ଅନେକ ବିଭାଗ ମାଧ୍ୟମରେ ଅର୍ଥ ଖର୍ଚ୍ଚ କରୁଛନ୍ତି। କିନ୍ତୁ ବିଭାଗରେ କାର୍ଯ୍ୟରତ ଅଧିକାରୀମାନେ ନିଜ ମନମୁଖି କାର୍ଯ୍ୟ ଯୋଗୁ ସାଧାରଣ ଲୋକ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ବିଭାଗୀୟ ଅଧିକାରୀମାନଙ୍କ ବେପରୁଆ ମନୋଭାବ ଯୋଗୁ ଗମନାଗମନ କ୍ଷେତ୍ରରେ ଯାତ୍ରୀମାନେ ହଇରାଣ ହେଉଛନ୍ତି। ଯାତ୍ରୀମାନେ ଯାତାୟାତଠାରୁ ଆରମ୍ଭ କରି ଗାଡି ଚଳାଚଳ କ୍ଷେତ୍ରରେ ମଧ୍ୟ ଅନେକ ଅସୁବିଧା ହେଉଛି। ଏଭଳି ଘଟଣାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଆଳି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କରାଯାଇଥିବା କଟକ-ଚାନ୍ଦବାଲି ମୁଖ୍ୟ ରାସ୍ତା (ଚଣ୍ଡିଆଗଡି)ଠାରୁ ମହାସାହାଣୀ ପର୍ଯ୍ୟନ୍ତ ଯାଇଥିବା ରାସ୍ତାରେ।

ଆଳି ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀ, ଯନ୍ତ୍ରୀ ଓ ଠିକାଦାରଙ୍କ ବେପରୁଆ ମନୋଭାବ ଯୋଗୁ ଦୀର୍ଘବର୍ଷ ହେବ ଅଧାପନ୍ତରିଆ ଅବସ୍ଥାରେ ଥିବା ରାସ୍ତାରେ ଯାତାୟାତ ସମୟରେ ଦୈନିକ ଦୁର୍ଘଟଣା ଘଟୁଛି। ରାସ୍ତା ନିର୍ମାଣ କରିଥିବା ଠିକାଦାର ଚୁକ୍ତିନାମା ଅନୁଯାୟୀ ରାସ୍ତାକୁ ପ୍ରତିବର୍ଷ ମରାମତି କରୁଥିବା ବେଳେ ମାତ୍ର ୫୦ ମିଟର ରାସ୍ତା କାର୍ଯ୍ୟ ହୋଇ ନ ଥିବାରୁ ଯାତାୟାତ ସମୟରେ ବାଇକ୍, ସାଇକେଲ ଆରୋହୀମାନେ ପଡି ଖଣ୍ଡିଆ ଖାବରା ହେଉଛନ୍ତି। ରାସ୍ତାଟିର ଆରମ୍ଭ ସ୍ଥାନ ମାଳପାଟଣା ଗାଁ ମୁଣ୍ଡରେ ପ୍ରାୟ ୫୦ ଫୁଟ ରାସ୍ତାର ନିର୍ମାଣ ହୋଇନାହିଁ। ଚଣ୍ଡିଆଗଡିଠାରୁ ମହାସାହାଣୀ ପର୍ଯ୍ୟନ୍ତ ପ୍ରାୟ ଅଢେଇ କିଲୋମିଟର ରାସ୍ତା ପ୍ରାୟ ୫ବର୍ଷ ହେବ ନିର୍ମାଣ ସରିଛି। ମାତ୍ର ବିଡ଼ମ୍ବନାର ବିଷୟ ଯେ ମହାସାହାଣୀଠାରୁ ଆସିଥିବା ରାସ୍ତା ମୁଖ୍ୟ ରାସ୍ତା କଟକ-ଚାନ୍ଦବାଲିକୁ ସଂଯୋଗ ହୋଇପାରିନି। ଏହି ରାସ୍ତା ଉପରେ ମହାସାହାଣୀ, ନାଉଡିହ, ବେଲାରୀ, ସହିରା, ବାଟିପଡା ଅଞ୍ଚଳର ହଜାର ହଜାର ଲୋକ ଦୈନିକ ଯାତାୟାତ ନିମନ୍ତେ ନିର୍ଭର କରିଥାନ୍ତି। ମାତ୍ର ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ସ୍ଥିରୀକୃତ ଠିକାଦାର ମହାସାହାଣୀଠାରୁ ଆସିଥିବା ରାସ୍ତାକୁ ମୁଖ୍ୟ ରାସ୍ତା ସହ ସଂଯୋଗ ନ କରି ମାଳପାଟଣା ନିକଟରେ ଥିବା ଏକ କ୍ଲବ ଘର ପାଖରେ ଛାଡି ଦେଇଥିଲେ। ମୁଖ୍ୟ ରାସ୍ତା ସହ ଏହି ରାସ୍ତା ସଂଯୋଗ ହୋଇ ନ ଥିବାରୁ ଗାଡି ଗଡ଼ାଇବା ସହିତ ଉଠାଇବା ବେଳେ ଅନେକ ଅସୁବିଧା ହେଉଛି। ଏପରି କି ଅନେକ ସମୟରେ ବାଇକ୍, ସାଇକେଲ, ଅଟୋ ଯାତ୍ରୀ ଦୁର୍ଘଟଣାର ଶିକାର ହେଉଛନ୍ତି।



ଅଧାପନ୍ତରିଆ ରାସ୍ତାରେ ଯାନବାହନ ଚଳାଚଳ କରୁଛି।

ଏଠାରେ ପ୍ରଶ୍ନ ଉଠୁଛି ଯେ ରାସ୍ତା ସମ୍ପୂର୍ଣ୍ଣ ନାମରେ ଠିକାଦାର ବିଲ୍ ପାଇ ସାରିଥିବା ବେଳେ କ'ଣ ପାଇଁ ରାସ୍ତାଟି ମୁଖ୍ୟ ରାସ୍ତା ସହିତ ସଂଯୋଗ ହେଲାନାହିଁ। କିପରି ଅସମ୍ପୂର୍ଣ୍ଣ କାର୍ଯ୍ୟରେ ସମ୍ପୂର୍ଣ୍ଣ ବିଲ କରାଗଲା। ଏ ସମ୍ପର୍କରେ ଆଳି ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀ ଲକ୍ଷ୍ମୀକାନ୍ତ ରାଉତଙ୍କୁ ପଚାରିବାରେ ରାସ୍ତା ଆରମ୍ଭରୁ ଜମିଟି ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କର ହୋଇଥିବାରୁ ଏହି ସ୍ଥାନ ଛାଡୁନାହାନ୍ତି। ଯେତେବେଳେ ସେ ଜାଗା ଛାଡ଼ିବେ ଆମେ ତୁରନ୍ତ ରାସ୍ତା ଶେଷ କରିବୁ। ଏହି ଅଧାପନ୍ତରିଆ ରାସ୍ତାକୁ ତୁରନ୍ତ ମୁଖ୍ୟ ରାସ୍ତା ସହ ସଂଯୋଗ କରିବା ନିମନ୍ତେ ଅଞ୍ଚଳର ପଦନ ବନ୍ଧ, ସୁନାକର ମାଣିକ, ଶ୍ରୀଧର ନନ୍ଦି, ବଳିଆ ନନ୍ଦି, ସୁରେନ୍ଦ୍ର ଲେଙ୍କା ପ୍ରମୁଖ ଅଞ୍ଚଳବାସୀ ଦାବି କରିଛନ୍ତି।

## ମେଣ୍ଟପୁର ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ପୂଜ୍ୟପୂଜା

ଆଳି,୨୪।୪ (ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଅନ୍ତର୍ଗତ ମେଣ୍ଟପୁର ପଞ୍ଚାୟତର ପଦନପୁରଠାରେ ଥିବା ମେଣ୍ଟପୁର ଗ୍ରାମପଞ୍ଚାୟତ ଉଚ୍ଚବିଦ୍ୟାଳୟ ପରିସରରେ ଏକ ପୂଜ୍ୟପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ପଦ୍ମଲୋଚନ ମହାଳିକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ବୁଧବାର ପୂର୍ବାହ୍ନରେ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁନିମା ସିଂ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ସହଦେବ ନୋଡାଲ ହାଇସ୍କୁଲର ପ୍ରଧାନଶିକ୍ଷକ ଦେବରାଜ ନାୟକ,ଶରତ କୁମାର ଦେବ ହାଇସ୍କୁଲର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ମଲିକ, ଟୁଙ୍ଗାର ସିପିବିଇଟି ହାଇସ୍କୁଲର ପ୍ରଧାନଶିକ୍ଷକ ସୁଶାନ୍ତ କର, ଚକ୍ରଧର ହାଇସ୍କୁଲର ପ୍ରଧାନଶିକ୍ଷକ ବିରଞ୍ଚି ନାରାୟଣ ମହାପାତ୍ର, ଆଳି ହାଇସ୍କୁଲର ପ୍ରଧାନଶିକ୍ଷକ ରଶ୍ମିତା ସେନାପତି, ଆର୍‌ଏନ୍‌ଜିପି ହାଇସ୍କୁଲର ବରିଷ୍ଠ ଶିକ୍ଷକ ଅଶୋକ କୁମାର ବିଶ୍ୱାଳ, ଚଣ୍ଡିଆଗଡି ହାଇସ୍କୁଲର ବରିଷ୍ଠ ଶିକ୍ଷକ ଶୁଭକାନ୍ତ ମିଶ୍ର, ମହମ୍ମଦ ହସିମୁଦ୍ଦିନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମାନସ ମହାନ୍ତି, ଶିକ୍ଷାବିତ୍ ବନମାଳୀ ସେନାପତି,ବିଜୟ କୁମାର ବୋଇତି ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ପ୍ରମୋଦ ମଲିକ, ସେକ୍ ତଫିକ ଅଲି, ମହମ୍ମଦ ସଫିକ, ନିରଞ୍ଜନ ସାହୁ, ସେକ୍ ଆଦିଲ, ସେକ୍ ଅଲୀଅହମ୍ମଦ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରାକ୍ତନ ପ୍ରଧାନ ଶିକ୍ଷକଙ୍କୁ ବିଦ୍ୟାଳୟ ପକ୍ଷରୁ ମାନପତ୍ର, ଉତ୍ତରୀୟ,ଓ ଉପଢୌକନ ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ମହାଳିକ ନିଜ ପ୍ରତିକ୍ରିୟାରେ କହିଥିଲେ ବିଦ୍ୟାଳୟ ପ୍ରତି ତାଙ୍କର ସମ୍ପର୍କ ଯାହା ପୂର୍ବରୁ ଥିଲା ତାହା ସବୁଦିନେ ଅତୁଟ ରହିବ।



ପ୍ରାକ୍ତନ ପ୍ରଧାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଆଳିରେ ଶତାଧିକ କଂଗ୍ରେସ ପରିବାର ବିଜେଡିରେ ସାମିଲ



ଆଳି ,୨୪।୪(ବନମାଳୀ ସେନାପତି)

ଆଳି ବିଧାୟକ ତଥା ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କ ଆଳି ରାଜବାଟୀ ପରିସରରେ ବିଜେଡିର ଏକ ମିଶ୍ରଣ ପର୍ବ ବୁଧବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଆଳିବ୍ଲକ ସହିରା ପଞ୍ଚାୟତର କଂଗ୍ରେସ ସଙ୍ଗଠକ ତଥା ପୂର୍ବତନ ସରପଞ୍ଚ ନଳିନୀ ପାତ୍ର ତାଙ୍କର ଶତାଧିକ ସମର୍ଥକଙ୍କ ସହ କଂଗ୍ରେସ ଦଳ ପରିତ୍ୟାଗ କରି ରାଜବାଟୀ ପରିସରରେ ବିଜେଡିରେ ଯୋଗ ଦେଇଛନ୍ତି। ଆଳି ନିର୍ବାଚନମଣ୍ଡଳୀରେ ମନ୍ତ୍ରୀ ପ୍ରତାପଙ୍କ ଦ୍ୱାରା ହୋଇଥିବା ବିକାଶମୂଳକ କାର୍ଯ୍ୟ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଭାବମୂର୍ତ୍ତି ତଥା ଓଡ଼ିଶାର ବିକାଶରେ ପ୍ରଭାବିତ ହୋଇ ନଳିନୀ ତାଙ୍କ ସମର୍ଥକମାନଙ୍କୁ ନେଇ ବିଜେଡିରେ ଯୋଗ ଦେଇଥିବା କହିଛନ୍ତି।

ମନ୍ତ୍ରୀ ଦେବ ନଳିନୀଙ୍କ ସମେତ ଦଳରେ ସାମିଲ ହୋଇଥିବା ରଞ୍ଜିତ ଯେନା, ପ୍ରତାପ ଯେନା, କ୍ଷୀରୋଦ ମହାନ୍ତି, ପଞ୍ଚାନନ ଯେନା, ଦିଲୀପ ଯେନା, ବିପିନ ଯେନା, ସୁବାସ ଯେନା, ଅମିୟ ବେହୁରା, ଦିଲୀପ କୁମାର ରାଉତ, ଗୌରାଙ୍ଗ ସାହୁ, ରଞ୍ଜିତ କୁମାର ରାଉତ, କୈଳାସ ରାଉତ, କପିଳା ମଳିକ, ଗୋପୀନାଥ ଦାସ, ଦଶରଥ ଯେନା, ଭକୁ ପାତ୍ର, ଗଗନ ବିହାରୀ ଯେନା ଓ ରାଜା ମହାନ୍ତି ପ୍ରମୁଖ କର୍ମୀଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରି ଦଳକୁ ସ୍ୱାଗତ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଦେବ କହିଥିଲେ, ବିଜେଡିର କାର୍ଯ୍ୟକ୍ରମ ଦ୍ୱାରା ପ୍ରଭାବିତ ହୋଇ ଦଳରେ ଲୋକମାନେ ସାମିଲ ହେବା ଏହା ନିଶ୍ଚିତ ଭାବେ ଆଳି ବିଜେଡିକୁ ଆହୁରି ଦୃଢ଼ କରିବ। ଏହି ମିଶ୍ରଣ ପର୍ବରେ ବ୍ଲକ ସଭାପତି ସନାତନ ମିଶ୍ର, ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଜିଲା ପରିଷଦ ସଦସ୍ୟ ଭୀଷ୍ମ ମହାନ୍ତିଙ୍କ ସମେତ ଅନେକ ଛାମୁଆ କର୍ମୀ ଓ ସଙ୍ଗଠକମାନେ ଉପସ୍ଥିତ ଥିଲେ।

## ବେଡ଼ାରି ଗ୍ରାମରେ ଚଇତି ପର୍ବ,ବାସୁଳେଇ ପୂଜା

ପାଟକୁରା,୨୪।୪(ରବୀନ୍ଦ୍ରନାଥ ବାରିକ)

ଗରଦପୁର ବ୍ଲକ ଅଧୀନ ବେଡାରି ଗ୍ରାମରେ ମଙ୍ଗଳବାର ଚୈତ୍ର ପୂର୍ଣ୍ଣିମାରେ ଚଇତି ପର୍ବ ଆରମ୍ଭ ହୋଇଯାଇଛି। ଗ୍ରାମରେ ଥିବା ୩୧ କୈବର୍ତ୍ତ ପରିବାର ଏହାକୁ ଧୁମ୍‌ଧାମ୍‌ରେ ପାଳନ କରିଛନ୍ତି। ସକାଳେ ଘର ଲିପାପୋଛା କରି, ଚିତା ପକାଇ ଜାଲକୁ ଗଉଣି ଭିତରେ ପୁରାଇ ଚିତା ପଡ଼ିଥିବା ସ୍ଥାନରେ ସ୍ଥାପନ କରନ୍ତି। ଜାଲ ଉପରେ ରଙ୍ଗୀନ ଛିଟ୍ କପଡ଼ା ଘୋଡାଇ ରଙ୍ଗବେରଙ୍ଗର ଫୁଲ ସଜାଇ ଥିଲେ । ଏହାପରେ ପରିବାରର ସମସ୍ତ ସଦସ୍ୟ ଏକତ୍ରିତ ହୋଇ ପୂଜା କରିଥିଲେ। ସେଠାରେ ମା'ବାସୁଳେଇଙ୍କୁ ପ୍ରସାଦ ଲାଗି କରିବା ପରେ ଡଙ୍ଗାରେ ସିନ୍ଦୁର ଚନ୍ଦନ ଫୁଲ ଚଢାଇ ପ୍ରସାଦ ଲାଗି କରିଥିଲେ। ଏହି ଉପଲକ୍ଷେ କୈବର୍ତ୍ତ ପରିବାରରେ ପିଠା ପଣା ସମେତ ଖାଦ୍ୟ ପ୍ରସ୍ତୁତ କରି ପଡ଼ିଶା ଲୋକଙ୍କୁ ଡାକି ଖାଇବାକୁ ଦେଇଥିଲେ । ସନ୍ଧ୍ୟାରେ ଗ୍ରାମ ଠାକୁରାଣୀ ମଣ୍ଡପରେ ସୁସଜ୍ଜିତ କାଠଘୋଡାକୁ ସ୍ଥାପନ କରି ବାସୁଳେଇ ପୂଜା କରିଥିଲେ। ଗ୍ରାମର ସଞ୍ଜୟ ବେହେରା ଓ ଦୁର୍ଯ୍ୟୋଧନ ବେହେରା ବାଜାର ତାଳେ ତାଳେ ବସୁଳେଇଙ୍କ ଚଇତି ବନ୍ଦନା ଗାନ କରିଥିଲେ। ଏହାକୁ ଦେଖିବାକୁ ଗ୍ରାମବାସୀ ମାନେ ରୁଣ୍ଡ ହୋଇଥିଲେ । ଏହି ପରମ୍ପରା ଗ୍ରାମରେ କେଉଁ ଅନାଦି କାଳରୁ ପ୍ରଚଳନ ହୋଇ ଆସୁଛି ବୋଲି କୈବର୍ତ୍ତ ସାହିର ମୁରବି ଗୋକୁଳାନନ୍ଦ ବେହେରା, ଦୁଷ୍ମନ୍ତ ବେହେରା ଓ ଅକ୍ଷୟ ବେହେରା ମତବ୍ୟକ୍ତ କରିଛନ୍ତି।

## ବରୁଣାଡିହାରେ ବିଜେଡି କର୍ମୀ ସମ୍ମିଳନୀ



ବିଜେଡି କର୍ମୀ ସମ୍ମିଳନୀରେ ଦଳୀୟ ନେତୃବୃନ୍ଦ।

ରାଜକନିକା,୨୪।୪(ରବୀନ୍ଦ୍ର କୁମାର ଦାସ)

ଆଳି ନିର୍ବଚନ ମଣ୍ଡଳୀର ରାଜକନିକା ବ୍ଲକ ବରୁଣାଡିହା ପଞ୍ଚାୟତରେ ପୂର୍ବତନ ସରପଞ୍ଚ ସୁବାସ ନାୟକଙ୍କ ସଭାପତିତ୍ୱରେ ଏକ କର୍ମୀ ସମ୍ମିଳନୀ ଓ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଶକ୍ତିମନ୍ତ୍ରୀ ପ୍ରତାପ ଦେବଙ୍କ ନେତୃତ୍ୱରେ ଏହି ମିଶ୍ରଣପର୍ବରେ ବରୁଣାଡିହା ପଞ୍ଚାୟତର ଶଙ୍କର୍ଷଣ ନାୟକଙ୍କ ନେତୃତ୍ୱରେ ଶତାଧିକ କର୍ମୀ କଂଗ୍ରେସ ଛାଡି ବିଜେଡିରେ ସାମିଲ ହୋଇଛନ୍ତି। ମନ୍ତ୍ରୀ ପ୍ରତାପ ଦେବ ନୂତନ କର୍ମୀ ମାନଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ରାଜକନିକା ବ୍ଲକର ପୂର୍ବତନ ଅଧ୍ୟକ୍ଷ କପିଳେନ୍ଦ୍ର ମଲିକ,ବର୍ତ୍ତମାନର ଅଧ୍ୟକ୍ଷା ମିନତୀ ରାଉତ, ବିଧାୟକଙ୍କ ପ୍ରତିନିଧି ବିକାଶ ଦାସ, ବ୍ଲକ ସଭାପତି ବିଦ୍ୟାଧର ବେହେରା, ସାଂସଦଙ୍କ ପ୍ରତିନିଧି ପବିତ୍ର ରାଉତ, ମହିଳା ସଭାନେତ୍ରୀ ସଂଯୁକ୍ତା ଶତପଥୀ, ସମିତି ସଭ୍ୟ ବିକାଶ ମଳିକ, ପୂର୍ବତନ ସରପଞ୍ଚ ପୁଷ୍ପଲତା ସେଠୀ, ନାରୀନେତ୍ରୀ ଶାନ୍ତି ମହାନ୍ତି,ଯୁବ ନେତା ହରିଶ ମହାପାତ୍ର, ବରୁଣା ପଞ୍ଚାୟତର ପୂର୍ବତନ ସରପଞ୍ଚ ଉତ୍ତମ ସେନାପତି ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ଅରଡ଼ପଲ୍ଲୀରେ ଅଗ୍ନିଷ୍ଟୋମ ମହାଯଜ୍ଞ

ପଟ୍ଟାମୁଣ୍ଡାଇ,୨୪।୪(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ଅରଡ଼ପଲ୍ଲୀ ପଞ୍ଚାୟତ ହାଟକୁଳ ପଡିଆରେ ୫ଦିନ ବ୍ୟାପି ଅଗ୍ନିଷ୍ଟୋମ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବହୁ ବିଦ୍ୱାନ ବେଦଜ୍ଞ ପଣ୍ଡିତଙ୍କ ଦ୍ୱାରା ଯଜ୍ଞ ଯଥାବିଧି ସମ୍ପନ୍ନ କରାଯାଇଥିଲା। ଏଇ ଅବସରରେ ନାମ ସଂକୀର୍ତ୍ତନ, ଘୋଡା ନାଚ, ଭଜନ ସମାରୋହ, ନୃତ୍ୟ ଗୀତ ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ପ୍ରତ୍ୟହ ଶ୍ରଦ୍ଧାଳୁମାନେ ଯୋଗ ଦେଇ ଭଗବାନଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ମଙ୍ଗଳବାର ଯଜ୍ଞର ପୂର୍ଣ୍ଣାହୁତିରେ ଅରଡ଼ପଲ୍ଲୀ ସମେତ ଆଖ ପାଖ ଅଞ୍ଚଳର ୧୦ ହଜାରରୁ ଊର୍ଦ୍ଧ୍ୱ ଜନସମାଗମ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଅରଡ଼ପଲ୍ଲୀ ଗ୍ରାମବାସୀ ପରିଚାଳନା କରିଥିଲେ।

## ସାନଜରିଆରେ ବିଜେଡିର ମିଶ୍ରଣ ପର୍ବ

ପଟ୍ଟାମୁଣ୍ଡାଇ,୨୪।୪(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ ସାନଜରିଆ ପଞ୍ଚାୟତରେ ଆଗାମୀ ସାଧାରଣ ନିର୍ବାଚନରେ ରେକର୍ଡ ବିଜୟ ପାଇଁ କ୍ଷେତ୍ର ପ୍ରସ୍ତୁତ କରିଛି ବିଜେଡି । ଉଭୟ ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କ ବୃହତ୍ ବିଜୟ ବ୍ୟବଧାନ ପାଇଁ ଦଳ ପକ୍ଷରୁ ବୋଧଗାଁ ପଡ଼ଆରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ବିଜେଡି ସଭାପତି କିଶୋର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ମିଶ୍ରଣ ପର୍ବରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇ ବିଭିନ୍ନ ବର୍ଗ ସମେତ ଆଞ୍ଚଳିକ ବିକାଶ ବିଜେଡିର ଏକମାତ୍ର ପରିଚୟ ହୋଇଥିବାରୁ ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନରେ ଡବଲ ଶଙ୍ଖରେ ଭୋଟ ଦେଇ କେନ୍ଦ୍ରାପଡ଼ା ଲୋକସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ରାଜନଗର ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁଙ୍କୁ ରେକର୍ଡ ବ୍ୟବଧାନରେ ବିଜୟୀ କରିବାକୁ ନିବେଦନ କରିଥିଲେ । ୧୭ନଂ ଜିଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ,ବରିଷ୍ଠ ନେତା ପୂର୍ବତନ ସରପଞ୍ଚ ଯଦୁମଣି ଦାସ, ୧୬ନଂ ଜିଲା ପରିଷଦ ପ୍ରତିନିଧି ସ୍ୱପ୍ନ ରଞ୍ଜନ ବେହେରା ,ସମିତି ସଭ୍ୟ ସୁବାସ ବାରିକ, ବ୍ଲକ ବିଜେଡି ଉପସଭାପତି ଅରକ୍ଷିତ ସାହୁ ପ୍ରମୁଖ ଭାଷଣ ଦେଇ ଉଭୟ ଲୋକସଭା ଓ ବିଧାନସଭା ବିଜେଡି ପ୍ରାର୍ଥୀଙ୍କୁ ଜୟଯୁକ୍ତ କରିବାକୁ ନିବେଦନ କରିଥିଲେ।

## ତାଲୁକ ଆଇନ ସେବା ସମିତି ପକ୍ଷରୁ ସଚେତନତା




ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ତାଲୁକ ଆଇନ ସେବା ସମିତିର କର୍ମକର୍ତ୍ତା।

ପଟ୍ଟାମୁଣ୍ଡାଇ,୨୪।୪(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ ଖଡିଅଣ୍ଟା ପଞ୍ଚାୟତ ନୋଡାଲ ହାଇସ୍କୁଲ ଠାରେ ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷା ସିନିୟର ସିଭିଲ ଜର୍ଜ ସୁଶ୍ରୀ ସଙ୍ଗୀତା ମଳିକଙ୍କ ନିର୍ଦ୍ଦେଶ କର୍ମେ ବୁଧବାର ପୋଷା ଆଇନ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ଭବାନୀ ଶଙ୍କର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଓ ବରିଷ୍ଠ ଆଇନଜୀବୀ ପଟ୍ଟାମୁଣ୍ଡାଇ ବାର ଆସୋସିଏଶନର ଉପସଭାପତି ସୁରେଶ ନରେନ୍ଦ୍ରଙ୍କ ସଂଯୋଜନାରେ ଅନିଷ୍ଠିତରେ ଏହି କାର୍ଯ୍ୟକ୍ରମରେ ପୋଷାଆଇନ ଉପରେ ଅଲୋଚନା କରାଯାଇଥିଲା। ବିଭିନ୍ନ ସ୍ଥାନରେ ମହିଳାମାନେ ଯୌନ ଶୋଷଣର ଶିକାର ହେଉଛନ୍ତି। ସେଥିପାଇଁ କେଉଁ ପଦକ୍ଷେପ ତାଲୁକ ଆଇନରେ ଅଛି ତାହା ବିଷୟରେ ପଟ୍ଟାମୁଣ୍ଡାଇ ବାର କୋଷାଧକ୍ଷ ଆଇନଜୀବୀ ଧୀରେନ୍ଦ୍ର ନାଥ ସାହୁ ଛାତ୍ରୀଛାତ୍ରମାନଙ୍କୁ ଆଲୋକପାତ କରାଇଥିଲେ।

ବିଦ୍ୟାଳୟରେ ଶିକ୍ଷୟିତ୍ରୀ, ଶିକ୍ଷକମାନେ କମିଟି ଗଠନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହିକମିଟିମାଧ୍ୟମରେ ପୀଡିତା କିପରି ନ୍ୟାୟ ପାଇପାରିବ ସେ ବିଷୟରେ ବୁଝାଇ ଥିଲେ। ପ୍ରଧାନଶିକ୍ଷକ ଆଶିଷ ଦାଶ, ପିଏଲଭି ସଭ୍ୟ ଗୋକୁଳ ରାଉତ ଯୋଗଦେଇ କିପରି ଖୁବ୍‌ଶୀଘ୍ର କମିଟି ଗଠନ ହୋଇପାରିବ ସେମାନେ ମତ ରଖିଥିଲେ । ,ତାଲୁକ ଅଫିସର ଜିତେନ୍ଦ୍ର ନନ୍ଦୀ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ବରିଷ୍ଠ ଆଇନଜୀବୀ ଶରତ ଚନ୍ଦ୍ର ମଳିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଖୁଚାଷରୁ ମୁହଁ ଫେରାଉଛନ୍ତି ଚାଷୀ

ମାର୍ଶାଘାଇ,୨୪।୪ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)



କେନ୍ଦ୍ର, ରାଜ୍ୟ ସରକାର କୃଷି ଓ କୃଷକଙ୍କ ଉନ୍ନତି ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି। ହେଲେ ତଳସ୍ତରରେ ତାହା ପ୍ରତିଫଳିତ ହେଉ ନ ଥିବା ଦେଖିବାର ମିଳୁଛି। ମାର୍ଶାଘାଇ ବ୍ଲକ ଏକ କୃଷି ପ୍ରବଣ ଅଞ୍ଚଳ। ୮୦ ଭାଗରୁ ଅଧିକ ଲୋକ କୃଷି ଉପରେ ନିର୍ଭର କରିଥାନ୍ତି। ଏ ଅଞ୍ଚଳର ଚାଷୀମାନେ ଅର୍ଥକାରୀ ଫସଲ ଭାବେ ଆଖୁ ଚାଷ କରିଥାନ୍ତି। ଲୁଣା କରାଣ୍ଡିଆ, ଚିତ୍ରୋତ୍ପଳା, ପାଇକା ଗୋବରୀ ଆଦି ନଦୀ କୂଳିଆ ଉର୍ବର ଜମିରେ ଚାଷୀ ଆଖୁ ଚାଷ କରି ପରିବାର ପ୍ରତିପୋଷଣ କରିଥାନ୍ତି। ମାତ୍ର ସରକାରୀ ପ୍ରୋତ୍ସାହନ ଅଭାବ ତଥା କୁଇଣ୍ଟାଲ ପ୍ରତି ସର୍ବନିମ୍ନ ସହାୟକ ରାଶି ବୃଦ୍ଧି କରା ନ ଯିବାରୁ ଚାଷୀମାନେ ଏହି ଚାଷରୁ ମୁହଁ ଫେରାଇ ନେଉଥିବା ଦେଖିବାକୁ ମିଳୁଛି। ପୂର୍ବରୁ ମାର୍ଶାଘାଇ କୃଷି ଜିଲାରେ ୩ଶହ ଏକର ଜମିରେ ପ୍ରତିବର୍ଷ ଆଖୁ ଚାଷ ହେଉଥିବା ବେଳେ ଏବେ ଏହା ହ୍ରାସ ପାଇଛି। ସୁଗାର କମ୍ପାନୀକୁ ଆଖୁ ବିକିବାକୁ ସହବନ୍ଧିତ ହୋଉଥିବା ଚାଷୀମାନେ ଏ ପରିସ୍ଥିତରେ

### ସରକାରୀ ପ୍ରୋତ୍ସାହନ ଅଭାବ

ଚାଷ ପାଇଁ ଆବଶ୍ୟକ ସାମଗ୍ରୀ ସାର, କୀଟନାଶକର ମୂଲ୍ୟ ବୃଦ୍ଧି ସାଙ୍ଗକୁ ଆଖୁ କାଟିବା ଓ ଗାଡ଼ି ବୋଝେଇ କରିବା ମଜୁରୀ ବୃଦ୍ଧି କାରଣରୁ ଚାଷୀ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଆଖୁ ଚାଷ ପାଇଁ କମ୍ପାନୀ ପକ୍ଷରୁ ଚାଷୀଙ୍କୁ ଦିଆଯାଉଥିବା ଆର୍ଥିକ ସହାୟତା ବଦଳରେ କମ୍ପାନୀ ସେମାନଙ୍କଠାରୁ ଉଚ୍ଚ ହାରରେ ସୁଧ ଅସୁଲ କରୁଥିବା କେତେଜଣ ଚାଷୀ ନାମ ଗୋପନ ସର୍ତ୍ତରେ କହିଛନ୍ତି।

ସରକାରୀ ସ୍ତରରେ ଆଖୁର ଟନ ପ୍ରତି ମୂଲ୍ୟ ୨ଶହ ଟଙ୍କା ବୃଦ୍ଧି କରାଯାଇଥିଲେ ମଧ୍ୟ ତାହା ଅନ୍ୟ ରାଜ୍ୟ ତୁଳନାରେ ନଗଣ୍ୟ। ଆଖୁ ଚାଷ ନିମନ୍ତେ ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ସହ ନୂଆ ସହାୟକ ମୂଲ୍ୟ ୩ ହଜାର ୫ ଶହ ଟଙ୍କା ବୃଦ୍ଧି କରିବାକୁ ସ୍ଥାନୀୟ ଅଞ୍ଚଳ ଚାଷୀ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କରେ ମାର୍ଶାଘାଇ ଅତିରିକ୍ତ କୃଷି ଅଧିକାରୀ ପ୍ରଦୀପ୍ତ ଘୋଷଙ୍କୁ ପଚାରିବାରେ ସରକାରଙ୍କ ସୀମିତ ପ୍ରୋତ୍ସାହନ ରାଶି ବ୍ୟବସ୍ଥା ରହିଛି। ଫଳରେ ଆଖୁ ଚାଷ କରୁଥିବା ସମସ୍ତ ଚାଷୀଙ୍କୁ ସହାୟତା ପ୍ରଦାନରେ କିଛି ଟା ସମସ୍ୟା ହେଉଛି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ୪ଜଣଙ୍କ ନାମାଙ୍କନ ଦାଖଲ

ପାରଳାଖେମୁଣ୍ଡି,୨୪।୪(ଗିରିଧାରୀ ପରିଛା): ପାରଳାଖେମୁଣ୍ଡିରେ ୨୦୨୪ ନାମାଙ୍କନ ପ୍ରକ୍ରିୟା ଷଷ୍ଠ ଦିନରେ ୪ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ମୋହନା ନିର୍ବାଚନ ମଣ୍ଡଳୀରୁ ଭାଜପା ପ୍ରାର୍ଥୀ ପ୍ରଶାନ୍ତ ମାଲିକ ଓ ବିଜେଡି ପ୍ରାର୍ଥୀ ଅନ୍ତର୍ଯ୍ୟାମୀ ଗମାଙ୍ଗ ନିଜ ନାମାଙ୍କନ ଦାଖଲ କରିଛନ୍ତି। ସେହିପରି ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ ବିଜୟ ପଟ୍ଟନାୟକ ଗତକାଲି ଶକ୍ତି ପ୍ରଦର୍ଶନ କରିଥିଲେ। ବୁଧବାର ସେ ଆସି ନାମାଙ୍କନ ଦାଖଲ କରିଛନ୍ତି । ଅନ୍ୟଜଣେ ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ ତରଫରୁ ମୁରଲୀ କ୍ରିଷ୍ଣା ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ମୋହନା ବିଜେଡି ପ୍ରାର୍ଥୀ ନିଜ ସମର୍ଥକଙ୍କୁ ନେଇ ପାରଳାଖେମୁଣ୍ଡି ଜଗନ୍ନାଥ ମନ୍ଦିରଠାରୁ ବିରାଟ ପଟୁଆରରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନିଜ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ।

### ବିଜେଡିର ମିଶିଲେ ୩୦୦ରୁ ଊର୍ଦ୍ଧ୍ୱ

ଚକାପାଦ,୨୪।୪

(ପ୍ରତାପ କିଶୋର ବେହେରା)

ଚକାପାଦ ବ୍ଲକ ଶଙ୍କରାଖୋଲ ଶାଳବଣଠାରେ ବିଜେଡିର ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପର୍ଯ୍ୟବେକ୍ଷକ ବିଜୟ ନାୟକ ଯୋଗଦେଇଥିଲେ । ଏହି ଅବସରରେ ନେତା କିଶୋର ଛୋଟରାୟ ଏବଂ ରାକେଶ ଦିଗାଳଙ୍କ ନେତୃତ୍ୱରେ ୩୦୦ରୁ ଊର୍ଦ୍ଧ୍ୱ ଯୁବକ ବିଜେଡିରେ ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ଫୁଲବାଣୀ ବିଧାୟିକା ପ୍ରାର୍ଥୀ ଜୟଶ୍ରୀ କହଁର କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇ ନବୀନ ପଟ୍ଟନାୟକଙ୍କୁ ପୁଣି ଥରେ ଜିତାଇ ମୁଖ୍ୟମନ୍ତ୍ରୀ କରିବାକୁ ଆହ୍ୱାନ ଦେବା ସହ ବିଜେଡି ସପକ୍ଷରେ ଭୋଟ ଭିକ୍ଷା କରିଥିଲେ । ବ୍ଲକ ସଭାପତି ରାଜେଶ ଦିଗାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ବାର୍‌ହା ଆକ୍ରମଣରେ ମହିଳା ମୃତ

ବାଲିଗୁଡ଼ା,୨୪।୪(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ା ଥାନା ଆଡ଼ିମାହା ପଞ୍ଚାୟତ ଗଡ଼ିପଦର ଗ୍ରାମର କବିତା ମଲ୍ଲିକଙ୍କ ବାର୍‌ହା ଆକ୍ରମଣରେ ମୃତ୍ୟୁ ଘଟିଛି। କବିତା ମଙ୍ଗଳବାର ଅପରାହ୍ନରେ ଶୌଚ ପାଇଁ ଗାଁ ନିକଟ ନାଳକୁ ଯାଇଥିଲେ। ଏହି ସମୟରେ ହଠାତ୍ ଏକ ବାରହା ଜଙ୍ଗଲ ଭିତରୁ ଆସି ତାଙ୍କୁ ଆକ୍ରମଣ କରିଥିଲା। ଫଳରେ କବିତାଙ୍କ ଶରୀରର ଅନେକ ସ୍ଥାନରେ ଗଭୀର କ୍ଷତ ହୋଇଥିଲା। ପରେ ଘର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ବାଲିଗୁଡା ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି।

### ଗଞ୍ଜେଇ ଜବତ ୬ ଗିରଫ

ଖଜୁରିପଡ଼ା ୨୪।୪ ( ବିଦୁର ବେହେରା)

ଖଜୁରିପଡ଼ା ପୋଲିସ ବୁଧବାର ବେଆଇନ ଚାଲାଣ ହେଉଥିବା ୩୦ କେଜି ୩୪୦ ଗ୍ରାମ ଗଞ୍ଜେଇ ଜବତକୁ ଜବତ କରିଛି। ଏହି ଘଟଣାରେ ୬ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଫିରିଙ୍ଗିଆ ଥାନା ଅଞ୍ଚଳର ଶଶିକଳା ଦିଗାଲ, ଜୟନ୍ତୀ ଦିଗାଲ, ଶ୍ୟାମ ସୁନ୍ଦର ଦିଗାଲ, ତପନ କୁମାର ଦିଗାଲ, ଲଳିତା ଦିଗାଲ, ରୁଦିନି ଦିଗାଲ। ଫୁଲବାଣୀରୁ ଭୁବନେଶ୍ୱରକୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ପାଇ ଗାଡ଼ିଆପଡା ଘାଟିରେ ଦିଲଦାର ଗାଡ଼ିକୁ ପୋଲିସ ତନଖି କରିଥିଲା। ସେଥିରେ ଥିବା ଗଞ୍ଜେଇ ଜବତ କରିବା ସହିତ ନଂ. ୫୮/୨୪ ମାମଲା ରୁଜୁ କରିଛି।

# ପୁରୁଷୋତ୍ତମପୁରରେ କାଳବୈଶାଖୀର ତାଣ୍ଡବ

ପୁରୁଷୋତ୍ତମପୁର,୨୪।୪(ସିମାଞ୍ଚଳ ମିଶ୍ର)

ପୁରୁଷୋତ୍ତମପୁରରେ ବୁଧବାର ଅପରାହ୍ନରେ କାଳବୈଶାଖୀ ତାଣ୍ଡବ କରିଛି। ମାତ୍ର ୧୦ ମିନିଟ ମଧ୍ୟରେ ସହରକୁ ଛିନ୍ନଛତ୍ର କରିପକାଇଛି। ବିଭିନ୍ନ ସ୍ଥାନରେ ଗଛ ଓ ବିଦ୍ୟୁତ ପୋଲଗୁଡ଼ିକ ପଡି ରାସ୍ତା ଅବରୋଧ ଘଟିଥିବା ବେଳେ ରଥ ସାହିଛକ, କଲେଜ ଛକ, କାଳୀମନ୍ଦିର ଛକ ସମେତ ବିଭିନ୍ନ ସ୍ଥାନରେ ଥିବା ଦୋକାନର ଟିଣ ଛପର ଉଡ଼ିଯାଇଛି। ଫଳରେ ବର୍ଷା ପାଣି ପଶି ଦୋକାନର ଜିନିଷପତ୍ରମାନ ନଷ୍ଟ ହୋଇଯାଇଛି। ଏହାସହ ବଡକଥା ହେଲା ପୂର୍ତ୍ତବିଭାଗ ପକ୍ଷରୁ ପ୍ରାୟ ଚାରିକୋଟି ଟଙ୍କାରେ ନିର୍ମିତ ଇଣ୍ଡୋର ଷ୍ଟାଡିୟମ ନିର୍ମାଣ ହେବାର ଏକ ମାସ ମଧ୍ୟରେ ତାହା ଭାଙ୍ଗିଯାଇଛି। ଗତ ମାର୍ଚ୍ଚ ୧୩ ତାରିଖରେ

**ନିର୍ମାଣର ମାସକରେ ଭାଙ୍ଗିଲା ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମ**




ଇନଡୋର ଷ୍ଟାଡିୟମ।

ଏହାକୁ ମୁଖ୍ୟମନ୍ତ୍ରୀ ଭର୍ଚ୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ମାତ୍ର ଏହାର କାର୍ଯ୍ୟ ଅତି ନିମ୍ନମାନର କରାଯାଇଥିବା ହେତୁ ତାହାର ଏଭଳି ଅବସ୍ଥା ଘଟିଛି ବୋଲି ସହରବାସୀ ଅଭିଯୋଗ କରିଛନ୍ତି। ମାତ୍ର ଏହାକୁ ଘୋଡାଇବା ଲାଗି ପ୍ରଶାସନ ତରବରିଆ ଭାବରେ ମୁଖ୍ୟଗେଟକୁ ଚାବି ପକାଇ ଦେଇଛନ୍ତି। ଏପରି ସ୍ଥିତିରେ ଘଟଣାସ୍ଥଳରେ ଉପସ୍ଥିତ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ମଳୟ କୁମାର ସାହୁ ଷ୍ଟାଡିୟମର ଭାଙ୍ଗିରୁଜିଯାଇଥିବା ଫଟୋ ଓ ଭିଡିଓ ଉତ୍ତୋଳନ କରିବା ବେଳେ ନିଜର ଦୁର୍ନୀତିର ଘଟଣା ପଦାରେ ପଡିଯିବା ଭୟରେ ଗଣମାଧ୍ୟମକୁ ସମ୍ପୂର୍ଣ୍ଣ ରୂପେ ବାରଣ କରି ଗେଟ ଚାବିକୁ ପକାଇଦେଇ ଖୋଲିନଥିଲେ। ଏହାକୁ ସାଧାରଣରେ ତୀବ୍ର ନିନ୍ଦା କରାଯାଇଛି। ସେହିପରି କାଳୀ ମନ୍ଦିର ଛକଠାରେ ଶହେଫୁଟ ଉଚ୍ଚତାରେ ନିର୍ମିତ ଜାତୀୟ ପତାକା ଖୁଣ୍ଟ ରାସ୍ତା ଉପରେ ଓଲଟି ପଡିଥିବା ହେତୁ ଟ୍ରାଫିକ ସମସ୍ୟା ଦେଖାଦେଇଛି। ପୁରୁଷୋତ୍ତମପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରାଫିକ ନିୟନ୍ତ୍ରଣ କରିଥିଲେ।

# ଫୁଲବାଣୀରେ କଂଗ୍ରେସର ରୋଡ୍ ଶୋ



ଫୁଲବାଣୀ,୨୪।୪(ରାକେଶ କୁମାର ରାଉତ)

ନିର୍ବାଚନ ପାଖେଇ ଆସୁଥିବା ବେଳେ କଂଗ୍ରେସର ପ୍ରଚାର ଜୋର ଧରିଛି। ମଙ୍ଗଳବାର ସନ୍ଧ୍ୟାରେ ଫୁଲବାଣୀରେ ଦଳର ଲୋକ ସଭା ପ୍ରାର୍ଥୀ ଅମୀରଚାନ୍ଦ ନାୟକ ଓ ଫୁଲବାଣୀ ବିଧାନସଭା ପ୍ରାର୍ଥୀ ପ୍ରତିଭା କହଁର ମିଳିତ ଭାବେ ପ୍ରଚାରକୁ ଓହ୍ଲାଇବା ସହ ରୋଡ ଶୋ କରିଛନ୍ତି। ସହର ଉପକଣ୍ଠ ରୁଜାଙ୍ଗିଠାରୁ ଏକ ବାଇକ୍ ରାଲି ବାହାରି ସହର ପରିକ୍ରମା କରିଥିଲା। ଶତାଧିକ କର୍ମୀଙ୍କ ସହିତ ଉଭୟ ପ୍ରାର୍ଥୀ ରୋଡ ଶୋ କରିବା ପରେ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ସେଠାରେ ପ୍ରାର୍ଥୀ ମାନଙ୍କୁ ଦଳୀୟ କର୍ମୀ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ବହୁ ଦିନ ପରେ ଏହା ଥିଲା କଂଗ୍ରେସର ବଡ କାର୍ଯ୍ୟକ୍ରମ। ଚଳିତ ନିର୍ବାଚନରେ କୌଣସି ରାଜନୈତିକ ଦଳର ଫୁଲବାଣୀ ସହରରେ ଏହା ପ୍ରଥମ ରୋଡ ଶୋ ଥିଲା। ପରେ ଗଣମାଧ୍ୟମ ସହିତ ଆଲୋଚନାରେ ଚଳିତ ନିର୍ବାଚନରେ କଂଗ୍ରେସ ଲୋକ ସଭା ସହିତ ସମସ୍ତ ବିଧାନସଭା ଆସନରେ ବିଜୟ ଲାଭ କରିବ ବୋଲି ଲୋକ ସଭା ପ୍ରାର୍ଥୀ ଅମୀରଚାନ୍ଦ ନାୟକ ପ୍ରକାଶ କରିଛନ୍ତି। ଏହି ରୋଡ଼ ଶୋରେ ଜିଲା କଂଗ୍ରେସ ସଭାପତି ଚନ୍ଦ୍ର ଶେଖର ପରିଡ଼ା, ପୂର୍ବତନ ବିଧାୟକ ଅଭିମନ୍ୟୁ ବେହେରା, ବରିଷ୍ଠ ନେତା ଘନକୁମାର ଶବର, ବସନ୍ତ କୁମାର ପାଢ଼ୀ, ନଗର ସଭାପତି ଶିବ ଶଙ୍କର ବେହେରାଙ୍କ ସମେତ ଜିଲାର ବରିଷ୍ଠ ନେତା,ବ୍ଲକ ସଭାପତି, ପଞ୍ଚାୟତସ୍ତରୀୟ କର୍ମୀ ଓ ନେତା ଉପସ୍ଥିତ ଥିଲେ।

# ଗରିବ, ଅସୁସ୍ଥ ଶିଶୁ କନ୍ୟାର ଦାୟିତ୍ୱ ନେଲା ପ୍ରଶାସନ



ପାରଳାଖେମୁଣ୍ଡି,୨୪।୪(ଗିରିଧାରୀ ପରିଛା)

ମୋହନା ବ୍ଲକର ଚାନ୍ଦିପୁଟ ପଞ୍ଚାୟତର ଏକ ଗ୍ରାମରେ ଜନ୍ମର ଦିନକ ପରେ ମା'କୁ ହରାଇଥିବା ଏକ କୋମଳମତି ଶିଶୁ କନ୍ୟାର ଜିଲା ପ୍ରଶାସନ ଦାୟିତ୍ୱ ନେଇଛି। ଚାନ୍ଦିପୁଟ ପଞ୍ଚାୟତର ଏକ ଗ୍ରାମରେ ପ୍ରସବ ପରେ ମା'ର ମୃତ୍ୟୁ ଘଟିଥିଲା। ଏଣେ ଅତ୍ୟନ୍ତ ଗରିବ ତଥା ଅସୁସ୍ଥ ରହୁଥିବା ଶିଶୁ କନ୍ୟାଟିର ପିତା ଶିଶୁଟିର ଚିକିତ୍ସା କରାଇବା ଓ ଯତ୍ନ ନେବାକୁ ଅସମର୍ଥ ହେବାରୁ ଗ୍ରାମବାସୀ ଏବଂ ପାଖ ସହୃଦୟ ବ୍ୟକ୍ତି ଜିଲା ପ୍ରଶାସନର ସହଯୋଗ ଲୋଡ଼ିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ, ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଉକ୍ତ ଗ୍ରାମରେ ପହଞ୍ଚି ଶିଶୁ କନ୍ୟାର ପରିବାର ସଦସ୍ୟ ଏବଂ ଗ୍ରାମବାସୀଙ୍କ ସହ ଆଲୋଚନା କରି ଶିଶୁଟି ଅସୁସ୍ଥ ଥିବା ଜାଣିଥିଲେ। ଶିଶୁ କନ୍ୟାଟିର ଉପଯୁକ୍ତ ଚିକିତ୍ସା ଏବଂ ଯତ୍ନ ନିମନ୍ତେ ପରିବାର ସଦସ୍ୟ ଗ୍ରାମବାସୀଙ୍କ ଉପସ୍ଥିତିରେ ଉକ୍ତ ଟିମକୁ ଶିଶୁକନ୍ୟାଟିକୁ ହସ୍ତାନ୍ତର କରାଯାଇଥିଲା। ଶିଶୁଟିକୁ ଶିଶୁ ମଙ୍ଗଳ ସମିତି ନିକଟରେ ଉପସ୍ଥାପନ କରି ଶିଶୁଟିକୁ ଜିଲାରେ ଥିବା ଏକମାତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରରେ ଥଇଥାନ କରାଯାଇ ପାରଳାଖେମୁଣ୍ଡିର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଶିଶୁଟିର ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ଅଧିକା ଚିକିତ୍ସା ନିମନ୍ତେ ବ୍ରହ୍ମପୁର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇଥିଲା, ଶିଶୁଟିର ଅବସ୍ଥା ବର୍ତ୍ତମାନ ସ୍ଥିର ଥିବା ସୂଚନା ମିଳିଛି।

# ବାଲ୍ୟବିବାହ ବନ୍ଦ କଲା ପ୍ରଶାସନ

ପାରଳାଖେମୁଣ୍ଡି,୨୪।୪(ଗିରିଧାରୀ ପରିଛା):

ମୋହନା ବ୍ଲକ ଅନ୍ତର୍ଗତ ଚନ୍ଦ୍ରଗିରି ଗ୍ରାମରେ ଆଗାମୀ ଦିନରେ ହେବାକୁ ଥିବା ବାଲ୍ୟବିବାହକୁ ଜିଲା ପ୍ରଶାସନ ବନ୍ଦ କରିଛି। କୌଣସି ବିଶସ୍ତ ସୂତ୍ରରୁ ମୋହନା ବାଲ୍ୟବିବାହ ନିଷେଧ ଅଧିକାରିଣୀ ସବିତା ପଟ୍ଟନାୟକ ଜାଣିବାକୁ ପାଇ ବାଲ୍ୟବିବାହ ନିଷେଧ ଟାସ୍କଫୋର୍ସରେ ଥିବା ଅନ୍ୟ ସଦସ୍ୟମାନଙ୍କୁ ଅବଗତ କରିଥିଲେ।ଏହାକୁ ରୋକିବା ନିମନ୍ତେ ଏକ ଟିମ ଗଠନ କରାଯାଇ। ଉକ୍ତ ଟିମରେ ସିଡିପିଓ ଶ୍ରୀମତୀ ପଟ୍ଟନାୟକ, ସୁପରଭାଇଜର ସ୍ୱପ୍ନା କୁମାରୀ ପାତ୍ର, ଥାନାଧିକାରୀ ପୁରୁଷୋତ୍ତମ ଦେବ ପ୍ରମୁଖ ଯୋଗଦେଇ ହେବାକୁ ଥିବା ବାଲ୍ୟବିବାହକୁ ସ୍ଥଗିତ କରିଥିଲେ। ବିବାହ ହେବାକୁ ଥିବା ଝିଅଟିର ଜନ୍ମ ପ୍ରମାଣ ପତ୍ର ଯାଞ୍ଚ କରାଯାଇ ଅଭିଭାବକଙ୍କୁ ବାଲ୍ୟବିବାହ ଏକ ଅପରାଧ ଏବଂ ଏହାର କୁପ୍ରଭାବ ଉଳପରେ ବିଶଦ ଭାବରେ ବୁଝାଯାଇଥିଲା । ଗ୍ରାମ ବାସୀଙ୍କ ଉପସ୍ଥିତିରେ ପିତାମାତା ଝିଅକୁ ୧୮ ବର୍ଷ ପୂରଣ ନହେବା ଯାଏ ବିବାହ ଦେବେ ନାହିଁ ଏବଂ ଏହାକୁ ଅମାନ୍ୟ କରିଲେ ଆଇନ ଅନୁଯାୟୀ ଦଣ୍ଡିତ ହେବେ ବୋଲି ଲିଖିତ ଆକାରରେ ଜଣାଇଛନ୍ତି।

# ୱାରେଣ୍ଟ ବଳରେ ୭ ଗିରଫ




ଦାରିଙ୍ଗବାଡି, ୨୪।୪(ଅରୁଣ ସାହୁ)

ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ଥାନା ଅଞ୍ଚଳରେ ଦୀର୍ଘ ଦିନ ଧରି ବିଭିନ୍ନ ମାମଲାରେ ଫେରାର ଥିବା ୭ ଜଣଙ୍କୁ ପୋଲିସ ୱାରେଣ୍ଟ ବଳରେ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କିରାମାହା ଗ୍ରାମର ବିଶ୍ୱନାଥ ମଲିକ, ଉକ୍ତ ଥାନା ଗଦାପୁର ଗ୍ରାମର ସିମନ ବଲିୟାରସିଂ, ରାଇକଣା ଗ୍ରାମର ପକଲା ବଲିୟାରସିଂ, ସିମନ ବଲିୟାରସିଂ,ଲାଲୁ ବଲିୟାରସିଂ,କାଲିଆ ବଲିୟାରସିଂ ଓ ପେଟା ବଲିୟାରସିଂ। ବିଶ୍ୱନାଥ ମଲିକଙ୍କ ନାମରେ ନଂ.୩୦୨/୧୧ରେ ମାମଲା ରହିଥିବା ବେଳେ ସେ ଫେରାର ଥିଲେ। ସେହିପରି ସିମନଙ୍କ ନାଁରେ ନଂ.୨୩/୨୨ ଓ ଅନ୍ୟ ୫ଜଣଙ୍କ ନାଁରେ ନଂ.୧୭୩/୨୨ରେ ମାମଲା ରୁଜୁ ହୋଇଥିଲା। ସମସ୍ତେ ଫେରାର୍ ଥିବାରୁ ସେମାନଙ୍କ ନାଁରେ ଜାମିନ ବିହୀନ ଗିରଫ ନିର୍ଦ୍ଦେଶ ରହିଥିଲା। ପ୍ରକାଶ ଯେ, ଆସନ୍ତା ୨୦ରେ ସାଧାରଣ ନିର୍ବାଚନ ରହିଛି । କିଭଳି ସମସ୍ତ ବୁଥରେ ଶାନ୍ତି ଶୃଙ୍ଖଳାର ସହ ମତଦାନ ହୋଇପାରିବ ସେନେଇ କନ୍ଧମାଳ ଏସ୍‌ପି ଶୁଭେନ୍ଦୁ ପାତ୍ର, ବାଲିଗୁଡ଼ା ଏସ୍‌ଡିପିଓ ରାହୁଲ ଗୋଏଲଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ସ୍ଥାନରେ ଫ୍ଲାଗମାର୍ଚ୍ଚ, ପାଟ୍ରୋଲିଂକୁ ଜୋରଦାର କରାଯାଉଛି।

# ଶହୀଦ ଯବାନଙ୍କ ଶେଷକୃତ୍ୟ ସମ୍ପନ୍ନ



ପାତ୍ରପୁର,୨୪।୪(ଉମା ଚରଣ ନେପାକ)

ଜରଡ଼ା ଥାନା ସୋଳଭାଗପେଣ୍ଠ ଗ୍ରାମର ଶହୀଦ ପାଣଚନ୍ଦ୍ର ବେହେରା(୨୪)ଙ୍କ ମୃତଦେହ ବୁଧବାର ଗ୍ରାମରେ ପହଞ୍ଚିବା ପରେ ଗାଁ ଶ୍ମଶାନଠାରେ ଗାର୍ଡଅଫ ଅନର ଦେବା ପରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଷୋଳଭାଗପେଣ୍ଠ ଗ୍ରାମର ରାମଚନ୍ଦ୍ର ବେହେରାଙ୍କ ପୁଅ ପାଣଚନ୍ଦ୍ର ଭାରତୀୟ ସେନାରେ କୋଲକାତାଠାରେ କାର୍ଯ୍ୟ କରୁଥିବା ବେଳେ ରେଳ ଯୋଗେ ଗ୍ରାମକୁ ଫେରୁଥିଲେ। ମଙ୍ଗଳବାର ମାଲଦା ଷ୍ଟେଶନ ନିକଟରେ ରେଳରୁ ଖସି ପଡି ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ସେଠାକାର ପୋଲିସ ଗତ ରାତିରେ ପରିବାରକୁ ସୂଚନା ଦେଇଥିଲେ। ବୁଧବାର ତାଙ୍କ ପାର୍ଥିବ ଶରୀର ତାଙ୍କ ଭିଟାମାଟିରେ ପହଞ୍ଚିବା ପରେ ଶୋଭାଯାତ୍ରାରେ ଗ୍ରାମ ଶ୍ମଶାନକୁ ନିଆଯାଇଥିଲା। ଭାରତୀୟ ସେନା ପକ୍ଷରୁ ଗାର୍ଡ ଅଫ ଅନର୍ ଦିଆଯାଇଥିବା ବେଳେ ପାତ୍ରପୁର ଅତିରିକ୍ତ ତହସିଲଦାର ଦିଲୀପ କୁମାର ଦେହୁରୀ, ପରିବାର ବର୍ଗ ଓ ବୁଦ୍ଧିଜୀବୀମାନେ ପାର୍ଥିବ ଶରୀରରେ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ସେନା ପକ୍ଷରୁ ସମସ୍ତ ପ୍ରକାର ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ଅଧିକାରୀମାନେ ପ୍ରକାଶ କରିଛନ୍ତି।

# ବିଜ୍ଞାନ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଉଦ୍‌ଯାପିତ

ଜି.ଉଦୟଗିରି,୨୪।୪(ଶିଶିର ପଟ୍ଟନାୟକ):

ଜି.ଉଦୟଗିରି ନିକଟସ୍ଥ କଳିଙ୍ଗା ବିଏଡ୍ କଲେଜରେ ୫ ଦିନିଆ ବିଜ୍ଞାନ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ଡ. ମନୋଜ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ବଳରାମ ସାହୁ ଯୋଗଦେଇ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ଏବଂ ଏହାର ପରୀକ୍ଷା କରି ଛାତ୍ରୀଛାତ୍ରଙ୍କୁ ଏ ସମ୍ପର୍କରେ ଶିକ୍ଷା ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରମାନେ ଏହା ଦ୍ୱାରା ସହଜରେ ଶିକ୍ଷା ଗ୍ରହଣ କରିବା ସହିତ ଶିକ୍ଷାଦାନ କରିବାରେ ସହାୟକ ହେବ ବୋଲି କହିଛନ୍ତି। କର୍ମଶାଳାରେ ଡ. ଦୀପକ କୁମାର ମହାନ୍ତି ସହଯୋଗ କରିଥିବା ବେଳେ ମୋନାଲିସା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅବସର ପରେ ମଧ୍ୟ ଶିକ୍ଷକ ସାହୁ ନିଜେ ତିଆରି କରିଥିବା ବିଜ୍ଞାନ ଉପକରଣ ଧରି ମାଗଣାରେ ସ୍କୁଲକୁ ସ୍କୁଲ ବୁଲି ବିଜ୍ଞାନ ପାଠ୍ୟକ୍ରମ ଥିବା ବିଷୟକୁ ନେଇ ପରୀକ୍ଷା କରି ଦେଖାଇଥାନ୍ତି।

# ଭୋଟର ସଚେତନତା କାର୍ଯ୍ୟକ୍ରମରେ ସଫଳତା




ଦାରିଙ୍ଗବାଡି, ୨୪।୪ (ଅରୁଣ ସାହୁ)

ଆସନ୍ତା ସାଧାରଣ ନିର୍ବାଚନରେ କିଭଳି ମତଦାନ ହାର ବୃଦ୍ଧି ପାଇବା ସହ ଭୋଟ ହାରକୁ ବୃଦ୍ଧି କରାଯିବ ସେ ନେଇ ଜିଲାର ୧୨ଟି ବ୍ଲକ ଅଞ୍ଚଳରେ ଭୋଟର ସଚେତନ କାର୍ଯ୍ୟକ୍ରମକୁ ଜୋରଦାର କରାଯାଇଛି। ଏଥିରେ ବିଭିନ୍ନ ବ୍ଲକର ପ୍ରଶାସନ ପକ୍ଷରୁ କରାଯାଉଥିବା ବେଳେ ଦାରିଙ୍ଗବାଡିରେ ମଧ୍ୟ ଏହି ସଚେତନ କାର୍ଯ୍ୟକ୍ରମ ସଫଳତାର ସହ କରାଯାଇଛି। ବାଲିଗୁଡ଼ା ଉପଖଣ୍ଡ ସ୍ତରରେ 'ଚୁନାବ ମହ୍ଲାର' ପ୍ରତିଯୋଗିତା ଓ ପ୍ରଦର୍ଶନ କରାଯାଇଥିଲା। ସେଥିରେ ଦାରିଙ୍ଗବାଡ଼ି ବ୍ଲକ ଇକୋ ଫ୍ରେଣ୍ଡଲି ବୁଥ ପ୍ରଦର୍ଶନ କରି ଦ୍ୱିତୀୟସ୍ଥାନ ଅଧିକାର କରିଛି। ସେହିପରି କ. ନୂଆଗାଁ ବ୍ଲକ ହୋମ ଭୋଟିଂ ପ୍ରଦର୍ଶନ କରି ପ୍ରଥମ ସ୍ଥାନ ଓ ସଖୀ ବୁଥ ପ୍ରଦର୍ଶନ କରି ତୃତୀୟ ସ୍ଥାନରେ ରାଇକିଆ ବ୍ଲକ ରହିଥିବା ଜଣାପଡ଼ିଛି। ଦାରିଙ୍ଗବାଡିରେ ଯୁବ ଭୋଟରଙ୍କୁ ନେଇ ଶୋଭାଯାତ୍ରା କରି ଭୋଟରଙ୍କୁ ସଚେତନ କରାଯାଇଥିବା ବେଳେ ପଥପ୍ରାନ୍ତ ନାଟକ, ଦାସକାଠିଆ, ରଙ୍ଗୋଲି, ଟେଲି ଫିଲ୍ମ ଜରିଆରେ ସଚେତନ କରାଯାଉଛି। ଦାରିଙ୍ଗବାଡି ବିଡିଓ ଗଦାଧର ପାତ୍ରଙ୍କ ନେତୃତ୍ୱରେ ତହସିଲଦାର ଶରତ ଶବର, ଆଇଆଇସି ଆନନ୍ଦ ଚନ୍ଦ୍ର ପାତ୍ରଙ୍କ ସହଯୋଗରେ ଏହି ସଚେତନ କାର୍ଯ୍ୟକ୍ରମ ସଫଳତାର ସହ କରାଯାଉଛି।

# ସିମନବାଡ଼ିରେ ବିଜେଡିର କର୍ମୀ ସମ୍ମିଳନୀ, ମିଶ୍ରଣ ପର୍ବ

ଦାରିଙ୍ଗବାଡି, ୨୪।୪ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ବ୍ଲକ ସିମନବାଡିଠାରେ ବିଜେଡିର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଳର କାର୍ଯ୍ୟକାରୀ ସଭାପତି ଦିଲୀପ କୁମାର ପ୍ରଧାନଙ୍କ ମଞ୍ଚ ପରିଚାଳନାରେ ବିଧାୟକ ସାଲୁଗା ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ଜିଲା ପରିଷଦ ସଦସ୍ୟ ରଞ୍ଜନ କୁମାର ପ୍ରଧାନ, ବିଜେଡି ବ୍ଲକ ସଭାପତି ଜ୍ୟୋତିରାଜ ପ୍ରଧାନ, ଜି.ଉଦୟଗିରି ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ କ୍ଳେଶ ପ୍ରଧାନ, ସିମନବାଡି ସରପଞ୍ଚ ଅମିତା ପ୍ରଧାନ, କଂଗ୍ରେସ ଛାଡ଼ି ବିଜେଡିରେ ସାମିଲ ହୋଇଥିବା ଦାରିଙ୍ଗବାଡି ସମିତିସଭ୍ୟ କାଳିପ୍ରସାଦ ମଲ୍ଲିକଙ୍କ ସମେତ ତିଲୋରୀ, କିରିକୁଟି ପଞ୍ଚାୟତର ଲୋକପ୍ରତିନିଧି ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ତିଲୋରୀ, କିରିକୁଟି ଓ ସିମନବାଡି ପଞ୍ଚାୟତରେ ବିଜେଡି କର୍ମୀମାନେ ଯୋଗଦେଇ ଚଳିତ ସାଧାରଣ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ସାଲୁଗା ପ୍ରଧାନ ଏବଂ କନ୍ଧମାଳ ଏମ୍‌ପି ପ୍ରାର୍ଥୀ ଡ. ଅଚ୍ୟୁତ ସାମନ୍ତଙ୍କୁ ବିପୁଳ ଭୋଟରେ ବିଜୟ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଥିଲେ। ଭାଜପା ସମର୍ଥିତ ବିଶ୍ୱନାଥ ବେହେର ଦଳାଇ, ଭିକାର ସିଂ ଅମାୟତ, ତ୍ରିଲୋଚନ ପ୍ରଧାନ, ପ୍ରହ୍ଲାଦ ନାୟକ, ପୁରୁଷୋତ୍ତମ ବେହେର ଦଳାଇ ଭାଜପା ଛାଡି ବିଜେଡିରେ ସାମିଲ ହୋଇଥିଲେ। ସେହିପରି କଂଗ୍ରେସ ଛାଡି ବିଜେଡିରେ ସାମିଲ ହୋଇଛନ୍ତି ଅମରେନ୍ଦ୍ର ପ୍ରଧାନ, ପ୍ରଭୋଦ ନାୟକ, ଗ୍ରୀନବାଡିର ପ୍ରକାଶ ପ୍ରଧାନ, ଜିତେନ୍ଦ୍ର ସାହୁ, ଆମସ ପ୍ରଧାନ। ସେହିପରି ସ୍ୱାଧୀନର ଶିବରାଜ ପ୍ରଧାନ,ରାଉତ ପ୍ରଧାନ। ସମସ୍ତଙ୍କୁ ବିଧାୟକ ସାଲୁଗା ପ୍ରଧାନ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଦଳର ପର୍ଡ଼ମାହା ପଞ୍ଚାୟତ ସଭାପତି ପ୍ରଫୁଲ ପ୍ରଧାନ ଧନ୍ୟବାଦ ଜଣାଇଥିଲେ।

# ଜି.ଉଦୟଗିରିରେ ବିଜେଡିର ମିଶ୍ରଣ ପର୍ବ




ବିଜେଡିର କର୍ମୀ ସମ୍ମିଳନୀ ଉପସ୍ଥିତ କର୍ମକର୍ତ୍ତା।

ଜି.ଉଦୟଗିରି,୨୪।୪(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ଶ୍ରୀରାମପଦା ସମ୍ମିତ ପାଖ ଆମ୍ବ ବଗିଚାରେ ବିଜେଡିର ଏକ ବିରାଟ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ମଞ୍ଚାସୀନ ଅତିଥି ଭାବେ ଏମ୍‌ପି ପ୍ରାର୍ଥୀ ଡ. ଅଚ୍ୟୁତ ସାମନ୍ତ, ବିଧାୟକ ପ୍ରାର୍ଥୀ ସାଲୁଗା ପ୍ରଧାନ, ଜି.ଉଦୟଗିରି ପର୍ଯ୍ୟବେକ୍ଷକ କ୍ଳେଶ ପ୍ରଧାନ ଯୋଗ ଦେଇଥିବା ବେଳେ ବ୍ଲକ ସଭାପତି ଲିଙ୍ଗରାଜ କହଁର, କାର୍ଯ୍ୟକାରୀ ସଭାପତି ଉଦୟନାଥ ନାୟକ, ନଗର ସଭାପତି ପି.ସଞ୍ଜୀବ କୁମାର ପାତ୍ର, କାର୍ଯ୍ୟକାରୀ ସଭାପତି ଅନିଲ କୁମାର ଦଳବେହେରା ଜିଲା ପରିଷଦ ଉପାଧ୍ୟକ୍ଷା ସାଧବାଣୀ ନାୟକ, ଜିଲା ପରିଷଦ ସଭ୍ୟା ଲିଲିମା ପ୍ରଧାନ, ବ୍ଲକ ଅଧ୍ୟକ୍ଷା ସୁଷମା ପ୍ରଧାନ,ଏନ୍‌ଏସି ଅଧ୍ୟକ୍ଷା ଦେବସ୍ମିତା ଶତପଥୀଙ୍କ ସମେତ ବହୁ ନେତା ଓ କର୍ମୀ ଯୋଗ ଦେଇଥିଲେ। ପରେ ଏକ ବଡ଼ ଧରଣର ମିଶ୍ରଣ ପର୍ବ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏଥିରେ ଜି ଉଦୟଗିରି ଏନ୍‌ଏସିର କଂଗ୍ରେସ କାଉନସିଲର ଯାକେଶ ପ୍ରଧାନଙ୍କ ସମେତ ଶତାଧିକ ଭାଜପା ଓ କଂଗ୍ରେସ କର୍ମୀ ବିଧିବଦ୍ଧ ଭାବେ ବିଜେଡିରେ ସାମିଲ ହୋଇଛନ୍ତି ବୋଲି ନଗର କାର୍ଯ୍ୟକାରୀ ସଭାପତି ଅନୀଲ ଦଳବେହେରା କହିଛନ୍ତି।

# ଅସନ୍ତୁଷ୍ଟ ନେତା, କର୍ମୀଙ୍କ ଉପରେ ସମସ୍ତଙ୍କ ନଜର

ବାଲିଗୁଡ଼ା,୨୪।୪(ସଞ୍ଜୟ କୁମାର ପାଣିଗ୍ରାହୀ)

**ନିର୍ବାଚନକୁ ନେଇ ବାଲିଗୁଡ଼ା ଚଳଚଞ୍ଚଳ**

ବାଲିଗୁଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ରାଜନୈତିକ ବାତାବରଣ ସରଗରମ ହୋଇ ଉଠିଲାଣି। ଚଳିତ ନିର୍ବାଚନରେ ବିଜେଡି, ଭାଜପା ଓ କଂଗ୍ରେସ ତିନି ପ୍ରମୁଖ ଦଳ ପ୍ରାର୍ଥୀ ଘୋଷଣା କରି ସାରିଛନ୍ତି। କିନ୍ତୁ ନାମାଙ୍କନ ଶେଷଯାଏ ଏଠାରେ ଟିକେଟ କାହାର ରହିବ କାହାର କଟିବ ସେ ନେଇ ଚର୍ଚ୍ଚା ଥମିବାର ନାଁ ଧରୁନାହିଁ। ପ୍ରଥମେ ଭାଜପାର ଦୁଇ ଦୁଇ ଥର ବିଧାୟକ ହୋଇଥିବା କରେନ୍ଦ୍ର ମାଝିଙ୍କ ଟିକେଟ କାଟି ଚାକିରି ଛାଡି ନୂତନ ଭାବେ ଯୋଗ ଦେଇଥିବା କଳ୍ପନା କହଁରକୁ ଟିକେଟ ଦିଆଯାଇଛି, ଯାହାଙ୍କ ପ୍ରାର୍ଥିତ୍ୱକୁ ନେଇ କୁଇ ସମାଜ ପ୍ରଶ୍ନ ଉଠାଇଛି। ସେହିପରି କଂଗ୍ରେସ ପ୍ରଥମେ ସୁରୁଦା ପ୍ରଧାନଙ୍କୁ ଟିକେଟ ଦେଇଥିବା ବେଳେ କୁଇ ସମାଜ ବିରୋଧ କରିବା ସହ ଦଳୀୟ ଅସନ୍ତୋଷ ଲାଗି ରହିଥିଲା। ଦଳୀୟ ପ୍ରଭାରୀଙ୍କ ନିକଟରେ ଉତ୍ତେଜନା ଦେଖାଦେଇଥିଲା, ତାହାକୁ ନେଇ ଟିକେଟ ଦେବାର ୧୦ ଦିନ ପରେ ପୁଣି ଟିକେଟ ବଦଳାଇ ସୁରୁଦାଙ୍କ ସ୍ଥାନରେ ଉପେନ୍ଦ୍ର ପ୍ରଧାନଙ୍କୁ ଟିକେଟ ଦିଆଯାଇଛି। ବିଜେଡି ମଧ୍ୟରେ ଟିକେଟ ରେସ୍‌ରେ ବହୁ ଆଶାୟୀ ରହିଥିବା ବେଳେ ବର୍ତ୍ତମାନର ବିଧାୟକ ରହିଥିବା ଚକ୍ରମଣି କହଁରଙ୍କ ଉପରେ ଆସ୍ଥା ପ୍ରକଟ କରି ଦଳର ସୁପ୍ରିମୋ ଟିକେଟ ତାଙ୍କୁ ପ୍ରଦାନ କରିଥିଲେ। ଇତିମଧ୍ୟରେ ବିଜେଡି, ଭାଜପା ଓ କଂଗ୍ରେସ ଦଳ ମଧ୍ୟରେ ନେତା ଓ କର୍ମୀମାନଙ୍କ ଭିତରେ ଅସନ୍ତୋଷ ରହିଥିବା ଦେଖିବାକୁ ମିଳୁଛି। ବିଜେଡି ଜିଲା ପର୍ଯ୍ୟବେକ୍ଷକ ବିଜୟ ନାୟକ କହିଛନ୍ତି, ବିଜେଡି ଏକ ବୃହତ୍ ଓ ଶୃଙ୍ଖଳିତ ଦଳ। ଦଳ ମଧ୍ୟରେ ବିଧାୟକ ଓ ଏମ୍‌ପି ପ୍ରାର୍ଥୀ ହେବା ପାଇଁ ଅନେକ ଆଶାୟୀ ରହିଥାନ୍ତି। କିନ୍ତୁ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଯାହା ନିଷ୍ପତ୍ତି ନିଅନ୍ତି, ଯାହାକୁ ପ୍ରାର୍ଥୀ କରନ୍ତି, ତାହାକୁ ସମସ୍ତେ ମାନି ନିର୍ବାଚନ ଲଢୁଛନ୍ତି। କଂଗ୍ରେସ ପ୍ରାର୍ଥୀ ଉପେନ୍ଦ୍ର ପ୍ରଧାନ କହିଛନ୍ତି, ଦଳ ମଧ୍ୟରେ ଥିବା ଅସନ୍ତୋଷକୁ ଧୀରେ ଧୀରେ ଦୂର କରାଯାଉଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ କରେନ୍ଦ୍ର ମାଝି, ବିଧାନସଭା ପ୍ରଭାରୀ ଲିଙ୍ଗରାଜ ଦଳବେହେରାଙ୍କ ସମେତ ବହୁ ନିର୍ବାଚିତ ପ୍ରତିନିଧି, ବରିଷ୍ଠ ନେତା ଓ କର୍ମୀ ଏବଂ ସମସ୍ତ ବୁଥ୍‌ର କାର୍ଯ୍ୟକର୍ତ୍ତା ଯୋଗ ଦେଇନଥିବାରୁ ଆସିଥିବା କର୍ମୀଙ୍କ ମନରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ଭାଜପାରେ ରହିଥିବା ଅସନ୍ତୋଷ ସମ୍ପର୍କରେ ଲୋକ ସଭା ପ୍ରଭାରୀ ନିରଞ୍ଜନ ମିଶ୍ର କହିଛନ୍ତି, ସବୁଠି ଅସନ୍ତୋଷ ଅଛି। ଆମ ଦଳରେ ଥିବା ଅସନ୍ତୋଷକୁ ଦୂର କରାଯାଉଛି। ବାଲିଗୁଡା ନିର୍ବାଚନକୁ ଜିଲା ସଭାପତି ଜଗନ୍ନାଥ ସାହୁ ଓ ଲୋକ ସଭା ସଂଯୋଜକ ପଦ୍ମ ଚରଣ ଦାସ ସେହି ସ୍ଥାନର ହୋଇଥିବାରୁ କିଛି ଅସୁବିଧା ହେବ ନାହିଁ, ମୁଁ ନିଜେ ସେହି ନିର୍ବାଚନମଣ୍ଡଳୀକୁ ମଧ୍ୟ ପରିଚାଳନା କରିଛି।

## ସଂକ୍ଷେପରେ

### ମହୀଶରା ହିଙ୍ଗୁଳା ଯାତ୍ରା ଉଦ୍‌ଯାପିତ

ଚଢ଼େଇଧରା,୨୪।୪(ଦିଲୀପ ପରିଡ଼ା): ଧର୍ମଶାଳା ବ୍ଲକ ଅନ୍ତର୍ଗତ ମହୀଶରା ଗାମରେ ବାର୍ଷିକ ହିଙ୍ଗୁଳା ଯାତ୍ରା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଶୁଭାଦିବାସ, କଳସ ଯାତ୍ରା, ଭଜନକୀର୍ତ୍ତନ ସହ ଗୋପ ପୂଜା ଓ ସୂର୍ଯ୍ୟ ପୂଜା ଆଦି ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ଦିନ ବିପୁଳ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ମା'ଙ୍କ ମନ୍ଦିରକୁ ରଙ୍ଗିନ ଆଲୋକମାଳାରେ ସଜାଯାଇଥିଲା। ୫ ଦିନ ବ୍ୟାପୀ ଅଞ୍ଚଳରେ ଆମିଷ ନିଷେଧ କରାଯାଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଜେନାପୁର ଥାନା ପକ୍ଷରୁ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଏହି ଅବସରରେ ଯାତ୍ରା ପରିବେଷଣ କରାଯାଇଥିଲା।

### ରେଳ ସୁରକ୍ଷା ବଳ ପକ୍ଷରୁ ଦହି, ସର୍ବତ ବଣ୍ଟନ

ଯାଜପୁରରୋଡ୍,୨୪।୪(ପବିତ୍ର ରଞ୍ଜନ ମହାନ୍ତି): ଟ୍ରେନ ଯାତ୍ରୀମାନେ ଥଣ୍ଡା ପାଣି ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଆଖିଆଗରେ ରଖି ଯାଜପୁରରୋଡ୍ ରେଳ ସୁରକ୍ଷା ବଳ ପକ୍ଷରୁ ଟ୍ରେନ ଯାତ୍ରୀଙ୍କୁ ଷ୍ଟେଶନ ପ୍ଲାଟଫର୍ମରେ ଥଣ୍ଡା, ଦହି, ସର୍ବତ ଓ ଥଣ୍ଡା ପାଣି ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ରେଳ ସୁରକ୍ଷା ଅଧିକାରୀ ପ୍ରବୀଣ କୁମାରଙ୍କ ସହ କର୍ମଚାରୀମାନେ ସାମିଲ ହୋଇଥିଲେ।

### ଗାୟତ୍ରୀ ମହାଯଜ୍ଞ ଉଦ୍‌ଯାପିତ

ଧର୍ମଶାଳା,୨୪।୪(ବଟକୃଷ୍ଣ ପରିଡା): ଧର୍ମଶାଳା ବ୍ଲକ ଜାରକାସ୍ଥିତ ଜେମାଗୁଣୀ ପୀଠ ପରିସରରେ ୩ ଦିନ ବ୍ୟାପୀ ଚାଲିଥିବା ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଂସ୍କାର କାର୍ଯ୍ୟକ୍ରମରେ ୨ ଗରିବ ବ୍ରାହ୍ମଣ ପିଲାଙ୍କ ବ୍ରତୋପନୟନ, ଜଣେ ମହିଳାଙ୍କ ପୁଂସବନ, ୩ ବାଳକଙ୍କ ଅନ୍ନ ପ୍ରାସନ, ୧୦ ଜଣଙ୍କ ମୁଣ୍ଡନ ଓ ୧୨ ଜଣଙ୍କ ବିଦ୍ୟାରମ୍ଭ କରାଯାଇଥିବାବେଳେ ୫ଜଣ ଦୀକ୍ଷା ଗ୍ରହଣ କରିଛନ୍ତି। ଧର୍ମଶାଳା ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞର ମୁଖ୍ୟ ଦାମୋଦର ସେନାପତି, ପୁଷ୍ପଲତା ସେନାପତି, ଶାନ୍ତିଲତା ସେନାପତି, ପ୍ରମୋଦ ସାହୁ, ଚନ୍ଦ୍ରମଣି ନାୟକ, ନବଘନ ମହାନ୍ତି, ଅଭିରାମ ନାୟକ, ସୁଦାମ ମହାରଣା, ବିଦ୍ୟାଧର ତରାଇ ଓ ବିବେକାନନ୍ଦ ଜେନା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଜମିବାଡ଼ି ବିବାଦରୁ ଆତ୍ମହତ୍ୟା

ରସୁଲପୁର,୨୪।୪(ରଂଜିତ ରାଉତ): କୁଆଖିଆ ଥାନା ଓଡ଼ିଶୋ ପଞ୍ଚାୟତର ଅର୍ଡିଆ-କୁସୁପୁର ଗ୍ରାମରେ ଜମିବାଡି ବିବାଦ କାରଣରୁ ଜଣେ ଯୁବତୀ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସେ ହେଲେ ସନ୍ଧ୍ୟାରାଣୀ ମଲିକ। ଏନେଇ ତାଙ୍କ ମା' ରଜନୀ ମଲିକ ଥାନାରେ ଅଭିଯୋଗ କରିଛନ୍ତି। ରଜନୀଙ୍କ ସମ୍ପର୍କୀୟ ଭାଇମାନଙ୍କ ସହିତ ଜମିବାଡି ବିବାଦ ଲାଗି ରହିଥିଲା। ଏହାକୁ ନେଇ ସନ୍ଧ୍ୟାରାଣୀ ମାନସିକ ଚାପରେ ରହି ଆସୁଥିଲା। ତାଙ୍କୁ ବାରମ୍ବାର ବୁଝାଶୁଝା କରାଯାଇଥିଲା। ହେଲେ ତାଙ୍କ ଉପରେ କୌଣସି ପ୍ରଭାବ ପଡିନଥିଲା। ସେ ମଙ୍ଗଳବାର ରାତି ୪ଟାରେ ତାଙ୍କ ପାଠପଢ଼ା ଘରେ ରଶି ଲଗାଇ ଦେଇଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଥାନା ସମ୍ମୁଖରେ ଗ୍ରାମବାସୀଙ୍କ ଧାରଣା

## ଚୋରି ଘଟଣାରେ ପଦକ୍ଷେପ ନେଉନି ପୋଲିସ

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର,୨୪।୪ (ପ୍ରଦୀପ୍ତ କୁମାର ପୃଷ୍ଟି/ ଗିରିଜା ପ୍ରସାଦ ସାହୁ):


ବାଲିଚନ୍ଦ୍ରପୁର ଥାନା ସମ୍ମୁଖରେ ବଣିଆରୀ ଗ୍ରାମବାସୀ ଧାରଣା ଦେଇଛନ୍ତି।

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ସାଉଡିଆ ପଞ୍ଚାୟତ ଅନ୍ତର୍ଗତ ବଣିଆରି ଗ୍ରାମର ଅଶୋକ ପାତ୍ରଙ୍କ ଘରୁ ଫେବୃଆରୀ ୧୨ ତାରିଖ ରାତିରେ ହୋଇଥିବା ଚୋରି ଘଟଣାରେ ପୋଲିସ ପଦକ୍ଷେପ ନେଉନାହିଁ। ଫଳରେ ଏହାକୁ ନେଇ ଗ୍ରାମବାସୀ ଉତ୍ତେଜିତ ହୋଇ ବୁଧବାର ଥାନା ସମ୍ମୁଖରେ ଧାରଣା ଦେଇଛନ୍ତି।

ଆନ୍ଦୋଳନକାରୀଙ୍କ ସୂଚନା ଅନୁଯାୟୀ, ଦୁର୍ବୃତ୍ତ ଅଶୋକଙ୍କ ଘରେ ପଶି ୨.୫ ଲକ୍ଷ ଟଙ୍କା ସହ ଝିଅ ବାହାଘର ପାଇଁ ଥିବା ୧୦/୧୨ ଭରି ସୁନା ଅଳଙ୍କାର ଚୋରି କରି ନେଇଥିଲେ। ମାରଣାସ୍ତ୍ରରେ ଅଶୋକଙ୍କୁ ପ୍ରାଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ଥାନାରେ ଅଭିଯୋଗ ହୋଇଥିଲା। ହେଲେ ଏ ପର୍ଯ୍ୟନ୍ତ ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇପାରିନାହିଁ। ଗ୍ରାମବାସୀ ଥରକୁ ଥର ଥାନାକୁ ଯାଇ ନିରାଶ ହୋଇ ଯାଜପୁର ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଗୁହାରି କରିଥିଲେ। ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଥାନା ସମ୍ମୁଖରେ ଧାରଣାରେ ବସିଥିଲେ। ଖବର ପାଇ ବଡ଼ଚଣା ଥାନାଧିକାରୀ ଶରତ ଚନ୍ଦ୍ର ପାତ୍ର ଓ ବାଲିଚନ୍ଦ୍ରପୁର ଥାନାଧିକାରୀ ପ୍ରମୋଦିନୀ ସାହୁ ଆସି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରି ଧାରଣାରୁ ଉଠାଇଥିଲେ। ଉଭୟ ଥାନାଧିକାରୀ ଘଟଣାକୁ ଗୁରୁତର ସହ ନେଇଛନ୍ତି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ କାବୁ କରିବେ ବୋଲି ଆନ୍ଦୋଳନକାରୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

# ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳର ଶୋଭାଯାତ୍ରା

ବଡ଼ଚଣା,୨୪।୪ (ଦିଲୀପ କୁମାର ମହାନ୍ତି):

ହନୁମାନ ଜୟନ୍ତୀ ଓ ଚୈତ୍ର ପୂର୍ଣ୍ଣିମା ଉପଲକ୍ଷେ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବଡ଼ଚଣାସ୍ଥିତ ମାଝିଗୌରୀ ମନ୍ଦିରଠାରୁ ୫୦୦ରୁ ଊର୍ଦ୍ଧ୍ୱ ବାଇକ୍‌ରେ ଶୋଭାଯାତ୍ରାକାରୀ ବାହାରି ବଡ଼ଚଣା ବଜାର, ଚଣ୍ଡିଖୋଲ ଛକ ପରିକ୍ରମା କରିଥିଲେ। ପରେ ଚାରିବାଟିଆଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବଡ଼ଚଣା ପ୍ରଖଣ୍ଡର ପୂର୍ବତନ ସମ୍ପାଦକ ହେମସ କୁମାର ଜେନାଙ୍କ ସଭାପତିତ୍ୱ ଓ ବିଭାଗ ସଂଯୋଜକ ଚନ୍ଦ୍ରକାନ୍ତଙ୍କ ସଂଯୋଜନାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ବଜରଙ୍ଗ ଦଳର ରାଜ୍ୟ ସଂଯୋଜକ ଅମ୍ବିକା ଦାସ, ମୁଖ୍ୟବକ୍ତା ଭାବେ ରାଜ୍ୟ ସହ ସଂଯୋଜକ ପ୍ରଭାତ ଭୂଷଣ ତ୍ରିପାଠୀ, ସମ୍ମାନିତ ଅତିଥି ରାଜ୍ୟ ସୁରକ୍ଷା ପ୍ରମୁଖ ସଞ୍ଜୟ ସିଂ, ମିଳନ କେନ୍ଦ୍ର ପ୍ରମୁଖ ବିପନ ପଣ୍ଡା, ବିଶ୍ୱ ହିନ୍ଦୁ ପରିଷଦ ପୂର୍ବତନ ସଭାପତି ଅକ୍ଷୟ ବଳ ଓ ଜିଲା ସଂଘ ଚାଳକ ବଟକୃଷ୍ଣ ଜେନା ପ୍ରମୁଖ ଯୋଗଦେଇ ଧର୍ମାନ୍ତରୀକରଣ, ଲଭ ଜେହାଦି, ସନାତନ ଧର୍ମ ବିଲୋପ ପାଇଁ ଚକ୍ରାନ୍ତ, ସନ୍ତ୍ରାସବାଦ, ସେବା, ସୁରକ୍ଷା ଓ ସଂସ୍କାର ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ୟାମସୁନ୍ଦର ସାହୁ, ଅକ୍ଷୟ କୁମାର ଗୋଚ୍ଛାୟତ, ସନ୍ତୁ ଜେନା, କୀର୍ତ୍ତିରାଜ ରାଉତ, ପ୍ରଦୀପ ସାହୁ, ସୁଶାନ୍ତ ସାହୁ, ରାକେଶ ବିଶ୍ୱାଳ, ରାମଚନ୍ଦ୍ର ମହାନ୍ତି, ବିଶ୍ୱଜିତ ନାୟକ, ବିନାୟକ ନାୟକ, ସମୀର ସ୍ୱାଇଁ, ସତ୍ୟବ୍ରତ ସେନାପତି ଓ ପ୍ରକାଶ ମଲିକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।


ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳର କର୍ମକର୍ତ୍ତା ଶୋଭାଯାତ୍ରାରେ ଯାଉଛନ୍ତି।

# ହନୁମାନ ଜନ୍ମୋତ୍ସବ ପାଳିତ


ହନୁମାନ ଜନ୍ମୋତ୍ସବ ଅବସରରେ ଅନୁଷ୍ଠିତ ଶୋଭାଯାତ୍ରା ସହର ପରିକ୍ରମା କରୁଛି।

ଯାଜପୁରରୋଡ୍,୨୪।୪ (ପବିତ୍ର ରଞ୍ଜନ ମହାନ୍ତି):

## ଜୟ ଶ୍ରୀରାମ ଧ୍ୱନିରେ ପ୍ରକମ୍ପିତ ହେଲା ସହର

ବ୍ୟାସନଗର ସହରର ଗୋପବନ୍ଧୁ ଛକ ନିକଟରେ ଥିବା ଲକ୍ଷ୍ମୀନାରାୟଣ ମନ୍ଦିର ଏବଂ ନନ୍ଦରାମ ବାଟିକା ପରିସରରେ ୧୪ତମ ହନୁମାନ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ମାରୱାଡି ସମ୍ପ୍ରଦାୟ ପକ୍ଷରୁ ଯାଜପୁରରୋଡ୍ ସୁନ୍ଦରାକାଣ୍ଡ ମଣ୍ଡଳୀ ଏବଂ ମାରୱାଡି ଯୁବା ପରିଷଦରର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ପ୍ରାତଃ ୫ଟା୩୦ରୁ ପୂଜା ଆରମ୍ଭ ହୋଇ ଅଖଣ୍ଡ ପ୍ରଦୀପ ପ୍ରଜ୍ୱଳନ କରାଯଇଥିଲା। ଏହାପରେ ଧ୍ୱଜା ଶୋଭାଯାତ୍ରା କରାଯାଇଥିଲା। ଏଥିରେ ଉଭୟ ମହିଳାପୁରୁଷ ସାମିଲ ହୋଇ ପ୍ରଭୁ ଶ୍ରୀରାମ ଓ ହନୁମାନଙ୍କ ଚିତ୍ର ସମ୍ବଳିତ ଗେରୁଆ ଧ୍ୱଜା ଧରି ସହର ପରିକ୍ରମା କରିଥିଲେ। ଏକ ସୁସଜ୍ଜିତ ରଥରେ ବଜରଙ୍ଗ ବାଲିଙ୍କ ଫଟୋଚିତ୍ର ରଖାଯାଇ ବାଜାବାଣ ସହ ଏକ ବିରାଟ ଶୋଭାଯାତ୍ରା ବାହାରିଥିଲା। ଜୟ ଶ୍ରୀରାମ ଧ୍ୱନିରେ ସାରା ସହର ପ୍ରକମ୍ପିତ ହୋଇଥିଲା। ଶୋଭାଯାତ୍ରା ଗୋପବନ୍ଧୁ ଛକରୁ ବାହାରି ଷ୍ଟେଶନ ବଜାର, ରାଧାନାଥ ମାର୍ଗ ଓ ଚୋରଦା ବାଇପାସ୍ ଛକ ହୋଇ ନନ୍ଦରାମ ବାଟିକାଠାରେ ପହଞ୍ଚିଥିଲା। ଶୋଭାଯାତ୍ରା ପହଞ୍ଚିବା ପରେ ସେଠାରେ ଅଖଣ୍ଡ ହନୁମାନ ଚାଳିଶା ପାଠ ଏବଂ ସନ୍ଧ୍ୟାରେ ଶ୍ରୀସୁନ୍ଦରା କାଣ୍ଡ ପାଠ ଅନୁଷ୍ଠିତ ହୋଇଥିଲା। ଯାଜପୁରରୋଡ୍ ପୋଲିସ ପକ୍ଷରୁ ଟ୍ରାଫିକ ନିୟନ୍ତ୍ରଣ କରାଯାଇଥିଲା।

### ଅଂଶୁଘାତରେ ଫାର୍ମାସିଷ୍ଟଙ୍କ ମୃତ୍ୟୁ ଅଭିଯୋଗ

ବରୀ,୨୪।୪(ମହେନ୍ଦ୍ର ସ୍ୱାଇଁ): ବରୀ ବ୍ଲକ ଅଧୀନ ଅନ୍ୟାସୀପୁର ଗ୍ରାମର ଫାର୍ମାସିଷ୍ଟ ସରୋଜ କୁମାର ସାହୁ(୫୦)ଙ୍କ ବୁଧବାର ଅଂଶୁଘାତଜନିତ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ପ୍ରବଳ ଖରାରେ ସାହୁ କାଇପଡ଼ା ଷ୍ଟେଟ ବ୍ୟାଙ୍କ ନିକଟ ନିଜ ଔଷଧ ଦୋକାନରୁ ଘରକୁ ଫେରିବାବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ସ୍ଥାନୀୟ ଲୋକେ ଓ ପରିବାର ସଦସ୍ୟମାନେ ତାଙ୍କୁ କଳାମାଟିଆସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ମାତ୍ର ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମରଶରୀର ଅନ୍ୟାସୀପୁରରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।



ଖବର ପାଇ ବରୀ ବିଧାୟିକା ସୁନନ୍ଦା ଦାସ, ବିଜେଡି ନେତା ବିଶ୍ୱରଞ୍ଜନ ମଲ୍ଲିକ ଓ ସ୍ଥାନୀୟ ଅଞ୍ଚଳର ବହୁ ବରିଷ୍ଠ ନାଗରିକ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ପୀୟୁଷ ସାହୁ ମୁଖାଗ୍ନି ଦେଇଥିଲେ।

# ମା' ତାରିଣୀଙ୍କ ବାର୍ଷିକ ଉତ୍ସବ ପାଳିତ

କାଏମା,୨୪।୪(ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ବ୍ଲକ ଅନ୍ତର୍ଗତ ବଡ଼କାଏମା ବଜାର କମିଟି ପକ୍ଷରୁ ମା'ତାରିଣୀଙ୍କ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପୂଜକ ପ୍ରମୋଦ ପାଢ଼ୀ, ରଶ୍ମିରଞ୍ଜନ ପଣ୍ଡା, ମାନସ ରଞ୍ଜନ ପଣ୍ଡା, ଗଜେନ୍ଦ୍ର ପଣ୍ଡା ପୂଜା କାର୍ଯ୍ୟ ତୁଲାଇଥିଲେ। ପ୍ରଶାନ୍ତ ବେହେରା ଓ ସ୍ମିତା ବେହେରା କର୍ତ୍ତା ଭାବେ ସହଯୋଗ କରିଥିଲେ। ଘଣ୍ଟ,ଶଙ୍ଖ ଓ ହୁଳହୁଳି ଶବ୍ଦରେ ପ୍ରକମ୍ପିତ ହୋଇ ଉଠିଥିଲା କାଏମା ବଜାର। ପାଖ ଆଖ ଅଞ୍ଚଳରୁ ଶହଶହ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା। ଦାରୁବ୍ରହ୍ମ ଭଜନ ସନ୍ଧ୍ୟା ପକ୍ଷରୁ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ବ୍ଲକ ବିଜେଡି ସଭାପତି ଜଳଧର ମହାନ୍ତି, ଭାଜପା ନେତା ହିମାଂଶୁ ଶେଖର ସାହୁ, କଂଗ୍ରେସ ନେତା କିଷାନ ପଣ୍ଡା ଓ ସତୀଶ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ବଜାରର ବ୍ୟବସାୟୀ ବ୍ରହ୍ମାନନ୍ଦ ରାଉତ, ଶିଶିର ମାହାଣା, ପ୍ରଭାତ କୁମାର ସାହୁ, ଉତ୍ତମ କୁମାର ମନ୍ଥନ, ଅମରେନ୍ଦ୍ର ସାମଲ, ଅକ୍ଷୟ କୁମାର ସାହୁ, ନୀଳାଦ୍ରି ମୁଦୁଲି, ନାରାୟଣ ସାହୁ ଓ ଅନ୍ୟ ବ୍ୟବସାୟୀମାନେ ସହଯୋଗ କରିଥିଲେ।

# ସିଂହପୁରରେ ଘରପୋଡ଼ି

ରସୁଲପୁର,୨୪।୪(ରଂଜିତ ରାଉତ):

ରସୁଲପୁର ତହସିଲ ଅନ୍ତର୍ଗତ ସିଂହାପୁର ପଞ୍ଚାୟତର ଜଗନ୍ନାଥପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ବ୍ରହ୍ମାନନ୍ଦ ସ୍ୱାଇଁ ଓ ଅଶ୍ୱିନୀ ରାଉତଙ୍କ ଘରପୋଡି ପାଉଁଶ ହୋଇଯାଇଛି। ପୋଡିଯାଇଥିବା ସମ୍ପତ୍ତିର ମୂଲ୍ୟ ଲକ୍ଷାଧିକ ଟଙ୍କାର ହେବ ବୋଲି ଆକଳନ କରାଯାଇଛି। ରସୁଲପୁର ଦମକଳ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ଶାଳକ, ଭିଣୋଇଙ୍କ ମଧ୍ୟରେ ମାରପିଟ

### ଜଣେ ଗୁରୁତର, ୩ ଆହତ

କଳିଙ୍ଗନଗର,୨୪।୪(ଶୁଭାଶିଷ ରାଉତ): ଦାନଗଦି ଫାଣ୍ଡି ଧୁଳିଗଡ଼ ପଞ୍ଚାୟତ ମାନପୁର ମଠସାହିରେ ମଙ୍ଗଳବାର ରାତିରେ ଶାଳକ ଓ ଭିଣୋଇଙ୍କ ମଧ୍ୟରେ ବଚସାରୁ ମାରପିଟ ହୋଇଛି। ଏଥିରେ ଭିଣୋଇ ଗୁରୁତର ହୋଇଥିବାବେଳେ ଶାଳକଙ୍କ ସମେତ ଅନ୍ୟ ୩ ଜଣ ଆହତ ହୋଇଛନ୍ତି। ଆହତଙ୍କୁ ଦାନଗଦି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗୁରୁତର ଭିଣୋଇଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଯାଜପୁର ରୋଡ ପୋଲିସ ପହଞ୍ଚି ଘଟଣାରେ ସମ୍ପୃକ୍ତ ୫ଜଣଙ୍କୁ ଦାନଗଦି ଫାଣ୍ଡିକୁ ଆଣି ଅଟକ ରଖିଛି। ସୂଚନା ମୁତାବକ, ମଠସାହିର ହରି ଦାସ ଅତ୍ୟଧିକ ମଦ୍ୟପାନ କରି ରାତି ପ୍ରାୟ ୮ଟାରେ ଗାଁ ଲୋକଙ୍କୁ ଗାଳିଗୁଲଜ କରିଥିଲେ। ପାଟି ଶୁଣି ତାଙ୍କ ଶାଳକ ବିଶ୍ୱଜିତ ଦାସ ସେଠାରେ ପହଞ୍ଚି ହରିଙ୍କୁ କାହିଁକି ଗାଳିଗୁଲଜ କରୁଛ ବୋଲି ପଚାରିଥିଲେ। ଏଥିରେ ହରି ରାଗିଯାଇ ବିଶ୍ୱଜିତ୍‌ଙ୍କୁ ଆକ୍ରମଣ କରିଥିଲେ। ପରେ ପାଟି ଶୁଣି ରାମପଦ ଓ ଶ୍ୟାମ ପଦ ପହଞ୍ଚି ହରିଙ୍କୁ ଆକ୍ରମଣ କରିଥିଲେ। ଗାଁର ଲାଲତୁ ମୁଣ୍ଡା ସେଠାରେ ପହଞ୍ଚି ଉଭୟଙ୍କୁ ଛଡ଼ାଛଡ଼ି କରୁଥିବା ବେଳେ ତାଙ୍କୁ ମଧ୍ୟ ପାଲଟା ଆକ୍ରମଣ କରାଯାଇଥିଲା। ଫଳରେ ସେ ମଧ୍ୟ ଆହତ ହୋଇଥିଲେ। ଗାଁରେ ଉତ୍ତେଜନା ଆଶଙ୍କା ରହିଥିବାରୁ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଦାନଗଦି ଫାଣ୍ଡି ଅଧିକାରୀ ଅଜୟ ସାହୁ ନଂ.୨୭୦।୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି।

# ରାମେଶ୍ୱର ଫାଇଟର୍ସ ଚାମ୍ପିୟନ



ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି ଚାମ୍ପିୟନ ଟିମ୍‌ର ଖେଳାଳିମାନେ।

ଯାଜପୁରରୋଡ୍,୨୪।୪ (ପବିତ୍ର ରଞ୍ଜନ ମହାନ୍ତି):

## କଳିଙ୍ଗନଗର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

କଳିଙ୍ଗନଗର ସ୍ପୋର୍ଟ୍ସ ଏକାଡେମୀ ଆନୁକୂଲ୍ୟ ଓ ତେଜ ହୋଣ୍ଡା ସହଯୋଗରେ ବ୍ୟାସନଗରସ୍ଥିତ ରାଜୀବ ଗାନ୍ଧୀ ଷ୍ଟାଡିୟମଠାରେ ଚାଲିଥିବା ସର୍ବଭାରତୀୟ କଳିଙ୍ଗନଗର ପ୍ରିମିୟର ଲିଗ୍ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ଏମ୍‌ଏମ୍‌ସିସି ସମ୍ବଲପୁରକୁ ହରାଇ ରାମେଶ୍ୱର ଫାଇଟର୍ସ ଚାମ୍ପିୟନ ହୋଇଛି। ଟସ୍ ଜିତି ଏମ୍‌ଏମ୍‌ସିସି ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୧୦ ରନ କରିଥିଲା। ଦଳ ତରଫରୁ ରାମଚନ୍ଦ୍ର ବେହେରା ୧୯ ରନ, ଭାଗମେନ୍ଦର ଲାଠର ୧୯ ରନ କରିଥିଲେ। ରାମେଶ୍ୱର ଫାଇଟର୍ସର ଅରୁଣ ଚୌରାସିଆ ୪ ଉଇକେଟ ଅକ୍ତିଆର କରିଥିବାବେଳେ ସ୍ନେହଶା ସରକାର ୨ ଉଇକେଟ ନେଇଥିଲେ। ଜବାବରେ ରାମେଶ୍ୱର ଫାଇଟର୍ସ ମାତ୍ର ୧୬ ଓଭରରେ ୫ ଉଇକେଟ ହରାଇ ୧୧୧ ରନ କରି ଚାମ୍ପିୟନ ହୋଇଥିଲା।

ଦଳ ତରଫରୁ କାର୍ତ୍ତିକ ବିଶ୍ୱାଳ ସର୍ବାଧିକ ୩୬ ଓ ଶ୍ରେଷ୍ଠା ୧୯ ରନ କରିଥିଲେ। ଏମ୍‌ଏମ୍‌ସିସିର ମନୋଜ ବାରିକ ୩ ଓ ଦେବବ୍ରତ ପ୍ରଧାନ ୧ ଉଇକେଟ ନେଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ କଳିଙ୍ଗନଗର ସ୍ପୋର୍ଟ୍ସ ଏକାଡେମୀର କାର୍ଯ୍ୟକାରୀ ସଭାପତି ଆଲୋକ ମହାନ୍ତି ଅତିଥିଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟ ଅତିଥିଭାବେ ନାଟରାଜ ପ୍ରାଇଭେଟ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ରବିନାରାୟଣ ପୁହାଣ ଓ ସମ୍ମାନିତ ଅତିଥିଭାବେ ଇଏସ୍‌ଆର୍‌ର ପ୍ରକଳ୍ପ ନିର୍ଦ୍ଦେଶକ ଏମ୍‌ସି ରଥ ଯୋଗଦେଇଥିବାବେଳେ କେପିଏଲ୍‌ର ସଂଯୋଜକ ନିରଞ୍ଜନ ପୃଷ୍ଟି ମଞ୍ଚ ପରିଚାଳନା କରିଥିଲେ। ତେଜ ହୋଣ୍ଡାର ପରିଚାଳନା ନିର୍ଦ୍ଦେଶକ ରାକେଶ ରାଉତ ଅତିଥିଭାବେ ଯୋଗଦେଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୨ ଲକ୍ଷ ଟଙ୍କା ଓ ରନର୍ସ ଅପ ଦଳକୁ ଟ୍ରଫି ସହ ୧ ଲକ୍ଷ ୨୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା।

# ଟାଟା ଷ୍ଟିଲ୍‌ରେ ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ


ଟାଟା ଷ୍ଟିଲରେ ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ଯାଜପୁର,୨୪।୪(ହର୍ଷବର୍ଦ୍ଧନ ବେହେରା):

କଳିଙ୍ଗନଗର ଟାଟା ଷ୍ଟିଲ (ଟିଏସ୍‌କେ)ର ସୁରକ୍ଷା ବିଭାଗ ପକ୍ଷରୁ ଜାତୀୟ ବିପର୍ଯ୍ୟୟ ମୁକାବିଲା ବଳ (ଏନ୍‌ଡିଆର୍‌ଏଫ୍) ଓ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟର ମିଳିତ ସହଯୋଗରେ ଟିଏସ୍‌କେର ଅଡିଟୋରିୟମ୍, ପ୍ଲଟ୍-୨ ଠାରେ ଜରୁରିକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଏକ ୬ ଦିନିଆ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ଟିଏସ୍‌କେର ଉପସଭାପତି (ଅପରେଶନ୍ସ) ରାଜୀବ କୁମାର ମୁଖ୍ୟ ଅତିଥି, ଏନ୍‌ଆଇଏନ୍‌ଏଲର ପରିଚାଳନା ନିର୍ଦ୍ଦେଶକ ସୁଧୀର ମେହେତା, ଟିଏସ୍‌କେର ହଟ୍ ଷ୍ଟ୍ରିପ୍ ମିଲ୍ ମୁଖ୍ୟ ତୁହିନ୍ ଚାଟାର୍ଜୀ, ଟିଏସ୍‌କେର କର୍ପୋରେଟ୍ ସେବା ମୁଖ୍ୟ ଦେବଦୂତ ମହାନ୍ତି ଏବଂ ଏନ୍‌ଆଇଏନ୍‌ଏଲର ଅପରେସନ୍ସ ଏବଂ ମେଣ୍ଟେନାନ୍ସ ମୁଖ୍ୟ ଭିନିତ ରଞ୍ଜନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଟିଏସ୍‌କେ ଏବଂ ଟିଏସ୍‌ଏମର ସୁରକ୍ଷା ମୁଖ୍ୟ ପ୍ରକାଶ ସଞ୍ଜୟ ସଂଯୋଜକ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଟିଏସ୍‌କେର ସୁରକ୍ଷା ମୁଖ୍ୟ ମୁକୁଲ କୁମାର ସମେତ ଅନ୍ୟମାନେ ସହଯୋଗ କରିଥିଲେ। ଜାମସେଦପୁର, କଳିଙ୍ଗନଗର, ମେରାମଣ୍ଡଳୀ ଏବଂ ଏନ୍‌ଆଇଏନ୍‌ଏଲ ଭଳି ଟାଟା ଷ୍ଟିଲ୍ ବିଭିନ୍ନ ସ୍ଥାନରୁ ଯୋଗଦେଇଥିବା ୪ଜଣ ମହିଳା ଅଧିକାରୀ ସମେତ ୪୨ ଅଧିକାରୀ ତାଲିମ କାର୍ଯ୍ୟକ୍ରମକୁ ସଫଳତାର ସହ ସମାପ୍ତ କରି ଏନ୍‌ଡିଆରଏଫ୍ ଦ୍ୱାରା ଜାରି ପ୍ରମାଣପତ୍ର ସହିତ ପୁରସ୍କୃତ ହୋଇଥିଲେ। କଟକ ମୁଣ୍ଡଳୀର ତୃତୀୟ ବାଟାଲିୟନ ଏନ୍‌ଡିଆର୍‌ଏଫ୍ ଦଳକୁ ମଧ୍ୟ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ବିପର୍ଯ୍ୟୟ ପରିଚାଳନା ଉପରେ ଏକ ମକ୍‌ଡ୍ରିଲ୍ ମଧ୍ୟ ଆୟୋଜିତ ହୋଇଥିଲା। ଏହା ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରୁଛି, ଯାହାର ଲକ୍ଷ୍ୟ ପ୍ରଶିକ୍ଷକଙ୍କ ଏକ ସମୂହ ସୃଷ୍ଟି କରିବା ବୋଲି ବିଭାଗ ପକ୍ଷରୁ ସୂଚନା ଦେବା ସହ ଯେଉଁମାନେ ପରବର୍ତ୍ତୀ ସମୟରେ ଅନ୍ୟ କର୍ମଚାରୀଙ୍କୁ ଶ୍ରେଣୀଗୃହ ତାଲିମ ଓ ବିପର୍ଯ୍ୟୟ ପରିସ୍ଥିତିରେ ବ୍ୟବହାର ପାଇଁ ତାଲିମ ପ୍ରଦାନ କରିବେ ବୋଲି ନିଷ୍ପତ୍ତି ହୋଇଥିଲା।

## ବିଶ୍ୱଶାନ୍ତି ଦୈବୀ ମହାଯଜ୍ଞ, ଭାଗବତ ପାରାୟଣ

ତିର୍ତ୍ତୋଲ,୨୪।୪ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକ କଟରା ପଞ୍ଚାୟତ ମର୍ଦ୍ଦୋଳ ଗ୍ରାମରେ ଅନୁଷ୍ଠିତ ବିଶ୍ୱଶାନ୍ତି ଦୈବୀ ମହାଯଜ୍ଞ ଓ ଭାଗବତ ପାରାୟଣ ସପ୍ତାହ କାର୍ଯ୍ୟକ୍ରମ ମଙ୍ଗଳବାର ରାତିରେ ଶେଷ ହୋଇଯାଇଛି। ଗ୍ରାମର ଚଣ୍ଡୀଦେବୀଙ୍କ ପୀଠରେ ଅନୁଷ୍ଠିତ ୨୭ତମ ବାର୍ଷିକ କାର୍ଯ୍ୟକ୍ରମରେ ଭାଗବତ ପାରାୟଣ, ନାମଯଜ୍ଞ ଓ ବିଶ୍ୱର ଶାନ୍ତି ନିମନ୍ତେ ଦୈବୀ ମହାଯଜ୍ଞ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗ୍ରାମ୍ୟ କମିଟିର ସଦସ୍ୟ ଓ ଯୁବକମାନଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ସମାପନ ହୋଇଥିଲା। ପୂର୍ଣ୍ଣାହୁତି ଦେଖିବା ଲାଗି ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

## ପୋଲିସ ପକ୍ଷରୁ ଖୋଲିଲା ଜଳଛତ୍ର

ରାଜକନିକା, ୨୪।୪(ରବୀନ୍ଦ୍ର କୁମାର ଦାସ)

ବୁଧବାର କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ରାଜକନିକା ଓଡ଼ିଆ ଛକ ନିକଟରେ ରାଜକନିକା ପୋଲିସ ପକ୍ଷରୁ ଜଳଛତ୍ର ଖୋଲାଯାଇଛି। ଏହାକୁ ଆଇଆଇସି ଦିଲୀପ ଧଳ ଉଦ୍‌ଘାଟନ କରିବା ସହ ପଥଚାରୀମାନଙ୍କୁ ଦହିପଣା, ରସନା ପାଣି ଆଦି ବଣ୍ଟନ କରିଛନ୍ତି। ରାଜକନିକା ବ୍ଲକର ୨୯ଟି ପଞ୍ଚାୟତରେ ପୋଲିସ ପକ୍ଷରୁ ୯୬ଟି ଜଳଛତ୍ର ଖୋଲାଯାଇଥିବା ବେଳେ ରାଜ୍ୟ ରାଜପଥକୁ ସଂଯୋଗ କରୁଥିବା ଓଡ଼ିଆ ଛକରେ ଖୋଲାଯାଇଥିବା ଜଳଛତ୍ର ବାଟୋଇଙ୍କ ପାଇଁ ବେଶ ସହାୟକ ହେବ ବୋଲି ଥାନା ଅଧିକାରୀ କହିଛନ୍ତି।

# ପାଣି ଅଭାବରୁ ପନିପରିବା ଫସଲ ନଷ୍ଟ

ପଟ୍ଟାମୁଣ୍ଡାଇ,୨୪।୪(କଳ୍ପତରୁ ନାୟକ)


ପଟ୍ଟାମୁଣ୍ଡାଇ କେନାଲକୁ ରାସ୍ତା ନିର୍ମାଣ ପାଇଁ ପୋତି ଦିଆଯାଇଛି।


ପାଣି ଅଭାବରୁ ଜମିରେ ଫସଲ ନଷ୍ଟ ହେବାକୁ ବସିଛି।

- ବର୍ଷାଦିନରୁ ପଟ୍ଟାମୁଣ୍ଡାଇ କେନାଲ ପଡ଼ିଛି ଶୁଖିଲା
- ପୋଖରୀ, ନୟନଯୋଡ଼ିରେ ନାହିଁ ପାଣି
- ଚାଷୀ, ଗୃହପାଳିତ ପ୍ରାଣୀ ଆଉଟୁପାଉଟୁ
- କେନାଲରେ ପାଣି ଛାଡ଼ିବାକୁ ଦାବି

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ପ୍ରଚଣ୍ଡ ରୌଦ୍ରତାପରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛନ୍ତି। ୧୫ ଦିନ ହେଲା କ୍ରମାଗତ ତାପମାତ୍ରା ବୃଦ୍ଧି ପାଉଥିବାରୁ ସକାଳ ୯ଟା ପରେ ଘରୁ ପଦାକୁ ଗୋଡ଼ କାଢ଼ି ହେଉନାହିଁ। ଦିନର ତାପମାତ୍ରା ୪୨ ଡିଗ୍ରୀ ପାଖାପାଖି ରହୁଛି। ଗୁଳୁଗୁଳି ସାଙ୍ଗକୁ ତାପମାତ୍ରା ବୃଦ୍ଧି ଓ ଟାଣଖରା ପାଇଁ ବିଲରେ ପନିପରିବା ଫସଲ ଜଳି ମରିଯାଉଛି। ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲ ଓ ଏଥିରୁ ବାହାରିଥିବା ଶାଖା କେନାଲଗୁଡ଼ିକ ବର୍ଷାଦିନ ପରଠାରୁ ପାଣି ଆସିନାହିଁ। ଏଥିଯୋଗୁ ପୋଖରୀଗୁଡ଼ିକ ମଧ୍ୟ ଶୁଖିଗଲାଣି। ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲରେ ପାଣି ଛଡ଼ାଗଲେ ଏଥିରୁ ବାହାରିଥିବା ଶାଖା କେନାଲରେ ପାଣି ଆସିଲେ ବ୍ୟାପକ ଅଞ୍ଚଳରେ ଜଳ ସମସ୍ୟା ସମାଧାନ ହେବା ସହ ଉତ୍ତାପ ହ୍ରାସ ପାଆନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଉଛି।

ଏ ସମ୍ପର୍କରେ ସାମାଜିକ କର୍ମୀ ପ୍ରଫୁଲ୍ଲ ଦାଶ କହିଛନ୍ତି, କଟକ ଜିଲା ଜଗତପୁର ମହାନଦୀ ବ୍ୟାରେଜରୁ ବାହାରିଥିବା ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲ ଶୁଖିଲା ପଡ଼ିଥିବାରୁ ପାଣି ଛାଡିବାକୁ ଚାଷୀମାନେ ଦାବି କରିଛନ୍ତି। ଅନ୍ୟପକ୍ଷରେ ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲକୁ ସଂଯୋଗ କରୁଥିବା ଗୋବରୀ ସମ୍ପ୍ରସାରିତ କେନାଲ ଓ ଏହାର ଶାଖା ୧୬ ନଂ. କେନାଲ, ୨ ନଂ. କେନାଲ, କୋରିଆପଲ୍ଲୀ ମାଇନର, ୧୪ ନଂ. କେନାଲ, ୧୫ ନଂ. ତାତନା ମାଇନର ଶୁଖିଲା ପଡ଼ିଛି। କେନାଲକୂଳ ଗ୍ରାମର ଅଧିକାଂଶ ଲୋକ ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲ ଓ ଶାଖା ଉପରେ ନିର୍ଭର କରି ଚଳିଆ'ନ୍ତି। କେନାଲ ସବୁ ଶୁଖିଲା ପଡ଼ିଥିବାରୁ ଚାଷ ସହ ବିଭିନ୍ନ କାର୍ଯ୍ୟରେ ସମସ୍ୟା ଦେଖାଦେଉଛି। ସେହିପରି ଗ୍ରୀଷ୍ମ ପ୍ରବାହ କାରଣରୁ ଗୋରୁ, ଛେଳିମେଣ୍ଢା ଆଦି ଗୃହପାଳିତ ପ୍ରାଣୀ ପିଇବା ପାଣି ନ ପାଇ ଡହଳବିକଳ ହେଉଛନ୍ତି। କେନାଲ କୂଳରେ ଥିବା ଜମିରେ ଚାଷୀମାନେ ପନିପରିବା ଚାଷ କରିଥିବାରୁ ପାଣି ବିନା ମରିଯିବାକୁ ବସିଲାଣି। କେନାଲରେ ତୁରନ୍ତ ପାଣି ଛାଡ଼ିବାକୁ ସେ ଦାବି କରିଛନ୍ତି। ଚାଷୀ ଅଜୟ ନାୟକ, ସୁଶାନ୍ତ ସାମଲ, ପ୍ରଫୁଲ୍ଲ ତରାଇ, ବିଜୟ ଦାସ, ବନମାଳୀ ମହାପାତ୍ର, ଦେବେନ୍ଦ୍ର ପ୍ରଧାନ, ତ୍ରିଲୋଚନ ମଲ୍ଲିକ, ଭ୍ରମରବର ବେହେରା ପ୍ରମୁଖ ଜଳସମ୍ପଦ ବିଭାଗକୁ ୧୫ ଦିନ ମଧ୍ୟରେ କେନାଲରେ ପାଣି ଛାଡ଼ିବାକୁ ଦାବି କରିଛନ୍ତି। ସେମାନଙ୍କ କହିବା କଥା, ପଟ୍ଟାମୁଣ୍ଡାଇ ଅଞ୍ଚଳର ଷଣ୍ଢପଲ୍ଲୀ, ଅଳଭା, ଖଡ଼ିଅଣ୍ଟା, ଆମ୍ଭେର, ଶିମୁଳିଆ, ଅରଡ଼ପଲ୍ଲୀ, ଗଙ୍ଗାରାମପୁର, ଗୁଣ୍ଡୁପୁର, ଛେଦରା, ଅଠରବାଟିଆ, ବେଲତଳ, ତାତନା, ଦକ୍ଷିଣଦିଆ, ବଲ୍ଲାରପୁର, ଛାଉଣୀ, ମାଟିଆ, କଖାରୁଣୀ, ବାଲିସାହି, ପୋଖରିଆପଡ଼ା, ଡିହାପଡ଼ା, ନରସିଂହପୁର, ବଡ଼ମୂଳବସନ୍ତ, ସେକପୁର, ଗଣ୍ଡକୂଳ, ନପଙ୍ଗ, ସୁବର୍ଣ୍ଣପୁର, ଓଉପଦା, ବିଲିକଣା, ଦୋସିଆ, ବଡ଼ପଡ଼ା, କାଠିଆପଡ଼ା ଆଦି ଉତିକୋଣ ଭେଡ଼ାରେ କେନାଲ ଜଳସେଚିତ ଜମିରେ ପନିପରିବା ଚାଷ କରାଯାଇଛି। କେନାଲ ପାଣି ବ୍ୟତୀତ ଅନ୍ୟ ବିକଳ୍ପ ବ୍ୟବସ୍ଥା ନ ଥିବାରୁ ଚାଷୀ କରିଥିବା ପରିବା ଫସଲ ଖରାରେ ଶୁଖିଯାଇ ବ୍ୟାପକ କ୍ଷତିଗ୍ରସ୍ତ ହେବାରେ ଲାଗିଛି। ଏବେ ଖରାଦିନ ହୋଇଥିବାରୁ ଗୃହପାଳିତ ପ୍ରାଣୀଙ୍କୁ ଗୁହାଳ କିମ୍ବା ଗୋଠରେ ବାନ୍ଧି ରଖି ହେଉନାହିଁ। ପାଣି ଅଭାବରୁ ଗୃହପାଳିତ ପ୍ରାଣୀମାନେ ଶୋଷରେ ଆଉଟୁପାଉଟୁ ହେଉଛନ୍ତି। କେନାଲରେ ପାଣି ନ ଥିବାରୁ ରୌଦ୍ରତାପରେ ପୋଖରୀ, ଗାଡ଼ିଆଗୁଡ଼ିକ ଶୁଖିଯାଇଛି। ଭୂତଳ ଜଳସ୍ତର କ୍ରମଶଃ ହ୍ରାସ ପାଉଥିବାରୁ କୂପ ଓ ନଳକୂପଗୁଡ଼ିକର ଜଳସ୍ତର ମଧ୍ୟ କମିବାରେ ଲାଗିଛି। ପଟ୍ଟାମୁଣ୍ଡାଇର ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଥିବା ଧୋୟାଞ୍ଚଳକୁ ବାଦ୍ ଦେଲେ ଭେଡ଼ା ଅଞ୍ଚଳର ୭୦ ଭାଗ ଲୋକ କେନାଲ ପାଣି ଉପରେ ନିର୍ଭର କରି ଚାଷଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟ ସମ୍ପାଦନ କରିଥାନ୍ତି। ଚଳିତବର୍ଷ ଅନ୍ୟବର୍ଷ ତୁଳନାରେ ତାପମାତ୍ରା ଅହେତୁକ ଭାବେ ବୃଦ୍ଧି ପାଇଛି। କେନାଲରେ ପାଣି ଛଡ଼ା ଗଲେ ଉଭୟପାର୍ଶ୍ୱରେ ଥିବା ଗ୍ରାମଗୁଡ଼ିକର ଜନସାଧାରଣ ଆଶ୍ୱସ୍ତି ଅନୁଭବ କରିପାରନ୍ତେ। ଏଥିପ୍ରତି ଜଳସମ୍ପଦ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଜଳସମ୍ପଦ ବିଭାଗ ଯନ୍ତ୍ରୀ ଅକୁଳୀ ସାହୁଙ୍କୁ ପଚାରିବାରେ ପଟ୍ଟାମୁଣ୍ଡାଇ ବାଇପାସ୍ ରାସ୍ତା ନିର୍ମାଣ କରୁଥିବା ଠିକାଦାର ମନମୁଖି କେନାଲକୁ ଖୋଳି ରାସ୍ତା ନିର୍ମାଣ କରୁଛନ୍ତି। କେନାଲରେ ପାଣି ଛଡ଼ାଗଲେ ପଟ୍ଟାମୁଣ୍ଡାଇ ସହର ବୁଡ଼ିଯିବ। ଠିକାଦାର ଜଣେ ପ୍ରଭାବଶାଳୀ ଲୋକ ହୋଇଥିବାରୁ କିଛି କହିପାରୁନାହୁଁ। ଜନସାଧାରଣ ଏକଜୁଟ ହୋଇ ଏହାର ପ୍ରତିବାଦ କଲେ ହୁଏତ କେନାଲରେ ପାଣି ଛାଡ଼ିହୁଅନ୍ତା ବୋଲି ସେ କହିଛନ୍ତି।

## ଧୈର୍ଯ୍ୟ, ସାହସ ବିପଦକୁ ମୁକାବିଲା କରେ

### ସ୍ୱାମୀ ଅରୂପାନନ୍ଦ ଜୁନିୟର କଲେଜ

### ଜାତୀୟ ସେବା ଯୋଜନା ସଚେତନତା ବୈଠକ

ରଘୁନାଥପୁର,୨୪।୪ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ କୁର୍ତ୍ତାଙ୍ଗସ୍ଥିତ ସ୍ୱାମୀ ଅରୂପାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଯୋଗ, ଅଂଶୁଘାତ, କୁକୁର ଓ ସର୍ପ ଦଂଶନକୁ ନେଇ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ତଥା ଗଣଶିକ୍ଷା ବିଭାଗ ସହଯୋଗରେ ଆୟୋଜିତ ବୈଠକରେ କଲେଜ ଅଧ୍ୟକ୍ଷ ସୁକାନ୍ତ କୁମାର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଯେକୌଣସି ବ୍ୟକ୍ତିଙ୍କ ଅଂଶୁଘାତ ହେଉ କିମ୍ବା ସର୍ପ ଦଂଶନ ହେଉ ଭୟଭୀତ ନ ହୋଇ ମନୋବଳ ଦୃଢ଼ ରଖିବା ଉଚିତ। ପ୍ରଥମେ ଧୈର୍ଯ୍ୟ ଓ ସାହସର ସହ ବିପଦକୁ ମୁକାବିଲା କରି ତୁରନ୍ତ ରୋଗୀଙ୍କୁ ପ୍ରାଥମିକ ଚିକିତ୍ସା ପାଇଁ ନିକଟସ୍ଥ ଡାକ୍ତରଖାନାରେ ପହଞ୍ଚାଇବା ଜରୁରୀ ବୋଲି ମୁଖ୍ୟଅତିଥି ଡା. ସରୋଜ ଆଚାର୍ଯ୍ୟ ଉପସ୍ଥିତ ଏନ୍‌ଏସ୍‌ଏସ୍ ଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ଅଧ୍ୟାପକ ରମେଶ ଚନ୍ଦ୍ର ସାହୁ ବିପଦ ପୂର୍ବରୁ ସତର୍କତା ଅବଲମ୍ବନକୁ ଗୁରୁତ୍ୱ ଦେବାକୁ ପରାମର୍ଶ ରଖିବା ସହ ନିଜର ବନ୍ଧୁ, ପରିବାରବର୍ଗ ଓ ସମ୍ପର୍କୀୟଙ୍କୁ ଏଥିପ୍ରତି ସଚେତନ କରିବା ନିହାତି ଆବଶ୍ୟକ ବୋଲି ସେ ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ମିର୍ଜା ସାମସୁଦ୍ଦିନ ବେଗ, ଅଧ୍ୟାପକ ରବୀନ୍ଦ୍ର କୁମାର ଓଝା, ଶାଶ୍ୱତ କୁମାର ମହାନ୍ତି, କୁମୁଦିନୀ ଦ୍ୱିବେଦୀ, ପୁଷ୍ପଲତା ଦାସ, ବାସନ୍ତୀଲତା ସାହୁ, ସ୍ନେହମୟୀ ଦାସ ଓ ତ୍ରିଲୋଚନ ମହାପାତ୍ର ଏ ସମ୍ପର୍କରେ ବହୁ ଶିକ୍ଷଣୀୟ ଉପଦେଶ ପ୍ରଦାନ କରିଥିଲେ। ଅଧ୍ୟକ୍ଷ ମହାନ୍ତି ନିଜ ବକ୍ତବ୍ୟରେ ଯୋଗକୁ ପ୍ରାଧାନ୍ୟ ଦେବା ସହ ପ୍ରଚଣ୍ଡ ରୌଦ୍ରତାପରେ ଅଂଶୁଘାତ ପ୍ରତି ଥିବା ସରକାରୀ ସତର୍କତାକୁ ପାଳନ ଏବଂ ସର୍ପ କିମ୍ବା କୁକୁର କାମୁଡ଼ା ପାଇଁ ମେଡିକାଲ ପକ୍ଷରୁ ଥିବା ସୁବିଧା ସୁଯୋଗ ସମ୍ପର୍କରେ ସମସ୍ତଙ୍କୁ ସଚେତନ କରିବାକୁ ପରାମର୍ଶ ଦେଇଥିଲେ। ପ୍ରୋଗ୍ରାମ ଅଫିସର ଲତିଫ ମହମ୍ମଦ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଧ୍ୟାପକ ଅଭୟ କୁମାର ମହାରଣା ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିଲେ। ଏନ୍‌ଏସ୍‌ଏସ୍ ଛାତ୍ର ପ୍ରଭୁଦତ୍ତ ଜେନା, ରୁଦ୍ରନାରାୟଣ ଦାଶ ଓ ଶୁଭମ୍ ସ୍ୱାଇଁ ସେବା ଯୋଜନାର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶେଷରେ ମିଟୁ ରାଉତ ଧନ୍ୟବାଦ ଦେଇଥିଲେ।



ଜାତୀୟ ସେବା ଯୋଜନା ବୈଠକରେ ଉପସ୍ଥିତ ଅତିଥିମାନେ।

## ଭାଜପାର ନିର୍ବାଚନମଣ୍ଡଳୀସ୍ତରୀୟ ବୁଥ୍ ବିଜୟ ଅଭିଯାନ


ଭାଜପା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ନେତା ଓ କର୍ମୀମାନେ।

ତିର୍ତ୍ତୋଲ, ୨୪।୪ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକ ସରଣୀ ଛକ ନିକଟ ଆନନ୍ଦ ମଣ୍ଡପ ପରିସରରେ ବୁଧବାର ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ସ୍ତରୀୟ ବୁଥ୍ ବିଜୟ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିର୍ବାଚନମଣ୍ଡଳୀର ଦଳୀୟ ପ୍ରାର୍ଥୀ ଆଇନଜୀବୀ ରାଜକିଶୋର ବେହେରା, ପୂର୍ବତନ ଏମ୍‌ପି ବିଭୁପ୍ରସାଦ ତରାଇ ଯୋଗଦେଇ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥିତ ଦଳୀୟ କର୍ମୀମାନଙ୍କୁ ସଚେତନ କରାଇଥିଲେ। ପ୍ରତି ବୁଥ୍ ସ୍ତରରେ ଭୋଟରଙ୍କୁ ଦଳର ଆଦର୍ଶ ପ୍ରତି ଆକୃଷ୍ଟ କରିବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ବାଚନମଣ୍ଡଳୀ ପ୍ରଭାରୀ ସୁବୋଧ ବାରିକ, ଜଗତ୍‌ସିଂହପୁର ଲୋକସଭା ପ୍ରଭାରୀ ପବିତ୍ର ମୋହନ ଦାସ, ଯୁବ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକର୍ତ୍ତା ପ୍ରକାଶ ଦଳାଇ, ବରିଷ୍ଠ କାର୍ଯ୍ୟକର୍ତ୍ତା ବିଜୟ ଦାଶ, ତ୍ରିଦେବ କାମିକା, ସୁବାସ ଜେନା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଚାଲିଥିବା ବେଳେ କେତେଜଣ ଯୁବକର୍ମୀ ହୋହାଲ୍ଲା ଆରମ୍ଭ କରିଥିଲେ। କିଛି ସମୟ ପରେ କାର୍ଯ୍ୟକ୍ରମ ସ୍ୱାଭାବିକ ଚାଲିଥିଲା। ଏଥିରେ ଶତାଧିକ କର୍ମୀ ଓ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

## ଜଳଛତ୍ରରେ ଭୋଟରଙ୍କୁ ସଚେତନତା

ରଘୁନାଥପୁର,୨୪।୪ (ରାଜେନ୍ଦ୍ର ନାରାୟଣ ସିଂହ)

ପ୍ରଚଣ୍ଡ ଗ୍ରୀଷ୍ମକୁ ଦୃଷ୍ଟିରେ ରଖି ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତର ଖଣ୍ଡତରି, ହରିଶପୁର, ଗୋକୁଳପୁର ଓ ତାରପୁର ବାଇପାସ୍ ଆଦି ଜନଗହଳି ସ୍ଥାନରେ ପଞ୍ଚାୟତ ପକ୍ଷରୁ ଜଳଛତ୍ର ଖୋଲାଯାଇଛି। ସ୍ଥାନୀୟ ସରପଞ୍ଚ ସୁଷମା ମଲ୍ଲିକ ବିଭିନ୍ନ ସ୍ଥାନରେ ଜଳଛତ୍ରର ଶୁଭାରମ୍ଭ କରିଥିଲେ। ଏହି ପରିପ୍ରେକ୍ଷୀରେ ଆଗାମୀ ସାଧାରଣ ନିର୍ବାଚନରେ ଯେପରି ଶତ ପ୍ରତିଶତ ମତଦାନ ହୋଇପାରିବ ଏବଂ ବିଶେଷକରି ଯୁବ ଭୋଟରମାନେ ମତଦାନ ପ୍ରତି ଆଗ୍ରହ ପ୍ରକାଶ କରିବେ, ସେ ସମ୍ପର୍କରେ ସରପଞ୍ଚ ମଲ୍ଲିକ ସଚେତନତା ସୃଷ୍ଟି କରିଛନ୍ତି। ସରପଞ୍ଚ ମଲ୍ଲିକ ଗୋକୁଳପୁର ଜଳଛତ୍ରରେ ଉପସ୍ଥିତ ରହି ଭୋଟରଙ୍କୁ ଗଣତାନ୍ତ୍ରିକ ରାଷ୍ଟ୍ରରେ ମତଦାନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଏହାଛଡା ସ୍ୱତନ୍ତ୍ର ଆପ୍ ମାଧ୍ୟମରେ ସ୍ମାର୍ଟ ଫୋନରେ ମତଦାନ ସମ୍ପର୍କରେ କିପରି ସବିଶେଷ ତଥ୍ୟ ପାଇପାରିବେ ଭୋଟରଙ୍କୁ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେଡି ପଞ୍ଚାୟତ ସଭାପତି ଚନ୍ଦ୍ରଶେଖର ସିଂହ, ଯୁବନେତା ଅନ୍ତର୍ଯ୍ୟାମୀ ରାଉତ, ପ୍ରଭାକର ମଲ୍ଲିକ, ବିକ୍ରମ ସିଂହ ଓ ଅକ୍ଷୟ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବ କ୍ରିକେଟର ସୂର୍ଯ୍ୟକାନ୍ତଙ୍କ ପାଇଁ ଅର୍ଥ ସାଜିଛି ବାଧକ

ରଘୁନାଥପୁର,୨୪।୪ (ରାଜେନ୍ଦ୍ର ନାରାୟଣ ସିଂହ)



ସୂର୍ଯ୍ୟକାନ୍ତ ଦାସ

କ୍ରିକେଟରେ ଅଲରାଉଣ୍ଡର ଭାବେ ପ୍ରଥମେ ରଘୁନାଥପୁର ବ୍ଲକରୁ ଜଗତ୍‌ସିଂହପୁର ଜିଲା ଏବଂ ଏବେ ରାଜ୍ୟସ୍ତରରେ ସିଲେକ୍ଟ ହୋଇ ରାଜ୍ୟ ପାଇଁ ସୂର୍ଯ୍ୟକାନ୍ତ ଦାସ (୧୬) କ୍ରିକେଟ ଖେଳୁଛନ୍ତି। ଆଶା ଅନେକ ହେଲେ ଅର୍ଥ ସାଜିଛି ବାଧକ। ସରକାରୀ ସ୍ତରରେ ସହଯୋଗ ମିଳିଲେ ନିଜର ଦକ୍ଷତାକୁ ପ୍ରତିପାଦିତ କରିପାରନ୍ତେ ବୋଲି ସେ କହିଛନ୍ତି। ରଘୁନାଥପୁର ବ୍ଲକ କୋରକୋରା ଗ୍ରାମରେ ସୂର୍ଯ୍ୟକାନ୍ତଙ୍କ ଘର। ନବୀନ ଓଡ଼ିଶା ନୂଆ ଓଡ଼ିଶା କାର୍ଯ୍ୟକ୍ରମ ପରିପେକ୍ଷୀରେ ରଘୁନାଥପୁର ବ୍ଲକ ପକ୍ଷରୁ ୧୯ଟି ପଞ୍ଚାୟତରେ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ସୂର୍ଯ୍ୟକାନ୍ତ ପଞ୍ଚାୟତରୁ ବ୍ଲକସ୍ତରୀୟ ଓ ପରେ ଜିଲାସ୍ତରୀୟ କ୍ରିକେଟରେ ମଧ୍ୟ ଅଲରାଉଣ୍ଡର ଭାବେ ସଫଳତା ହାସଲ କରିଥିଲେ। ପରେ ରାଜ୍ୟସ୍ତରୀୟ କ୍ରିକେଟ୍ ପାଇଁ ସେ ସମ୍ବଲପୁରଠାରେ ମନୋନୀତ ହୋଇ ବିହାର ରାଜ୍ୟକୁ କ୍ରିକେଟ ଖେଳିବାକୁ ଯାଇଥିଲେ। ସେଠାରେ ସୂର୍ଯ୍ୟକାନ୍ତ ନିଜର ପରାକାଷ୍ଠା ବଳରେ ସଫଳତା ପାଇ ଉଚ୍ଚ ପ୍ରଶଂସିତ ହୋଇଥିଲେ। ପିତା ଯୋଗେନ୍ଦ୍ର ଦାସ ଓ ମା' ସସ୍ମିତାଙ୍କ ପୁତ୍ର ସୂର୍ଯ୍ୟକାନ୍ତ ରଘୁନାଥପୁର ବ୍ଲକ ଅନ୍ତର୍ଗତ ଏକ ମଫସଲ ଗ୍ରାମର ଅତ୍ୟନ୍ତ ଗରିବ ପରିବାରରେ ଜନ୍ମ ହୋଇଥିଲେ। ତାଙ୍କର ପିଲାଟି ଦିନରୁ କ୍ରିକେଟ ଖେଳ ପ୍ରତି ଅଧିକ ଆଗ୍ରହ ରହିଥିଲା। ଗ୍ରାମାଞ୍ଚଳରେ କ୍ରିକେଟ ପ୍ରତିଯୋଗିତା ହେଉ କି ବିଦ୍ୟାଳୟସ୍ତରରେ ସେ ଅନେକ ଟ୍ରଫି ହାସଲ କରି ଗ୍ରାମ ପାଇଁ ଗୌରବ ଆଣିପାରିଛନ୍ତି। ଯଦି ସୂର୍ଯ୍ୟକାନ୍ତଙ୍କୁ ସରକାରଙ୍କ ପକ୍ଷରୁ ମାଗଣାରେ କ୍ରିକେଟ କୋଚିଂ ଦିଆଯିବାର ବ୍ୟବସ୍ଥା କରାଯାଇପାରନ୍ତା, ତେବେ ସେ ଏକ ଉଚ୍ଚକୋଟୀର କ୍ରିକେଟର ହୋଇ ଓଡ଼ିଶା ପାଇଁ ଅନେକ ଗୌରବ ଆଣିପାରିବେ ବୋଲି ଗଣମାଧ୍ୟମକୁ ଏକ ସାକ୍ଷାତ୍‌କାରରେ କହିଛନ୍ତି। ଆମ ଓଡ଼ିଶା ନବୀନ ଓଡ଼ିଶା କ୍ରୀଡ଼ା ପ୍ରତିଯୋଗିତାରେ ସଫଳତା ହାସଲ କରି ରାଜ୍ୟ ପାଇଁ ଖେଳୁଥିବା ଯୁବ କ୍ରିକେଟର ସୂର୍ଯ୍ୟକାନ୍ତଙ୍କୁ ସରକାରୀ ସୁବିଧା ସୁଯୋଗ ଯୋଗାଇଦେବାକୁ ସରପଞ୍ଚଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ପଣ୍ଡାଙ୍କ ସହ ଅଞ୍ଚଳବାସୀ ଜିଲାପାଳ ଓ ସରକାରଙ୍କୁ ଅନୁରୋଧ କରିଛନ୍ତି।

## ଦୁଃଖୀରାମ ସ୍ୱାଇଁଙ୍କ କଳାର ପଟାନ୍ତର ନାହିଁ

ଜଗତ୍‌ସିଂହପୁର, ୨୪।୪ (ପ୍ରମୋଦ କୁମାର ନାୟକ)



ଜୟନ୍ତୀ ଉତ୍ସବରେ ଅତିଥିଙ୍କ ଗହଣରେ ଅନୁଷ୍ଠାନର ପିଲାମାନେ।

### ସ୍ୱର୍ଗତ ସ୍ୱାଇଁଙ୍କ ୧୦୦ତମ ଜୟନ୍ତୀ

ଓଡ଼ିଶା କଳା ଜଗତରେ ସ୍ୱର୍ଗତ ଦୁଃଖିରାମ ସ୍ୱାଇଁଙ୍କ ଭୂମିକା ଅପୂରଣୀୟ। ସେ ମଞ୍ଚ ଅଭିନୟରୁ କ୍ୟାରିଅର ଆରମ୍ଭ କରି ଏକଧାରାରେ ଧାରାବାହିକ ଓ ଚଳିଚ୍ଚିତ୍ରରେ ନିଜର ପାରଦର୍ଶିତା ପ୍ରତିପାଦିତ କରି ପାରିଥିଲେ। ବିଭିନ୍ନ ଚରିତ୍ରରେ ତାଙ୍କ ନିଖୁଣ ଅଭିନୟର ପଟାନ୍ତର ନାହିଁ। ମଙ୍ଗଳବାର ଜଗତ୍‌ସିଂହପୁର ସୋସିଓ କଲଚରାଲ ଇମ୍ପ୍ରୁଭମେଣ୍ଟ ଟ୍ରଷ୍ଟ, ଦୁଃଖିରାମ ସ୍ୱାଇଁ ସ୍ମୃତି ପରିଷଦ ଓ ଦୁଃଖିରାମ ସ୍ୱାଇଁ କଳା ପ୍ରତିଷ୍ଠାନ ମିଳିତ ଆନୁକୂଲ୍ୟରେ ଏହି ପରିସରରେ ସ୍ୱାଇଁଙ୍କ ୧୦୦ତମ ଜୟନ୍ତୀ ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ଏହା କହିଛନ୍ତି। ସେମାନେ କହିଥିଲେ, ସ୍ୱର୍ଗତ ସ୍ୱାଇଁ କେବଳ ଜଗତ୍‌ସିଂହପୁର ଜିଲା ନୁହେଁ, ସାରା ରାଜ୍ୟର ଗର୍ବ ଓ ଗୌରବ। କିନ୍ତୁ ଦୁଃଖର କଥା ହେଲା ଏପର୍ଯ୍ୟନ୍ତ ଜିଲା ପ୍ରଶାସନ କିମ୍ବା ରାଜ୍ୟ ସରକାର ସ୍ୱର୍ଗତ ସ୍ୱାଇଁଙ୍କ ସ୍ମୃତି ରକ୍ଷା ପାଇଁ ଆନ୍ତରିକତା ପ୍ରକାଶ କରିନାହାନ୍ତି। ୨୦୦୮ରୁ ତାଙ୍କ ସ୍ମୃତିକୁ ସାଇତି ରଖିବାକୁ ଦୁଃଖିରାମ ସ୍ୱାଇଁ କଳା ପ୍ରତିଷ୍ଠାନ ଗଢି ଉଠିଛି। ଏଥିସହ ତାଙ୍କ ନାମରେ ଏକ ସ୍ମୃତି ପରିଷଦ ଗଠନ କରାଯାଇଛି। ଯେଉଁ ପରିଷଦ ପ୍ରତିବର୍ଷ ତାଙ୍କର ଶ୍ରାଦ୍ଧ ଓ ଜୟନ୍ତୀ ପାଳନ କରିଆସୁଛି। ସରକାର ଏହି ଦିବସ ପାଳନ କରିବାକୁ ପଦକ୍ଷେପ ନେବାକୁ ଉପସ୍ଥିତ ଅତିଥିମାନେ ଦାବି ରଖିଥିଲେ। ଅନୁଷ୍ଠାନର ଉପଦେଷ୍ଟା ବିଜୟ କୁମାର ରଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଚଳଚ୍ଚିତ୍ର ଓ ଧାରାବାହିକ ଅଭିନେତା ମାତୃପ୍ରସାଦ ଦାଶ ମୁଖ୍ୟଅତିଥି, ଶିକ୍ଷାବିତ୍ ଶରତ ଚନ୍ଦ୍ର ବାରିକ ମୁଖ୍ୟବକ୍ତା, ରାଷ୍ଟ୍ରୀୟ ବୃତ୍ତି ସେବା ନିବୃତ୍ତ ପ୍ରଧାନ ଶିକ୍ଷକ ସୁବାଶ ଚନ୍ଦ୍ର ରାଉତ, ସରୋଜ କୁମାର ଦ୍ୱିବେଦୀ, ଶିକ୍ଷାବିତ୍ ସବିତା ରାୟ, ନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ଆଚାର୍ଯ୍ୟ, ଶିକ୍ଷାବିତ୍ ଲିଳିପ୍ତ କୁମାର ଖୁଣ୍ଟିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ସ୍ୱାଇଁଙ୍କ ସ୍ମୃତିଚାରଣ କରିଥିଲେ। ପ୍ରତିଷ୍ଠାନର ନିର୍ଦ୍ଦେଶକ ଅଜୟ କୁମାର ଗୋଛାୟତ ଆଭିମୁଖ୍ୟ ପ୍ରକାଶ କରିବା ବେଳେ ଦୁର୍ଗା ପ୍ରସାଦ ସ୍ୱାଇଁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ନିଖିଳ ରଞ୍ଜନ ନାୟକ ଧନ୍ୟବାଦ ଦେଇଥିଲେ। ସ୍ୱପ୍ନଜିତ ସାହୁ, ଶ୍ରାବଣୀ ମହାରଣା, ଦୀପକ କୁମାର ଭୋଇ, ଅମ୍ବିକା ଲେଙ୍କା, ଶୁଭଦର୍ଶିନୀ ନାୟକ, ରାଜନନ୍ଦିନୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ପାରାଦୀପ: ଏକାଧିକ ଜାଗାରେ ଜଳୁଛି ଆବର୍ଜନାସ୍ଥଳ

ପାରାଦୀପ,୨୪।୪(ଶରତ ରାଉତ)

### ଧୂଆଁ, ତାତି, ଗନ୍ଧରେ କଲୋନୀବାସୀ ଅତିଷ୍ଠ


ନୂଆବଜାର ଆବର୍ଜନାସ୍ଥଳରେ ନିଆଁ ଲାଗି ଜଳୁଛି।

ପାରାଦୀପ ପୌରାଞ୍ଚଳର ଏକାଧିକ ଆବର୍ଜନା ସ୍ଥଳରେ ଏବେ ନିଆଁ ଜଳୁଛି। ବିଶେଷକରି ନୂଆବଜାର ଜଳଜୀବ ସଂଗ୍ରହାଳୟ ପଛପଟ, ମଧୁବନ ଶ୍ମଶାନ ପାଖ ଆବର୍ଜନା ପାଖ, ଅଠରବାଙ୍କି ବାଲିପ୍ଲଟ ପାଖ କାଉଡ଼ିଆ ନଦୀ ପାଖରେ ଏମିତି ନିଆଁ ଜଳୁଛି। ଯେତେବେଳେ ନିଆଁ ଲାଗୁଛି ତାହା ଜଳିବା କମ୍ ହେଉଥିବା ବେଳେ ସେଥିରୁ ଧୂଆଁ ଅଧିକ ବାହାରୁଛି। ଥରେ ନିଆଁ ଲାଗିଲେ ତାହା ଲିଭିବାକୁ ୪ରୁ ୫ ଦିନ ଲାଗୁଛି। ମଙ୍ଗଳବାର ରାତି ସାଢେ ୧୨ରେ ନୂଆବଜାର ଆବର୍ଜନା ସ୍ଥଳରେ ଭୟଙ୍କର ଭାବେ ଜଳିଥିଲା। ରାତିରେ ନିଆଁ ଧୂଆଁ ପ୍ରଭାବ କଲୋନୀ ସାରା ବ୍ୟାପୀ ଯାଇଥିଲା। ଲୋକମାନେ ରାତିରେ ନିଦରୁ ଉଠି ବାହାରେ ବୁଲିଥିଲେ। ସେହି ସ୍ଥାନରେ ବୁଧବାର ସନ୍ଧ୍ୟା ପର୍ଯ୍ୟନ୍ତ ଆବର୍ଜନା ଜଳୁଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, ପାରାଦୀପ ପୌରାଞ୍ଚଳରେ ଥିବା ୧୯ଟି ୱାର୍ଡ, ୫୫ ବସ୍ତି ଓ ମଧୁବନ ନୂଆବଜାର କଲୋନୀରେ ପ୍ରତିଦିନ ପ୍ରାୟ ୬୦ଟନ୍ ଆବର୍ଜନା ବାହାରୁଛି। ସେସବୁ ଆବର୍ଜନାଗୁଡିକୁ ପୌର ଠିକାଦାରମାନେ କଲୋନୀ ଉପାନ୍ତ ଖାଲି ଜାଗାରେ ଗଦେଇ ରଖୁଛନ୍ତି। ପରେ ତାକୁ ମଧୁବନ ଡମ୍ପିଂ ୟାର୍ଡ ପାଖକୁ ନିଆଯିବା କଥା। ତାକୁ କେତେଜଣ ଠିକାଦାର ମଝିରେ ମଝିରେ ନିଆଁ ଲଗାଇ ପୋଡୁଥିବା ଅଭିଯୋଗ ହୁଏ। ବେଳେବେଳେ କେତେଜଣ ନିଶାଖୋର ଲୋକ କିମ୍ବା ମାନସିକ ବିକାରଗ୍ରସ୍ତ ଲୋକ ଏପରି କରିଥାନ୍ତି ବୋଲି ପୌର କର୍ତ୍ତୃପକ୍ଷ କହୁଛନ୍ତି। ଯେଉଁ ଆବର୍ଜନା ବାହାରୁଛି, ସେଥିରେ ସର୍ବାଧିକ ପଲିଥିନ୍ ଓ ପ୍ଲାଷ୍ଟିକ ରହିଛି। ନିଆଁ ଲାଗିଲା ପରେ ତାହା ଦୁର୍ଗନ୍ଧ ହେଉଛି ବୋଲି କଲୋନୀ ବାସିନ୍ଦା ପ୍ରଭାସ ଚନ୍ଦ୍ର ସ୍ୱାଇଁ କହିଛନ୍ତି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ କୁହାଯାଇଛି ଯେ, ଓଜନସ୍ତରକୁ ସର୍ବାଧିକ କ୍ଷତି କରିଥାଏ ପଲିଥିନ୍ ଧୂଆଁ। କାରଣ ସେଥିରୁ ବାହାରୁଥିବା କାର୍ବନ ଅଧିକ କ୍ଷତି କରିଥାଏ। ସେଥିପାଇଁ ରାଜ୍ୟର ସବୁଠାରେ ପଲିଥିନ ନିଆଁ ଉପରେ କଟକଣା ଲାଗୁ କରାଯାଇଛି। ବୋର୍ଡରେ ଆଞ୍ଚଳିକ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରାଙ୍କୁ ପଚାରିବାରେ ଆମେ ପାରାଦୀପ ପୌର ପରିଷଦ, ବନ୍ଦର ପ୍ରଶାସନ ସମେତ ସବୁ ଶିଳ୍ପ ସଂସ୍ଥାକୁ ଚିଠି କରି ଆବର୍ଜନା ପୋଡିବାକୁ ବାରଣ କରିଛୁ। ଯେଉଁଠି ନିଆଁ ଲାଗିଛି ତା'ର ପୁନରାବୃତ୍ତି ଯେପରି ନ ଘଟେ, ସେଥିପାଇଁ ପଦକ୍ଷେପ ନେଉଛୁ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ବିବାଦୀୟ ଜାଗାରେ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ନିର୍ମାଣ କାମ ବନ୍ଦ କଲା ପ୍ରଶାସନ

ଖଣ୍ଡପଡା,୨୪।୪
(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ଅଧୀନ ବେଣାଗାଡିଆ ପଞ୍ଚାୟତର ବରକୋଳି ଗ୍ରାମରେ ସ୍ୱାସ୍ଥ୍ୟ ଆରୋଗ୍ୟ ଉପକେନ୍ଦ୍ର ନିର୍ମାଣ ପରିବର୍ତ୍ତେ ନିକଟସ୍ଥ ମାଧବେରେଣୀ ଗ୍ରାମରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ପରେ ବିବାଦର ସୂତ୍ରପାତ ହୋଇଥିଲା। ବରକୋଳି, ତେନ୍ତୁଳିଆପଲ୍ଲୀ, ମୁରାରୀପୁର, ପଥରଦ୍ୱାର ଆଦି ୪ ଗ୍ରାମର ବାସିନ୍ଦା ମାଧବେରେଣୀ ଗ୍ରାମରେ ଉପସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣକୁ ବିରୋଧ କରି ନୟାଗଡ଼ ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ପ୍ରଥମେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ପରବର୍ତ୍ତୀ ସମୟରେ ବରକୋଳି ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବା ପାଇଁ ଚେତାବନୀ ଦେବା ପରେ ନୟାଗଡ଼ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବିବାଦୀୟ ଜାଗାରେ ନିର୍ମାଣାଧୀନ ସ୍ୱାସ୍ଥ୍ୟ ଆରୋଗ୍ୟ ଉପକେନ୍ଦ୍ର କାର୍ଯ୍ୟ ବନ୍ଦ କରିଥିବା ପ୍ରଶାସନ ସୂତ୍ରରୁ ଜଣାପଡିଛି। ଏ ସମ୍ପର୍କୀତ ଖବର ଗତ ୧୭ ତାରିଖ ଧରିତ୍ରୀରେ 'ସ୍ୱାସ୍ଥ୍ୟ ଆରୋଗ୍ୟ ଉପକେନ୍ଦ୍ର ନିର୍ମାଣକୁ ନେଇ ଅସନ୍ତୋଷ ଶୀର୍ଷକ ଖବର ପ୍ରକାଶିତ ହୋଇଥିଲା।

### ଜଳ ନିଷ୍କାସନ ବ୍ୟବସ୍ଥାକୁ ଗାର୍ଡୱାଲ କରି ଅବରୋଧ
**ଲକ୍ଷ୍ମୀନାରାୟଣ ମନ୍ଦିର ଭୁଶୁଡ଼ିବ**

ନୟାଗଡ଼,୨୪।୪(ଲୋକନାଥ ମିଶ୍ର)

ନୟାଗଡ଼ ସହର ଖଣ୍ଡପଡ଼ା ରୋଡର ୨ ଲଜ ମାଲିକଙ୍କ ସମେତ ୩ଜଣ ଜଳ ନିଷ୍କାସନ ବ୍ୟବସ୍ଥାକୁ ଅବରୋଧ କରି ଗାର୍ଡୱାଲ ନିର୍ମାଣ କରୁଥିବାରୁ ସିଭିଲ କୋର୍ଟ ସାହିର ଲକ୍ଷ୍ମୀ ନାରାୟଣ ମନ୍ଦିର ଭୁଶୁଡିବାର ସମ୍ଭାବନା ଦେଖାଦେଲାଣି । ଏନେଇ ପ୍ରତିବାଦ ହେଉଥିଲେ ମଧ ଅବରୋଧକାରୀ ବେଆଇନ ଭାବେ ଗାର୍ଡୱାଲ ନିର୍ମାଣ କାମ ବନ୍ଦ କରୁ ନାହାନ୍ତି । କାହିଁ କେଉଁ କାଳରୁ ସାଗର ଓ ରାମେଶ୍ୱର ପୋଖରୀର ଉପର ପାଣି ନୟାଗଡ଼ ସିଭିଲ କୋର୍ଟ ସାହି ଲକ୍ଷ୍ମୀ ନାରାୟଣ ମନ୍ଦିର ପାର୍ଶ୍ୱ ଦେଇ ଖଣ୍ଡପଡ଼ା ରାସ୍ତା ଅତିକ୍ରମ କରି ଦେୱାନବନ୍ଧରେ ମିଶିଥାଏ । ବେଆଇନ ଭାବେ ଗାର୍ଡୱାଲକୁ ହଟାଇବାକୁ ସିଭିଲ କୋର୍ଟ ସାହିର ବାସିନ୍ଦା ଦାବି କରିଛନ୍ତି । ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ଧମକ ଦେଇଛନ୍ତି ।

### ଅକୁହା କାହାଣୀ ଶୁଣିବ କିଏ

ଖଣ୍ଡପଡା,୨୪।୪
(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ଅଧୀନ ଜଗନ୍ନାଥପ୍ରସାଦସ୍ଥିତ ମହୁଲପଡାର ମା'ମହିଷାଶୁଣୀ ପୀଠରେ ଅନୁଷ୍ଠିତ ହାଣ୍ଡିଭଙ୍ଗା ପର୍ବର ଦ୍ୱିତୀୟ ଦିବସରେ ବଡମ୍ବା ଅଞ୍ଚଳର ମହିଳା ମଣ୍ଡଳ ପକ୍ଷରୁ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ରାତ୍ରୀ ସମୟରେ ଗ୍ରାମର ଯୁବ କଳାକାରମାନଙ୍କ ଦ୍ୱାରା ସାମାଜିକ ନାଟକ 'ଅକୁହା କାହାଣୀ ଶୁଣିବ କିଏ' ନାଟକ ମଞ୍ଚସ୍ଥ କରାଯାଇଥିଲା। ଗ୍ରାମର ଯୁବ କଳାକାର ବାନାମ୍ବର ପାତ୍ର, କୃଷ୍ଣଚନ୍ଦ୍ର ସ୍ୱାଇଁ, ରାଗାସ ପ୍ରଧାନ ବାବୁ ଜେନା ପ୍ରମୁଖ ମୁଖ୍ୟାଂଶରେ ଅଭିନୟ କରିଥିବା ବେଳେ ଗ୍ରାମବାସୀ ଓ ମା'ଭବାନୀ ଚିତ୍ରାଳୟ ପକ୍ଷରୁ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା।

# ନିମ୍ନମାନର କାମ ଅଭିଯୋଗ ପରେ ଭଙ୍ଗାଗଲା ପୋଲ


ନିର୍ମାଣ ହୋଇଥିବା ନିମ୍ନମାନର ପୋଲ।


ପୋଲକୁ ମେଶିନ ଦ୍ୱାରା ଭଙ୍ଗା ଯାଉଛି ।

■ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ନିର୍ମାଣରେ ଅନିୟମିତତା
■ଅବଧି ଶେଷ ପରେ ବି ଅଧପନ୍ତରିଆ କାମ

ନୂଆଗାଁ,୨୪।୪ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସିମିଳିସାହିଠାରୁ ବାଲଣ୍ଡା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ନିର୍ମାଣରେ ଅନିୟମିତତା ହେଉଥିବା ଅଭିଯୋଗ ହେଉଥିଲା। ଉକ୍ତ ରାସ୍ତାର ଅଭୟପୁରଠାରେ ନିର୍ମାଣ କରାଯାଇଥିବା ଗୋଟିଏ ପୋଲର ନିର୍ମାଣ କାର୍ଯ୍ୟ ଅତି ନିମ୍ନମାନର କରାଯାଇଥିବା ନେଇ ଅଭିଯୋଗ ହେବା ପରେ ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ପୋଲକୁ ଭାଙ୍ଗି ଦିଆଯାଇଛି।

ନୂଆଗାଁ ବ୍ଲକ ଶିମିଳିସାହିଠାରୁ ବାଲଣ୍ଡା (୮.୮୦ କି.ମି) ରାସ୍ତା ନିର୍ମାଣ କରିବା ପାଇଁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ପ୍ରାୟ ୪ କୋଟି ଟଙ୍କା ଅନୁଦାନ ମଞ୍ଜୁର କରାଯାଇଛି। ଉକ୍ତ ରାସ୍ତାର ନିର୍ମାଣ କାର୍ଯ୍ୟ ୨୩।୩।୨୦୨୨ରେ ଆରମ୍ଭ ହୋଇ ୨୩।୩।୨୦୨୩ ସୁଦ୍ଧା ଶେଷ କରିବାର ନିର୍ଦ୍ଦେଶ ରହିଥିଲା। ଠିକାଦାର ନିର୍ମାଣ କରିବାରେ ବିଳମ୍ବ କରୁଥିବାରୁ ଅଦ୍ୟାବଧି ତାହା ଅଧପନ୍ତରିଆ ହୋଇ ପଡିରହିଛି। ତେବେ ଉକ୍ତ ରାସ୍ତା ନିର୍ମାଣରେ ଅହେତୁକ ବିଳମ୍ବ ନେଇ ଜନସାଧାରଣ ଅତିଷ୍ଠ ହୋଇ ପଡିଲେଣି। ଏ ନେଇ ବାରମ୍ବାର ଅଭିଯୋଗ ପରେ ଠିକାଦାର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି। କିଛି ଦିନ ପୂର୍ବେ ଅଭୟପୁର ନିକଟରେ ଗୋଟିଏ ପୋଲ ନିର୍ମାଣ ଆରମ୍ଭ ହୋଇଥିଲା। ତେବେ ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ନେଇ ସ୍ଥାନୀୟ ଲୋକେ ଗ୍ରାମ ଉନ୍ନୟନ ବିଭାଗ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ କନିଷ୍ଠ ଯନ୍ତ୍ରୀ ଶ୍ରୀକାନ୍ତ କୁମାର ସାହୁ ତଦନ୍ତ କରିଥିଲେ। ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା ଜାଣିବା ପରେ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଅବଗତ କରାଇଥିଲେ। ତେଣୁ ଉକ୍ତ ପୋଲକୁ ଭାଙ୍ଗି ପୁନର୍ବାର ସଠିକ୍ ଭାଗମାପରେ ପୋଲ ନିର୍ମାଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ତେଣୁ ବୁଧବାର ଠିକାଦାର ମେସିନ ଲଗାଇ ଉକ୍ତ ପୋଲକୁ ଭାଙ୍ଗି ଦେଇଛନ୍ତି। ରାସ୍ତା ନିର୍ମାଣରେ ଅନିୟମିତତା କିମ୍ବା ନିମ୍ନମାନର ଅଭିଯୋଗ ଆସିଲେ ନିଶ୍ଚିତ ପଦକ୍ଷେପ ନିଆଯିବ। ତେଣୁ ସ୍ଥାନୀୟ ଲୋକେ ସଚେତନ ହେବା ସହ ରାସ୍ତା ନିର୍ମାଣ ସମୟରେ କାର୍ଯ୍ୟ ପ୍ରତି ଦୃଷ୍ଟି ଦେଲେ ଠିକାଦାର ଠିକ୍ ଭାବେ ନିର୍ମାଣ କରିବାକୁ ବାଧ୍ୟ ହେବେ ବୋଲି ଯନ୍ତ୍ରୀ ସାହୁ କହିଛନ୍ତି।

# ନୂଆଗାଁ ଥାନା ପକ୍ଷରୁ ଖୋଲିଲା ଜଳଛତ୍ର



ଥାନା ପକ୍ଷରୁ ଖୋଲାଯାଇଥିବା ଜଳଛତ୍ର।

ନୂଆଗାଁ,୨୪।୪(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ଥାନା ପକ୍ଷରୁ ନୂଆଗାଁ ଥାନା ନିକଟରେ ବୁଧବାର ଜଳଛତ୍ର ଖୋଲିଛି। ନୂଆଗାଁ ବ୍ଲକ ନୂଆଗାଁ ପଞ୍ଚାୟତ ସଦର ଗ୍ରାମରେ ଜଳ ସଙ୍କଟ ଦେଖାଦେଇଛି। ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥରେ ପ୍ରତିଦିନ ଶତାଧିକ ବାଟୋଇ ଯାତାୟାତ କରିଥାଆନ୍ତି। ନୂଆଗାଁ ଗ୍ରାମବାସୀଙ୍କ ପାଇଁ ଜଳ ସଙ୍କଟ ଦେଖାଦେବା ସହ ବାଟୋଇମାନଙ୍କ ପାଇଁ ନୂଆଗାଁ ଅଞ୍ଚଳରେ ପାନୀୟ ଜଳର କୌଣସି ବ୍ୟବସ୍ଥା କରାଯାଇନାହିଁ। ଏପରିକି ଗ୍ରାମ ପଞ୍ଚାୟତ ପ୍ରଶାସନ ତରଫରୁ ଜଳଛତ୍ର ଖୋଲାଯିବାର ବ୍ୟବସ୍ଥା ରହିଥିଲେ ମଧ୍ୟ ତାହା ମଧ୍ୟ କରାଯାଇ ନାହିଁ। ତେଣୁ ଭୀଷଣ ଗ୍ରୀଷ୍ମ ପ୍ରବାହ ସମୟରେ ବାଟୋଇମାନଙ୍କ ସୁବିଧା ନିମନ୍ତେ ନୂଆଗାଁ ଥାନା ପକ୍ଷରୁ ସ୍କୁଲ ଓ ଥାନା ନିକଟବର୍ତ୍ତୀ ଜାତୀୟ ରାଜପଥ କଡରେ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି। ନୂଆଗାଁ ଥାନାଧିକାରୀ ନାରାୟଣ ଚନ୍ଦ୍ର ଲେଙ୍କାଙ୍କ ନେତୃତ୍ୱରେ ଜଳଛତ୍ର ଉଦ୍‌ଘାଟନ ଦିବସରେ ସ୍କୁଲ ଛୁଟି ସମୟରେ ଭୀଷଣ ଖରାରେ ଫେରୁଥିବା ଛାତ୍ରୀଛାତ୍ର, ଜନସାଧାରଣ ଓ ବାଟୋଇମାନଙ୍କୁ ଥଣ୍ଡା ଦହିପାଣି ପ୍ରଦାନ କରାଯାଇଥିଲା। ପୂର୍ବାହ୍ନ ୧୧ଟାଠାରୁ ଦିନ ୩ଟା ପର୍ଯ୍ୟନ୍ତ ଖରାରେ କେହି ବାହାରକୁ ଯାଆନ୍ତୁ ନାହିଁ। ଯଦି ଜରୁରୀ କାମ ଅଛି ତେବେ ଛତା, ଓଦା ଗାମୁଛା ମୁଣ୍ଡରେ ପକାଇ ଯିବା ପାଇଁ ନୂଆଗାଁ ପୋଲିସ ପକ୍ଷରୁ ଜନସାଧାରଣଙ୍କୁ ସଚେତନ କରାଯିବା ସହ ଖରା ସମୟରେ ବାଟୋଇମାନଙ୍କ ପିଇବା ନିମନ୍ତେ ପ୍ରତିଦିନ ଥଣ୍ଡା ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ଥାନାଧିକାରୀ ଲେଙ୍କା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ନୂଆଗାଁ ଥାନାର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଚଇତି ପର୍ବ ଅବସରରେ ଭଜନ ସନ୍ଧ୍ୟା

ଖଣ୍ଡପଡ଼ା,୨୪।୪
(ଅଜୟ କୁମାର ମହାରଣା)

ନିଖିଳ ଉତ୍କଳ କୈବର୍ତ୍ତ ସମାଜ ଯୁବ ପରିଷଦ ପକ୍ଷରୁ କଣ୍ଟିଲୋ ଫକୀର ଅତବୁଦ୍ଧିପାଟଣା ଗ୍ରାମର ମା'ସିଦ୍ଧବାଶେଳୀଙ୍କର ଚଇତିପର୍ବ ଅବସରରେ ଶ୍ରୀବରୁଣଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ କୈବର୍ତ୍ତ ସମାଜର ପୂର୍ବତନ ସଭାପତି ପ୍ରମୋଦ କୁମାର ଦଳେଇ, କାର୍ଯ୍ୟକର୍ତ୍ତା ହରିହର ନାୟକ, ହରିହର ଦଳାଇ, ରବିନ୍ଦ୍ର କୁମାର ବେହେରା, ପ୍ରମୋଦ କୁମାର ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ କଳାକାରମାନଙ୍କୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରାଯାଇ ସ୍ୱର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଶୋକ କୁମାର ବାରିକ ସଂଯୋଜନା କରିଥିଲେ। ବୁଧବାର ଚଇତି ପର୍ବର ୨ୟ ଦିବସରେ ସିଦ୍ଧବାଶେଳୀଙ୍କୁ ଗ୍ରାମ ପରିକ୍ରମା କରାଯାଇ ହାଟୁଣ୍ଡପାଟଣା ଗ୍ରାମର ବସନ୍ତ କୁମାର ବେହେରାଙ୍କ ଦୁଆରେ ପୂଜାର୍ଚ୍ଚନା କରାଯାଇ ଚାଟେରୀ ଖାଇଥିଲେ। ମା ନିଜ ଆସ୍ଥାନକୁ ପ୍ରର୍ତ୍ତାବର୍ତ୍ତନ କରିବା ପରେ ସିଧାମୂଳା ଗ୍ରାମର କଳାକାରମାନଙ୍କ ଦ୍ୱାରା କାଳୀୟ ଦଳନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


ଭଜନ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥି।

## କବିସୂର୍ଯ୍ୟନଗର ଏନ୍‌ଏସିରେ ଭାଜପାର ପ୍ରଚାର

କବିସୂର୍ଯ୍ୟନଗର,୨୪।୪(କୃପାସିନ୍ଧୁ ସ୍ୱାଇଁ): କବିସୂର୍ଯ୍ୟ ନଗରରେ ୩ ପ୍ରମୁଖ ଦଳ ମଧ୍ୟରେ ଭାଜପା ପ୍ରଚାର ମଇଦାନରେ ଆଗରେ ରହିଛି। ଏଠରେ ଭାଜପା ବିଧାୟକ ପ୍ରାର୍ଥୀ ପ୍ରତାପ ନାୟକ ନିଜ ସମର୍ଥକମାନଙ୍କୁ ନେଇ ୱାର୍ଡ ନଂ ୧୮ ଓ ୪ ରେ ପ୍ରଚାର ଚଳାଇଛନ୍ତି। ପ୍ରତି ଘରକୁ ଘର ବୁଲି ଲୋକଙ୍କ ସୁଖଦୁଃଖ ପଚାରି ବୁଝିବା ସହ ଥରଟିଏ ସୁଯୋଗ ଦେବାକୁ ଭୋଟରଙ୍କୁ ଅନୁରୋଧ କରିଛନ୍ତି। କବିସୂର୍ଯ୍ୟନଗର ଭାଜପା ମଣ୍ଡଳ ସଭାପତି ଶ୍ରୀକାନ୍ତ ମହାରଣା, କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀ ସଂଯୋଜକ ଶ୍ରୀକାନ୍ତ ପଣ୍ଡା, କର୍ମୀ ଅଜୟ ପାତ୍ର, ନାରାୟଣ ବିଶ୍ୱାଳ, ସିମାଞ୍ଚଳ ବିଶ୍ୱାଳ, ଗୁରୁନାଥ ଗୌଡ଼, ସୁଶୀଲ କରଣ, ନବକିଶୋର ବିଶ୍ୱାଳ, ବବୁଲ ଜେନା, ଶୁଭମ ଗୌଡ଼, ମିଥୁନ କରଣ, ସନ୍ତୋଷ ପରିଡ଼ା, ପିଣ୍ଟୁ ଦଳାଇ ପ୍ରମୁଖ ଶତାଧିକ କର୍ମୀ ପ୍ରଚାରରେ ସାମିଲ ହୋଇଥିଲେ।

# ୪ ପଞ୍ଚାୟତରେ ବିଜେଡିର ବୁଥ୍ କମିଟି ବୈଠକ



ବୁଥ୍ କମିଟି ବୈଠକରେ ଦଳୀୟ କର୍ମୀ ଓ ନେତା।

ଖଣ୍ଡପଡ଼ା,୨୪।୪
(ଅଜୟ କୁମାର ମହାରଣା)

ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ନେତୃତ୍ୱରେ ବୁଧବାର ଖଣ୍ଡପଡ଼ା ବ୍ଲକ୍ ଅଧିନ କଣ୍ଟିଲୋ ବେଣାଗାଡିଆ, ଗଡିଆସାହି ଓ ବଳଭଦ୍ରପ୍ରସାଦ ପଞ୍ଚାୟତରେ ବୁଥ୍‌ସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୃଥକ ପଞ୍ଚାୟତରେ ଅନୁଷ୍ଠିତ ବୈଠକରେ ସାଧାରଣ ନିର୍ବାଚନ ନିମନ୍ତେ ବିଜେଡି ପକ୍ଷରୁ ଗଠିତ ହୋଇଥିବା କମିଟିର ସଦସ୍ୟ ଓ ଯୁବ ସଂଗଠକମାନଙ୍କୁ ନେଇ କିଭଳି ନିର୍ବାଚନ ପରିଚାଳନା କରାଯିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସାଂସଦ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂ, ସଂଗଠକ ଅଖିଳ କୁମାର ମହାରଣା, ପୂର୍ବତନ ଜିଲା ପରିଷଦ ସଭ୍ୟ ରମାକାନ୍ତ ସେଠୀ, ସର୍ବେଶ୍ୱର ସ୍ୱାଇଁ, ନିହାର ରଞ୍ଜନ ମିଶ୍ର, ଶୁଭ୍ରାଂଶୁ ମହାରଣା, ଯୁଗଳ କିଶୋର ନାୟକ, ଦିଲୀପ କୁମାର ସାହୁ, ପିନୁ ନାୟକ, ସୁଶାନ୍ତ ଦଳେଇ ପ୍ରମୁଖ ଯୋଗଦେଇଥିଲେ।

# ସମସ୍ୟା ସୁଧୁରିଲା ନାହିଁ, ଭୋଟ ବର୍ଜନ କରିବେ ଗ୍ରାମବାସୀ

ମୋହନା,୨୪।୪(ମନ୍ମଥ ମିଶ୍ର)

ସରକାରଙ୍କୁ ଆମର ଗୋଟିଏ ପ୍ରଶ୍ନ, ଭୋଟ ଦେଇ ଆମର କଣ ଲାଭ ହେଇଛି, ସରକାରଙ୍କୁ ଆମେ ଭୋଟ ପରେ ଭୋଟ ଦେଇ ଆସୁଛୁ । ହେଲେ ଆଜି ଯାଏଁ ଗାଁକୁ ଆମର ଭଲ ରାସ୍ତାଟିଏ ନାହିଁ କି ଭଲ ପିଇବା ପାଣି ନାହିଁ। ତେଣୁ ଚଳିତ ନିର୍ବାଚନରେ ଆମେ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛୁ ବୋଲି ଗଜପତି ଜିଲ୍ଲା ମୋହନା ବ୍ଲକ ଅଡବା ପଞ୍ଚାୟତ ବାଚାମା ଗ୍ରାମବାସୀ କହିଛନ୍ତି । ଗାଁରେ ପ୍ରାୟ ୩୦ ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ଗାଁକୁ ଯିବାକୁ ଭଲ ରାସ୍ତାଟିଏ ନାହିଁ। ଫଳରେ ଦୈନିକ ପିଲାଙ୍କ ପାଠପଢ଼ା, ହାଟ ବଜାର, ପଞ୍ଚାୟତ ଓ ମେଡିକାଲ ସମେତ ସମସ୍ତ କ୍ଷେତ୍ରରେ ଗ୍ରାମବାସୀଙ୍କୁ ଏହି ମାଟି ରାସ୍ତା ଉପରେ ନିର୍ଭର କରି ନାହିଁ ନ ଥିବା ହଇରାଣ ହେଉଛନ୍ତି । ଅନ୍ୟପଟେ ଖରା ଦିନରେ ଗାଁରେ ଥିବା ନଳକୂପରୁ ପାଣି ବାହାରୁ ନଥିବାରୁ ଗାଁ ଠାରୁ ପ୍ରାୟ ୪ କିଲୋମିଟର ଦୂରରେ ଥିବା କୁଅର ଗୋଳିଆ ପାଣି ପିଇ ତୃଷା ମେଣ୍ଟାଉଛନ୍ତି ଗ୍ରାମବାସୀ। ପ୍ରଶାସନ ନିକଟରେ ବହୁବାର ଅଭିଯୋଗ କରିବା ସହ ନିର୍ବାଚନ ସମୟର ଗାଁକୁ ନେତା ଆସି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଉଛନ୍ତି। ହେଲେ ଆଜି ଯାଏ ତାର ସମସ୍ୟା ସମାଧାନ ହୋଇପାରି ନାହିଁ । ତେଣୁ ବାଧ ହୋଇ ଗ୍ରାମବାସୀ ଏହି ନିର୍ବାଚନରେ ଭୋଟ ବର୍ଜନ ନିଷ୍ପତି ନେବା ସହ ଗାଁ ଦାଣ୍ଡରେ ପୋଷ୍ଟର ମାରିଛନ୍ତି । ଏପରିକି ଭୋଟ ମାଗିବାକୁ କୌଣସି ନେତା ଆସିଲେ, ଗାଁକୁ ପୁରାଇ ଦିଆଯିବ ନାହିଁ ବୋଲି ଚେତାବନୀ ଦେଇଛନ୍ତି ଗ୍ରାମବାସୀ। ଏ ନେଇ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ ।


ଭୋଟ ବର୍ଜନ ନିଷ୍ପତ୍ତି ନେଇଥିବା ଗ୍ରାମବାସୀ।

# ଶିଶିରଙ୍କୁ ପ୍ରାର୍ଥୀ କରା ନ ଗଲେ ବିଦ୍ରୋହର ସ୍ୱର ଉଠିବ

ଖଣ୍ଡପଡା,୨୪।୪
(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁଙ୍କୁ ଯଦି ଶାସକ ଦଳ ପକ୍ଷରୁ ବିଧାୟକ ପ୍ରାର୍ଥୀ ଭାବେ ଟିକେଟ ପ୍ରଦାନ କରା ନ ଯାଏ ତେବେ ବିଦ୍ରୋହର ସ୍ୱର ଉଠିବ ବୋଲି କର୍ମୀ ସମ୍ମିଳନୀରେ ସାହୁଙ୍କ ସମର୍ଥକମାନେ ନିଷ୍ପତ୍ତି ନେଇଥିବା ଜଣାପଡିଛି। ସୂଚନାଯୋଗ୍ୟ, ଖଣ୍ଡପଡ଼ା ବ୍ଲକ୍ ଅଧୀନ ଖଳିସାହି କଲ୍ୟାଣ ମଣ୍ଡପ ପରିସରରେ ବିଜୁ ଜନତା ଦଳର ପ୍ରାକ୍ ନିର୍ବାଚନୀ ପ୍ରସ୍ତୁତି ବୈଠକ ଓ କର୍ମୀ ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସାଧାରଣ ନିର୍ବାଚନ ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ଶାସକ ଦଳର କାଉନ୍‌ସିଲରଙ୍କ ସମେତ ୨୧ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟା,ସଭ୍ୟ, ଖଣ୍ଡପଡ଼ା ବ୍ଲକ୍ ଅଧ୍ୟକ୍ଷା ଉପମା ବେହେରା ପ୍ରମୁଖ ଯୋଗଦେଇ ବ୍ଲକ୍ ଉପାଧ୍ୟକ୍ଷ ଶିଶିର କୁମାର ସାହୁଙ୍କୁ ବିଧାୟକ ପ୍ରାର୍ଥୀ ଭାବେ ବିଜେଡି ସୁପ୍ରିମୋ ଟିକେଟ୍ ପ୍ରଦାନ କରିବାକୁ ବୈଠକରେ ଦାବି ଉପସ୍ଥାପନ କରିଥିଲେ। ବ୍ଲକ୍ ଉପାଧ୍ୟକ୍ଷଙ୍କୁ ଦଳୀୟ ଟିକେଟ୍‌ରୁ ବଞ୍ଚିତ କରାଗଲେ ପଞ୍ଚାୟତ ଜନପ୍ରତିନିଧିମାନେ ବିଦ୍ରୋହର ସ୍ୱର ଉଠାଇ ଅସହଯୋଗ କରିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିବା ସୂଚନା ମିଳିଛି।

# ପାଣ୍ଡେରୀପଡା ଦଳିତ ବସ୍ତିରେ ପାନୀୟ ଜଳ ସଙ୍କଟ

**ଗାଁରେ ପହଞ୍ଚିଲା ପାନୀୟଜଳ ଟ୍ୟାଙ୍କର**

ନୟାଗଡ଼,୨୪।୪(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ପାଣ୍ଡେରୀପଡ଼ା ଦଳିତ ବସ୍ତିରେ ପାନୀୟ ଜଳ ସଙ୍କଟ ଉତ୍କଟ ରୂପ ଧାରଣ କରିଥିଲା। ସ୍ଥାନୀୟ ବାସିନ୍ଦା ବିଭିନ୍ନ ସମୟରେ ବିଡିଓ, ସରପଞ୍ଚ, ବିଧାୟକ, ଜିଲାପାଳଙ୍କୁ ଅବଗତ କରାଇଥିଲେ ମଧ୍ୟ ସୁଫଳ ପାଉ ନ ଥିଲେ। ଗାଁ ନଳକୂପ ଖରାପ ହୋଇଯାଇଥିବାବେଳେ ତାର ମରାମତି ବି ହୋଇ ନ ଥିଲା। ପୁରୁଣା ନଳକୂପରୁ ମଧ୍ୟ ଭଲ ପାଣି ବାହାରୁ ନ ଥିଲା। ଏଭଳିସ୍ଥଳେ ନୟାଗଡ଼ କଂଗ୍ରେସ ପ୍ରାର୍ଥୀ ରଣଜିତ ଦାଶ ଭୋଟ ପ୍ରଚାରକୁ ଆସିଥିବାଳେ ଗାଁ ଲୋକ ପାନୀୟ ଜଳ ସମସ୍ୟା ନେଇ ମଙ୍ଗଳବାର ଅବଗତ କରାଇଥିଲେ। ସେ ପାନୀୟ ଜଳ ସଙ୍କଟ ନେଇ ଜିଲାପାଳଙ୍କୁ ଟୁଇଟ୍ କରିବା ସହ ବ୍ୟକ୍ତିଗତ ମୋବାଇଲକୁ ହ୍ୱାଟସ୍ ଅପ୍ ମାଧ୍ୟମରେ ଅବଗତ କରାଇଥିଲେ। ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ ଗାଁରେ ନଳକୂପ ଖନନ ପାଇଁ ଆରଡବ୍ଲୁଏସଏସକୁ କୁହାଯାଇଛି। ପୁଣି ଟ୍ୟାଙ୍କର ଯୋଗେ ପାଣି ଯୋଗାଣ ପାଇଁ ବିଡିଓ ଓ ସରପଞ୍ଚଙ୍କୁ କୁହାଯାଇଛି। ବୁଧବାର ଟ୍ୟାଙ୍କର ମାଧ୍ୟମରେ ପାଣି ମିଳିବ। ସେ ବିଡିଓଙ୍କ ସହ ଆଲୋଚନା କରି ବୁଧବାର ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରିଛନ୍ତି। ବହୁଦିନ ପରେ ଗାଁଲୋକ ପାନୀୟଜଳ ପାଇଥିବାରୁ ଖୁସି ହୋଇଛନ୍ତି। ତେବେ ଗାଁର ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ପ୍ରକାଶ ଯେ ପାଣ୍ଡେରୀପଡା ଦଳିତ ବସ୍ତିରେ ୨୦ ପରିବାରର ୧୨୩ ଜଣ ବସବାସ କରନ୍ତି।




# ଜଙ୍ଗଲ ନିଆଁ ଆୟତ୍ତ କରିବାରେ ଅସମର୍ଥ ବନ ବିଭାଗ

ନୂଆଗାଁ,୨୪।୪(ଧନେଶ୍ୱର ସାହୁ)

ରାଜ୍ୟରେ ଭୀଷଣ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଜଙ୍ଗଲ ନିଆଁ ତାତିରେ ନୟାଗଡ଼ ଜିଲାର ଜନସାଧାରଣ ସନ୍ତୁଳି ହେଲେଣି। ଜଙ୍ଗଲ ନିଆଁକୁ ରୋକିବା ପାଇଁ ବନ ବିଭାଗ ପକ୍ଷରୁ ଅନେକ ବ୍ୟବସ୍ଥା ହୋଇଥିଲେ ମଧ୍ୟ ନୟାଗଡ଼ ବନଖଣ୍ଡ ମହିପୁର ବନାଞ୍ଚଳର ଅଧିକାରୀ ଓ କର୍ମଚାରୀମାନେ ଜଙ୍ଗଲ ନିଆଁ ରୋକିବାରେ ଅସମର୍ଥ ହୋଇଥିବା ଅଭିଯୋଗ ହେଉଛି।

ନୟାଗଡ଼ ବନଖଣ୍ଡ ମହିପୁର ବନାଞ୍ଚଳ ଗୁମି, ମହିତମା ଓ ମହିପୁର ସେକ୍ସନ ଅଧୀନରେ ବିଶାଳ ଜଙ୍ଗଲ ରହିଛି। ସେହି ଜଙ୍ଗଲରେ ମୂଲ୍ୟବାନ ଗଛ ସାଙ୍ଗକୁ ଅନେକ ବନ୍ୟଜନ୍ତୁ ରହିଛନ୍ତି। ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ସରକାର ଅନେକ କୋଟି ଟଙ୍କା ବ୍ୟୟ କରୁଥିଲେ ମଧ୍ୟ ତାହାକୁ ସୁରକ୍ଷା ଦେବାରେ ବନ ବିଭାଗ ଅସମର୍ଥ ହେଉଛି। ଭୀଷଣ ଗ୍ରୀଷ୍ମ ପ୍ରବାହ ଯୋଗୁ ଜଙ୍ଗଲରେ ନିଆଁ ଲାଗି ଜଙ୍ଗଲ ଛାରଖାର ହୋଇଗଲାଣି। ଯେଉଁ ଜଙ୍ଗଲରେ ନିଆଁ ଲାଗିବ ତା'ର ସୂଚନା ଇଣ୍ଟରନେଟ ମାଧ୍ୟମରେ ବନ ବିଭାଗ ନିକଟରେ ସୂଚନା ପହଞ୍ଚିବାର ବ୍ୟବସ୍ଥା ରହିଛି। ନିଆଁକୁ ଆୟତ୍ତ କରିବା ପାଇଁ ବନ କର୍ମଚାରୀ ବ୍ୟତୀତ ଏହି ସମୟରେ ନିଆଁ ଲିଭାଳି, ଜଗୁଆଳି ଆଦି ନିଯୁକ୍ତି ଦିଆଯାଉଥିଲେ ମଧ୍ୟ ନିଆଁ ଲିଭାଇବାରେ ଅସମର୍ଥ ବନ ବିଭାଗ। ଯାହାଫଳରେ ଜଙ୍ଗଲ ଜନ୍ତୁ ଗାଁମୁହାଁ ହେଉଛନ୍ତି। ମହିପୁର ବନାଞ୍ଚଳର ହାତୀମୁଣ୍ଡା, ରଗଡ଼ିମଡା ଆଦି ଜଙ୍ଗଲରେ ନିଆଁ ଲାଗି ରହିଥିବା ଅଭିଯୋଗ ହେଉଛି। ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ବାବଦରେ ମହିପୁର ରେଞ୍ଜର ଦାୟିତ୍ୱରେ ଥିବା ଏସିଏଫ୍ ଅମ୍ରିତ କୁମାର ସାହୁଙ୍କୁ ପଚାରିବାରେ କିଛି ଅସାମାଜିକ ବ୍ୟକ୍ତିଙ୍କ ଯୋଗୁ ଜଙ୍ଗଲ ପୋଡ଼ି ହେଉଛି। ଆମ କର୍ମଚାରୀମାନେ ନିଆଁ ଲିଭାଇବା ପାଇଁ ଅହରହ ଚେଷ୍ଟା କରୁଛନ୍ତି ବୋଲି କହିଛନ୍ତି।



# ଅମରେନ୍ଦ୍ରଙ୍କୁ ଖୋଲା ଚ୍ୟାଲେଞ୍ଜ କଲେ ଚିରଞ୍ଜୀବ



ଫୁଲନଖରାଠାରେ ଅନୁଷ୍ଠିତ ବୈଠକରେ ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ ଓ ଅନ୍ୟ ନେତାମାନେ।



ବୈଠକରେ ଯୋଗ ଦେଇଥିବା ଜଗତ୍‌ସିଂହପୁର ପୌର ପରିଷଦ ଅଞ୍ଚଳର କର୍ମକର୍ତ୍ତାମାନେ।

**ଜଗତ୍‌ସିଂହପୁର, ୨୪।୪ (ପ୍ରମୋଦ କୁମାର ନାୟକ)**

**ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀ**

- ଫୁଲନଖରାରେ ପୌର ପରିଷଦ ସମର୍ଥକଙ୍କ ସହ କଲେ ଆଲୋଚନା
- ୧୯ ତାରିଖରେ ୨ ବ୍ଲକ ସମର୍ଥକଙ୍କ ସହ କରିଥିଲେ ବୈଠକ
- ପୁଣିଥରେ ପିସିସି ସଭାପତିଙ୍କ ଉପରେ ବର୍ଷିଲେ

ବରିଷ୍ଠ କଂଗ୍ରେସ ନେତା ଚିରଞ୍ଜୀବ ବିଶ୍ୱାଳ ଦଳ ଛାଡ଼ି ବିଜେଡିରେ ମିଶିଥିଲେ ସୁଦ୍ଧା ୨୦୨୪ ସାଧାରଣ ନିର୍ବାଚନରେ ପ୍ରାର୍ଥୀ ହୋଇନାହାନ୍ତି। କିନ୍ତୁ ସେ ଜଗତ୍‌ସିଂହପୁର ଏମ୍‌ପି ସିଟ୍ ସମେତ ଜିଲାର ୪ ବିଧାନସଭା ଆସନର ବିଜେଡି ପ୍ରାର୍ଥୀମାନେ କିପରି ବହୁ ସଂଖ୍ୟକ ଭୋଟ ବ୍ୟବଧାନରେ ଜିତିବେ ତା' ଉପରେ ଗୁରୁତ୍ୱ ଦେଇଛନ୍ତି। ବଡ଼ କଥା ହେଲା, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁଣିଥରେ ମୁଖ୍ୟମନ୍ତ୍ରୀ ହୋଇ ଇତିହାସ ରଚିବା ପାଇଁ ପ୍ରତ୍ୟେକ ଉଦ୍ୟମ କରିବାକୁ ଆହ୍ୱାନ ଦେଇଛନ୍ତି। ବୁଧବାର ଫୁଲନଖରା ନିକଟ ତାଙ୍କ ଫାର୍ମ ହାଉସ୍‌ରେ ଜଗତ୍‌ସିଂହପୁର ପୌର ପରିଷଦ ଅଞ୍ଚଳର ସମର୍ଥକମାନଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଚିରଞ୍ଜୀବ ଏହା କହିଛନ୍ତି। ଏହି ଅବସରରେ ସେ ପୂର୍ବତନ ବିଜେଡି ଯୁବନେତା ତଥା ବର୍ତ୍ତମାନର ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀ ଭାଜପା ପ୍ରାର୍ଥୀ ଅମରେନ୍ଦ୍ର ଦାସଙ୍କୁ ଖୋଲା ଚ୍ୟାଲେଞ୍ଜ କରିଛନ୍ତି। ଚିରଞ୍ଜୀବ କହିଥିଲେ, ଅମରେନ୍ଦ୍ର ନାଉଗାଁରେ ତାଙ୍କ ବିରୋଧରେ ବିଷୋଦ୍‌ଗାର କରିଥିଲେ। କହିଥିଲେ ଚିରଞ୍ଜୀବ ଜଣେ ବିଦେଶୀ, ବିଜେଡିରେ ମିଶିବା ପାଇଁ ନୁଙ୍ଗୁ ନୁଙ୍ଗୁ ହେଉଛନ୍ତି। ଦଳରେ ପଶିଲେ ମାଡ଼ ହେବ ବୋଲି ଧମକ ଦେଇଥିଲେ। ଅମରେନ୍ଦ୍ରଙ୍କ ଏହି ମାଡ଼ ଧମକକୁ ସେ ଚ୍ୟାଲେଞ୍ଜ କରି ବିଜେଡିରେ ମିଶିଛନ୍ତି। କେବେ ମାଡ଼ ହେବ ଦେଖିବା ବୋଲି ସିଧାସଳଖ ଆହ୍ୱାନ ଦେଇଛନ୍ତି। ଚିରଞ୍ଜୀବ ଏହି ଅବସରରେ ୨୦୧୯ ନିର୍ବାଚନ କଥା ଉଠାଇ ଥିଲେ। ସେତେବେଳେ ପ୍ରଶାନ୍ତ ମୁଦୁଲି ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଥିଲେ। କିନ୍ତୁ କୌଣସି ସଭାରେ ପରସ୍ପରକୁ ଏଭଳି ଆକ୍ଷେପ କରି ନ ଥିଲେ, ଯାହା ଅମରେନ୍ଦ୍ର କରିଛନ୍ତି। ତେଣୁ ପ୍ରତ୍ୟେକ ଏକାଠି ହୋଇ ଆଗାମୀ ନିର୍ବାଚନରେ ବିଜେଡି ପ୍ରାର୍ଥୀମାନଙ୍କୁ ଜିତାଇବା ପାଇଁ ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ।

ଚିରଞ୍ଜୀବ ବାବୁ ଅନେକଙ୍କ ସହ କଥାବାର୍ତ୍ତା ନ ହୋଇ, ବିନା ପରାମର୍ଶରେ ବିଜେଡିରେ ମିଶିଯିବା ପ୍ରସଙ୍ଗକୁ ନେଇ ମାନ, ଅଭିମାନ ଓ କ୍ଷୋଭ ଥିଲା। ତେବେ କେଉଁ ପରିସ୍ଥିତିରେ ସେ ମିଶିଲେ ତାହା କହିବା ସମ୍ଭବ ନୁହେଁ ବୋଲି ଚିରଞ୍ଜୀବ ଉପସ୍ଥିତ ସମର୍ଥକମାନଙ୍କୁ କହି ବୁଝାଇବାକୁ ଚେଷ୍ଟା କରିଥିଲେ। ମୋଟାମୋଟି ଭାବେ ତାଙ୍କୁ କ୍ଷମା କରିଦେବାକୁ ଆହ୍ୱାନ ଦେଇଥିଲେ। ଗତ ୧୯ ତାରିଖ ପରି ପୁଣି ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ଉପରେ ବର୍ଷିଥିଲେ। ସେ କଂଗ୍ରେସରେ ଥିଲାବେଳେ କେବଳ ବସି କରି ୯ରୁ ୯୦ ଡାକରା ଦେଇ ଦେଲେ ହେବ ନାହିଁ ବୋଲି କହିଥିଲେ। ଯେଉଁ କାରଣରୁ ତାଙ୍କୁ ଦଳରୁ ନିଲମ୍ବନ କରାଯାଇଥିଲା। ତାଙ୍କୁ ନିଲମ୍ବନ ଅର୍ଥ କଂଗ୍ରେସ ଦଳକୁ ଦୁର୍ବଳ କରିବା ସହ ସମାନ ବୋଲି ଦମ୍ଭୋକ୍ତି ପ୍ରକାଶ କରିଥିଲେ। ନିର୍ବାଚନ ପୂର୍ବରୁ ବିଭିନ୍ନ କମିଟି ଗଠନ କଲେ, କିନ୍ତୁ ସେଥିରେ ତାଙ୍କୁ ରଖିଲେ ନାହିଁ। ବିଭିନ୍ନ ମାଧ୍ୟମରେ ଅପମାନିତ କଲେ। ଯାହା ଲାଗୁଥିଲା ପିସିସି ସଭାପତି ଚାହୁଁଥିଲେ ସେ ଦଳ ଛାଡି ଦିଅନ୍ତୁ। ଯେତେବେଳେ ନିଲମ୍ବନ ଉଠାଇଲେ, ସେତେବେଳକୁ ବହୁତ ବିଳମ୍ବ ହୋଇ ଯାଇଥିଲା। ଯେହେତୁ ସେତେବେଳେ ସେ କଂଗ୍ରେସ ଟିକେଟରେ ଲଢିବେ ନାହିଁ ବୋଲି ନିଷ୍ପତ୍ତି ନେଇ ସାରିଥିଲେ, ତେଣୁ ବିଜେଡିରେ ମିଶିଲେ। ଏହି ଦଳରେ ଯୋଗଦେବା ପୂର୍ବରୁ କୌଣସି ସର୍ତ୍ତ ରଖି ନ ଥିଲେ। ଯେଉଁମାନେ ତାଙ୍କ ଉପରେ ଭରସା କରି ବିଜେଡିରେ ମିଶିଛନ୍ତି ସେମାନଙ୍କ ସମସ୍ତ ଦାୟିତ୍ୱ ବହନ କରିବେ। ୨୦୦୮ରୁ ଏପର୍ଯ୍ୟନ୍ତ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀ ଲୋକଙ୍କ ସହ ରହି ଆସିଛନ୍ତି। ମଲାଯାଏ ରହିବେ ବୋଲି ଜଗନ୍ନାଥଙ୍କ ନାଁ ନେଇ ବିଶ୍ୱାଳ ଶପଥ କରିଥିଲେ। ତେଣୁ ୨୦୨୪ ନିର୍ବାଚନରେ କିପରି ସମନ୍ୱୟରେ ନିର୍ବାଚନ ପରିଚାଳନା ହେବ ତାହା ପ୍ରତ୍ୟେକଙ୍କ ଦାୟିତ୍ୱ ବୋଲି କହିଥିଲେ। ମୋଟାମୋଟି ଭାବେ ଜଗତ୍‌ସିଂହପୁର ବିଧାନସଭା ଆସନରେ ଲଢ଼େଇ ଭାଜପା ପ୍ରାର୍ଥୀ ଅମରେନ୍ଦ୍ରଙ୍କ ସହ ବୋଲି ଆହ୍ୱାନ ଦେଇଥିଲେ। ବୈଠକରେ ଆଶାଜନକ କଂଗ୍ରେସ ନେତା ଓ କର୍ମୀଙ୍କୁ ଦେଖିବାକୁ ମିଳି ନ ଥିଲା। ସୂଚନାଯୋଗ୍ୟ, ଇତିମଧ୍ୟରେ ପାଖାପାଖି ୨୦ଦିନ ହେବ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲିଙ୍କୁ ଏହି ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ଭାବେ ଘୋଷଣା କରାଯାଇଥିଲେ ସୁଦ୍ଧା ସେ ପ୍ରଚାର ଉପରେ ଗୁରୁତ୍ୱ ଦେଇନାହାନ୍ତି। ଦଳୀୟ ଅସନ୍ତୁଷ୍ଟ ନେତା ଓ ନୂଆକରି କଂଗ୍ରେସ ଛାଡି ବିଜେଡିରେ ମିଶିଥିବା ଚିରଞ୍ଜୀବ ବିଶ୍ୱାଳଙ୍କୁ ମନାଇବା ଉପରେ ପ୍ରାଧାନ୍ୟ ଦେଉଛନ୍ତି। ଚିରଞ୍ଜୀବ ମଧ୍ୟ ଏହା ଭିତରେ ଜଗତ୍‌ସିଂହପୁର ଓ ନାଉଗାଁ ବ୍ଲକ ଅଞ୍ଚଳର ତାଙ୍କ ସମର୍ଥକମାନଙ୍କୁ ଗତ ୧୯ ତାରିଖରେ ଫୁଲନଖରାସ୍ଥିତ ତାଙ୍କ ମଣ୍ଡପ ପରିସରରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଡାକିଥିଲେ। ଏହି ବୈଠକରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

# ରଘୁନନ୍ଦନଙ୍କ ଟିକେଟ କଟିଲା ପରେ ଗୁପ୍ତ ମନ୍ତ୍ରଣା

**ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀ**

**ବାଲିକୁଦା, ୨୪।୪(ତାପସ ସ୍ୱାଇଁ)**



ବୈଠକରେ ସାମିଲ ହୋଇଥିବା ବିଜେଡି ନେତା ଓ କର୍ମୀମାନେ।

ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀରେ ବିଧାୟକ ରଘୁନନ୍ଦନ ଦାସଙ୍କ ଉପରେ ୨୦୨୪ ନିର୍ବାଚନ ପାଇଁ ବିଜେଡି ଭରସା କରିପାରିନାହିଁ। ୨୦୧୯ ସାଧାରଣ ନିର୍ବାଚନରେ ପାଖାପାଖି ୫୫ ହଜାର ଭୋଟ ବ୍ୟବଧାନରେ କଂଗ୍ରେସ ପ୍ରାର୍ଥୀ ଲଲାଟେନ୍ଦୁ ମହାପାତ୍ରଙ୍କୁ ହରାଇ ପ୍ରଥମ ଥର ପାଇଁ ବିଧାନସଭାକୁ ଯାଇଥିବା ରଘୁନନ୍ଦନଙ୍କୁ ମନ୍ତ୍ରୀ ମଣ୍ଡଳରେ ବି ବିଜେଡି ସାମିଲ କରିଥିଲା। ଜଳ ସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ରଘୁନନ୍ଦନ ହୋଇଥିଲେ। ଅଧାରୁ ନବୀନଙ୍କ ମନ୍ତ୍ରିମଣ୍ଡଳରୁ ତାଙ୍କୁ କାଢ଼ି ଦିଆଯାଇଥିଲା। ରିପୋର୍ଟ ଖରାପ ଥିବା ସର୍ଭେରୁ ଜଣାପଡିବା ପରେ ତାଙ୍କ ଉପରେ ଦଳ ଆଉ ଭରସା କରି ନ ପାରିବାରୁ ଟିକଟ କଟିଛି। ହେଲେ ଏବେ ସେ କ'ଣ କରିବେ ଓ ତାଙ୍କ ଗତି କୁଆଡ଼େ ହେବ ତାକୁ ନେଇ ଏବେ ଚାଲିଛି ବିଚାରବିମର୍ଶ। ଚାଲିଲାଣି ଗୁପ୍ତ ମନ୍ତ୍ରଣା। ବାଲିକୁଦା ବ୍ଲକର ୩୦ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ପଞ୍ଚାୟତ ସଭାପତିମାନଙ୍କୁ ବୁଧବାର ଅପରାହ୍ନରେ ଡକାଇ ବୈଠକର ଆୟୋଜନ କରାଯାଇଛି। ହେଲେ ବହୁ ପଞ୍ଚାୟତର ନିର୍ବାଚିତ ସରପଞ୍ଚ ଓ ସମିତିସଭ୍ୟ, ପଞ୍ଚାୟତ ସଭାପତି ଏପରିକି ଗତ ପଞ୍ଚାୟତ ନିର୍ବାଚନରେ ତାଙ୍କଠାରୁ ଟିକଟ ନେଇ ହାରି ଯାଇଥିବା ସରପଞ୍ଚ ବା ସମିତିସଭ୍ୟ ପ୍ରାର୍ଥୀମାନଙ୍କ ମଧ୍ୟରୁ ଅନେକ ଏହି ବୈଠକରେ ଯୋଗ ଦେଇ ନ ଥିଲେ। ଏପରିକି ଉପାଧ୍ୟକ୍ଷା ପ୍ରିୟମ୍ବଦା ପଲାଉର ବି ଏହି ବୈଠକରୁ ଦୂରେଇ ରହିଥିବା ଦେଖାଯାଇଥିଲା। ଯେହେତୁ ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ସାରଦା ଜେନାଙ୍କୁ ଟିକଟ ଦେଇଛି ଓ ସେ ଦଳୀୟ ପ୍ରାର୍ଥୀ, ସେହେତୁ ଅନେକ ସରପଞ୍ଚ ଓ ସମିତିସଭ୍ୟ ଏହି ବୈଠକକୁ ଆସି ନ ଥିବା ପରିଲକ୍ଷିତ ହୋଇଛି। ବାଲିକୁଦାର ଖଣ୍ଡିଆ କୋର୍ଟଠାରେ ଏକ ଜରୁରୀ ବୈଠକ ଡକାଯାଇଥିଲା। ଏଥିରେ ବିଧାୟକ ଦାସ ଅନୁପସ୍ଥିତ ଥିଲେ। କିନ୍ତୁ ବ୍ଲକ ଅଧ୍ୟକ୍ଷ ପ୍ରକାଶ ପ୍ରଧାନ ଓ ସିସିବି ନିର୍ଦ୍ଦେଶକ ସରତୋଜ ମହାପାତ୍ର ଏହି ବୈଠକର ଆୟୋଜକ ଥିବା କୁହାଯାଉଛି। ଏଥିରେ କିନ୍ତୁ ୪ ଜିଲା ପରିଷଦଙ୍କ ମଧ୍ୟରୁ କେହି ଜଣେ ବି ଉପସ୍ଥିତ ନ ଥିଲେ। ହେଲେ ୩ ନଂ. ଜୋନ ଜିଲାପରିଷଦ ସଦସ୍ୟା ରୁନିଲତା ବେହେରାଙ୍କ ସ୍ୱାମୀ ଗଙ୍ଗାଧର ବେହେରାଙ୍କୁ ଏହି ବୈଠକରେ ଦେଖିବାକୁ ମିଳିଥିଲା। ପ୍ରଥମେ ଥାନପତିଠାରେ ବସିବାକୁ ସ୍ଥିର ହୋଇଥିବା ବୈଠକ ଖଣ୍ଡିଆ କୋର୍ଟଠାରେ କରାଯାଇଥିଲା। ସବୁଠାରୁ ବଡ଼ କଥା ହେଲା, ଏତେ ସବୁ ବ୍ୟବସ୍ଥା କରାଯାଇଥିଲେ ସୁଦ୍ଧା ବ୍ଲକ ବିଜେଡି ସଭାପତି ରତ୍ନାକର ନାୟକଙ୍କୁ ଏହି ବୈଠକରେ ଦେଖିବାକୁ ନ ମିଳିବା ଭିନ୍ନ ବାର୍ତ୍ତା ଦେଉଛି।

# ବରିଷ୍ଠ କିରାଣିଙ୍କୁ ୨ବର୍ଷ ଜେଲ

**କେନ୍ଦ୍ରାପଡ଼ା, ୨୪।୪ (ଜଗନ୍ନାଥ ଧଳ)**

**ଆବାସ ପାଇଁ ୫ ହଜାର ଲାଞ୍ଚ ନେବା ବେଳେ ଧରାପଡ଼ିଥିଲେ**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ତହସିଲର ବରିଷ୍ଠ କିରାଣି ତଥା ଡେରାବିଶ ବ୍ଲକର ପୂର୍ବତନ କିରାଣି ମାଧବ ଚନ୍ଦ୍ର ଆଚାର୍ଯ୍ୟଙ୍କ ଭିଜିଲାନ୍ସ ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ଭିଜିଲାନ୍ସ ବିଭାଗ ଜଜ୍ ଏହି ମାମଲା (ଟିଆର କେସ ନଂ. ୧୦/୨୦୧୦)ରେ ବରିଷ୍ଠ କିରାଣି ଆଚାର୍ଯ୍ୟଙ୍କୁ ଦୁଇବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ସେହିପରି ଜରିମାନା ବାବଦ ୫ ହଜାର ଟଙ୍କା ଅନାଦାୟରେ ଅଧିକ ୬ ମାସ ଜେଲ ହେବ ବୋଲି ଉଲ୍ଲେଖ କରିଛନ୍ତି। ଏଥିସହ କ୍ଷମତାପ୍ରାପ୍ତ ଅଧିକାରୀ ଆଚାର୍ଯ୍ୟଙ୍କ ଉପରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ ବୋଲି ରାୟରେ ମତ ରଖିଛନ୍ତି। ମାମଲାର ପରିଚାଳନାକାରୀ ସ୍ପେଶାଲ ପିପି ସର୍ବେଶ୍ୱର ବାରିକ, ଏପିପି ଦୀପକ କୁମାର ସ୍ୱାଇଁଙ୍କ ସୂଚନା ଅନୁଯାୟୀ, ୨୦୧୦ ମସିହାରେ ବରିଷ୍ଠ କିରାଣି ଆଚାର୍ଯ୍ୟ ଡେରାବିଶ ବ୍ଲକର କିରାଣି ଭାବେ କାର୍ଯ୍ୟ କରୁଥିଲେ। ଏହି ସମୟରେ ଆବାସ ଯୋଜନାର ପ୍ରଥମ କିସ୍ତି ବାବଦ ଚେକ୍ ହିତାଧିକାରୀଙ୍କୁ ପ୍ରଦାନ ପାଇଁ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଆବାସ ଯୋଜନାର ହିତାଧିକାରୀ ଏ ସମ୍ପର୍କରେ ଭିଜିଲାନ୍ସ ବିଭାଗରେ ଜଣାଇବା ପରେ କିରାଣି ଆଚାର୍ଯ୍ୟ ବିଭାଗୀୟ ଚଢ଼ାଉରେ ଧରାପଡିଥିବା ସ୍ପେଶାଲ ପିପି ଓ ଏପିପି ସୂଚନା ଦେଇଛନ୍ତି।


ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com




@ ଅନାମ




@ ମୀତା



@ ପିଣ୍ଟୁ



@ ଉପାସନା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଫେକର ପକ୍ଷରୁ ବିଶ୍ୱ ପୃଥିବୀ ଦିବସ

**ଯାଜପୁର,୨୪।୪(ହର୍ଷବର୍ଦ୍ଧନ ବେହେରା):**




ପୃଥିବୀ ଦିବସ ଅବସରରେ ଚାରା ରୋପଣ କରାଯାଉଛି।

ଫେରୋ ଆଲିଏଜ୍ କର୍ପୋରେଶନ ଲିମିଟେଡ (ଫେକର) ପକ୍ଷରୁ ବିଶ୍ୱ ପୃଥିବୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଯାଜପୁର ଜିଲା ସୁକିନ୍ଦା ଖଣି ଏବଂ ଭଦ୍ରକ କାରଖାନା ଅଞ୍ଚଳରେ ୩୬,୬୫୦ ଚାରା ରୋପଣ କରିବା ସହ ବଣ୍ଟନ ହୋଇଥିଲା। ଏଥିରେ କମ୍ପାନୀର କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ବୃକ୍ଷରୋପଣ ସହିତ ପରିବେଶ ସୁରକ୍ଷା ସମ୍ପର୍କରେ ଏକ ସଚେତନତା ଅଧିବେଶନ ଆୟୋଜିତ ହୋଇଥିଲା। ଏଥିରେ କମ୍ପାନୀ ପିଲାମାନଙ୍କୁ ପରିବେଶ ଅନୁକୂଳ ଅଭ୍ୟାସ କରିବାକୁ ଉତ୍ସାହିତ କରିଥିଲା। ପ୍ଲାଷ୍ଟିକ ବ୍ୟବହାର ହ୍ରାସ କରିବାକୁ ଆହ୍ୱାନ ଦିଆଯିବା ସହ ବିଭିନ୍ନ ସ୍ଥାନରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଫେକର କମ୍ୟୁନିଟି ସ୍କୁଲ, କାଟପାଳ ଏବଂ ଓସ୍ତପାଳ ସ୍କୁଲ ସହ ଫେକର କଲୋନୀର ପ୍ରାୟ ୧୦୦ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସମସ୍ତ ପିଲା ଚଳିତ ବର୍ଷର ପୃଥିବୀ ଦିବସ ବିଷୟବସ୍ତୁକୁ ପ୍ରତିଫଳିତ କରି ସୁନ୍ଦର ପୋଷ୍ଟରଗୁଡ଼ିକ ତିଆରି କରିଥିଲେ। ଫେକର କମ୍ପାନୀର ସିଇଓ ପଙ୍କଜ ଶର୍ମା କହିଥିଲେ, ପରିବେଶ ସୁରକ୍ଷାର ସ୍ଥିରତା ପାଇଁ କମ୍ପାନୀ ପ୍ରତିବଦ୍ଧତାକୁ ଆଲୋକିତ କରି ଗର୍ବିତ ଅଟେ। ୨୦୫୦ ସୁଦ୍ଧା ବର୍ଜ୍ୟବସ୍ତୁ ହ୍ରାସ ପର୍ଯ୍ୟନ୍ତ ପରିବେଶର ସୁରକ୍ଷା ଏବଂ ସଂରକ୍ଷଣ କରିବାକୁ ସେ ଆହ୍ୱାନ ଦେଇଥିଲେ। ଫେକର ଭାରତର ଚାର୍ଜ କ୍ରୋମର ସର୍ବପୁରାତନ ତଥା ପ୍ରତିଷ୍ଠିତ ଉତ୍ପାଦକମାନଙ୍କ ମଧ୍ୟରୁ ଅନ୍ୟତମ। ଇସ୍ପାତ ଏବଂ ଷ୍ଟେନଲେସ୍ ଷ୍ଟିଲ୍ ଉତ୍ପାଦନ ପାଇଁ ଏହି କମ୍ପାନୀ ୧୯୮୩ରେ ପ୍ରତିଷ୍ଠା ହୋଇଥିଲା। ସେପ୍ଟେମ୍ବର ୨୦୨୦ରେ ଫେକର ବେଦାନ୍ତ ଗୋଷ୍ଠୀର ଏକ ଅଂଶ ହୋଇଗଲା। ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମରେ ଅଞ୍ଚଳବାସୀଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ଦିଗରେ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଥିଲେ।

# ଅଭିଯୋଗର ୩ ମାସ ପରେ ତଦନ୍ତ ନିର୍ଦ୍ଦେଶ

- ଖରସ୍ରୋତା ନଦୀବନ୍ଧ, କାନ୍ଥ ନିର୍ମାଣ ନିମ୍ନମାନର
- ବନ୍ୟା ଆଶଙ୍କାରେ ୪ ପଞ୍ଚାୟତର ୧୫ ଗାଁ
- ପୂର୍ତ୍ତ ବିଭାଗର ସୂଚନାଫଳକ ଉଭାନ

**ଯାଜପୁର,୨୪।୪(ହର୍ଷବର୍ଦ୍ଧନ ବେହେରା):**



ଶିଆଳିଆଠାରୁ ଶ୍ରୀବନ୍ତପୁର ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ନଦୀବନ୍ଧ ରାସ୍ତା।

ଯାଜପୁର ଜିଲା ପୂର୍ତ୍ତ ବିଭାଗ ତଥା ଆର ଏଣ୍ଡ ବି ଅଧୀନରେ କେତେକ ପ୍ରକଳ୍ପ ଏତେ ନିମ୍ନମାନର ହେଉଛି ଯେ, ସଂପୃକ୍ତ ଅଞ୍ଚଳବାସୀ ବିଭାଗୀୟ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ବାଧ ହେଉଛନ୍ତି। ଏପରିକି ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀଙ୍କ ନିକଟରେ କୌଣସି ଅଭିଯୋଗ ହେଲେ ସେ ପ୍ରକଳ୍ପ ପରିଦର୍ଶନରେ ନ ଯାଇ ଓଲଟା ଦାୟିତ୍ୱରେ ଥିବା ଠିକାଦାରଙ୍କ ସହ ସଲାସୁତୁରା କରି ମାମଲାକୁ ଚାପି ଦେଉଥିବା ଅଭିଯୋଗ ହୋଇଛି। ଯାହାର ସଦ୍ୟତମ ଉଦାହରଣ ରସୁଲପୁର ବ୍ଲକ ଶିଆଳିଆଠାରୁ ଶ୍ରୀବନ୍ତପୁର ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ନଦୀବନ୍ଧ ରାସ୍ତା ଏବଂ ୱାଲ(କାନ୍ଥ) ନିର୍ମାଣ କାର୍ଯ୍ୟକୁ ଦେଖିଲେ ସ୍ପଷ୍ଟ ବାରି ହେଉଛି। ଏନେଇ ଗ୍ରାମବାସୀ ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ନିରପେକ୍ଷ ତଦନ୍ତ କରାଯାଇ ତ୍ରୁଟିପୂର୍ଣ୍ଣ କାର୍ଯ୍ୟର ସଂଶୋଧନ କରିବାକୁ ଦାବି କରିଛନ୍ତି।

ବନ୍ୟା ନିୟନ୍ତ୍ରଣ ଲକ୍ଷ୍ୟ ରଖି ପ୍ରାୟ ୮ କୋଟି ଟଙ୍କା ବିନିମୟରେ ନିର୍ମାଣ ହୋଇଥିବା ନଦୀବନ୍ଧ ରାସ୍ତା ଓ ୱାଲ କାର୍ଯ୍ୟ ଅତି ନିମ୍ନମାନର ହୋଇଥିବାରୁ ୪ ପଞ୍ଚାୟତର ପାଖାପାଖି ୧୫ ଗାଁର ଲୋକେ ବନ୍ୟା ଆଶଙ୍କାରେ ଜୀବନ ବିତାଉଥିବା ମତପ୍ରକାଶ ପାଇଛି। ତେବେ ସଚିବଙ୍କୁ ଗ୍ରାମବାସୀଙ୍କ ଅଭିଯୋଗର ୩ ମାସରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହେବା ପରେ ଜଳ ସମ୍ପଦ ବିଭାଗ ପକ୍ଷରୁ ଅଧସ୍ତନ ସଚିବ ଭାଗୀରଥି ପାଢୀ ୨୪।୪।୨୦୨୪ରେ ଉକ୍ତ ପ୍ରକଳ୍ପର ଆବଶ୍ୟକ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗୀୟ ଇଞ୍ଜିନିୟର-ଇନ୍-ଚିଫ୍‌ଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି। ଅନ୍ୟପକ୍ଷେ ଗତ ୧୬।୧।୨୦୨୪ରେ ଡିପିଆଇ ଏଣ୍ଡ ରୋଡର ଚିଫ୍ ଇଞ୍ଜିନିୟରଙ୍କୁ ୱାର୍କ ଡିପାର୍ଟମେଣ୍ଟ ପକ୍ଷରୁ ଉପସଚିବ ବେଲାଲସେନ ବେହେରାଙ୍କ ତଦନ୍ତ ନିର୍ଦ୍ଦେଶ ଏଯାଏ କାର୍ଯ୍ୟକାରୀ ହୋଇପାରିନାହିଁ। ତେବେ ଗ୍ରାମବାସୀଙ୍କ ଅଭିଯୋଗ ପରେ ଶିଆଳିଆ ଗ୍ରାମରେ ଦିଆଯାଇଥିବା ସୂଚନା ଫଳକ କୁଆଡେ ଉଭାନ୍ ହୋଇଯାଇଛି।

ଯାଜପୁର ଜିଲା ଦେଇ ଯାଇଥିବା ଖରସ୍ରୋତାର ନଦୀବନ୍ଧ ଓ ୱାଲ ନିର୍ମାଣ କରିବାକୁ ୱାର୍ଲ୍ଡ ବ୍ୟାଙ୍କ ପକ୍ଷରୁ ୮ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ଏହାକୁ ଟେଣ୍ଡର କରାଯାଇ ଜୟପ୍ରକାଶ ବିଶ୍ୱାଳଙ୍କୁ କାର୍ଯ୍ୟଦେଶ ମିଳିଥିଲା। ରସୁଲପୁର ବ୍ଲକ ଜାବରା ପଞ୍ଚାୟତର ମାନପୁର, ଶିଆଳିଆ, ସୁକୁଦେଇପୁର ଓ ବରକୋଳିପାଟଣା, ଶ୍ରୀବନ୍ତପୁର ପଞ୍ଚାୟତର ଭଗତଭଗବାନପୁର, ବରମ୍ପୁର, କାନ୍ଦସରା, ପାଲାଙ୍ଗି, ବାଉଁଶଅଣ୍ଡା ଓ ଭଗୀରଥପୁର, ନଠୁଆବର ପଞ୍ଚାୟତର ନଠୁଆବର, ଆଦମପୁର ଓ ନଗୁଆଁ ଏବଂ ଟିକରପଡ଼ା ପଞ୍ଚାୟତର ଟିକରପଡା ପ୍ରଭୃତି ନଦୀକୂଳିଆ ଗ୍ରାମବାସୀ ଏହି ୱାଲ ନିର୍ମାଣ ପରେ ବନ୍ୟାଦାଉରୁ ରକ୍ଷାପାଇବେ ବୋଲି ଆଶା କରିଥିଲେ। କିନ୍ତୁ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ନଦୀବନ୍ଧ ରାସ୍ତା ଓ ୱାଲ ନିର୍ମାଣରେ ବ୍ୟାପକ ଅନିୟମିତତା କରି ସିଂହଭାଗ ଅର୍ଥ ହରିଲୁଟ କରାଯାଇଛି। ଉକ୍ତ ପ୍ରକଳ୍ପ ସଂକ୍ରାନ୍ତରେ କୌଣସି ସୂଚନା ପ୍ରଦାନ କରାଯାଇନାହିଁ। ଶିଆଳିଆଠାରୁ ଭଗତ ଭଗବାନ ପର୍ଯ୍ୟନ୍ତ ସୁଇସ୍ ଗେଟ୍ ନିର୍ମାଣ କାର୍ଯ୍ୟରେ ସ୍ୱଳ୍ପ ପରିମାଣର ମେଟାଲ, ଚିପ୍ସ ଆଦି ବ୍ୟବହାର କରାଯାଇ ନିମ୍ନମାନର ପିଚୁ କାର୍ଯ୍ୟ ହୋଇଛି। ଯୋକଡିଆ ଆନିକଟ(ଶ୍ରୀବନ୍ତପୁର)ଠାରୁ ନଦୀବନ୍ଧ ବ୍ରିଜ ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟ ମଧ୍ୟ ନିମ୍ନମାନର ଓ ସେଥିରେ କେବଳ ବାଲି ଉପରେ କଂକ୍ରିଟ କରାଯାଇଛି। ସେହିପରି ନଦୀବନ୍ଧ ରାସ୍ତାକୁ ଚଉଡ଼ା କରିବା ପାଇଁ ରାସ୍ତା ପାର୍ଶ୍ୱରେ ଆବଶ୍ୟକ ଗଭୀର ଖୋଳା ନ ଯାଇ କେବଳ ବାଲି ପକାଇ କଂକ୍ରିଟକରଣ ହୋଇଛି। ନଦୀବନ୍ଧ କଡ଼ରେ ନିର୍ମାଣ ହୋଇଥିବା ୱାଲ ପାଇଁ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ ହୋଇନାହିଁ। ଏଷ୍ଟିମେଟ ଅନୁସାରେ ଆବଶ୍ୟକତାଠାରୁ ଅତି କମ୍ ନିହଁ ଖୋଳି ସେଥିରେ ସ୍ୱଳ୍ପ ପରିମାଣର ସିମେଣ୍ଟ ଭାଗ ସହ ମେଟାଲ ଓ ଚିପ୍ସ ଆଦି ଉପଯୁକ୍ତ ପରିମାଣର ନିର୍ମାଣ ସାମଗ୍ରୀ ବ୍ୟବହାର ହୋଇନାହିଁ। ଏହାବାଦ୍ ପାଣି କମ୍ ବ୍ୟବହାର ହୋଇଥିବାରୁ ଉକ୍ତ ୱାଲର ଦୀର୍ଘସ୍ଥାୟୀ ନେଇ ଗ୍ରାମବାସୀ ଆଶଙ୍କା ପ୍ରକଟ କରିଛନ୍ତି। ତେବେ ଗ୍ରାମବାସୀ ଗତ ୬।୧।୨୦୨୪ରୁ ଏ ସଂକ୍ରାନ୍ତରେ ସଚିବଙ୍କୁ ଲିଖିତ ଭାବେ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ଏଯାଏ କାହିଁକି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ, ସେ ନେଇ ଗ୍ରାମବାସୀଙ୍କ ମଧ୍ୟରେ ବିଭିନ୍ନ ପ୍ରଶ୍ନ ଉଙ୍କି ମାରିଛି।

ଏ ସଂକ୍ରାନ୍ତରେ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ମହେଶ୍ୱର ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ପ୍ରକଳ୍ପ କାର୍ଯ୍ୟ ଇତିମଧ୍ୟରେ ଶେଷ ହୋଇଛି। ନିର୍ମାଣ ସମୟରେ ନିୟମିତ ଭାବେ କାର୍ଯ୍ୟର ତଦାରଖ କରାଯାଇଛି। ଏଥିରେ କୌଣସି ଅନିୟମିତତା କିମ୍ବା ନିମ୍ନମାନର କାର୍ଯ୍ୟ ହୋଇନାହିଁ।

# ଶାଳଭଙ୍ଗା ଜଙ୍ଗଲରୁ ଟାକେରା ଘାଟି ରାସ୍ତା ଅସୁରକ୍ଷିତ

- ୬ ବର୍ଷରେ ଗଲାଣି ଗୋଟିଏ ବାଘ ଓ ୨ ମଣିଷଙ୍କ ଜୀବନ
- ହାତୀ, ବାଘ ଚଲାପଥରେ ହମ୍ପସ ପରେ ରାଜପଥରେ ବଢ଼ୁଛି ଦୁର୍ଘଟଣା
- ସୁରକ୍ଷା ପାଇଁ ଓଭରବ୍ରିଜ୍ ନିର୍ମାଣ ଦାବି ଉଠିଲା

ନୟାଗଡ଼,୨୪।୪(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକର ଶାଳଭଙ୍ଗା ଜଙ୍ଗଲରୁ ଟାକେରା ଘାଟି ପଶୁ ଓ ମଣିଷଙ୍କ ପାଇଁ ବିପଦ ସାଜିଛି। ୬ ବର୍ଷରେ ଗୋଟିଏ ବାଘ ଓ ୨ ମଣିଷଙ୍କ ଜୀବନ ଗଲା ପରେ ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥର ଶଳଭଙ୍ଗା ଜଙ୍ଗଲରୁ ଟାକେରା ଘାଟି ରାସ୍ତା ଅସୁରକ୍ଷିତ ହୋଇପଡିଛି। ଉପରୋକ୍ତ ଅଞ୍ଚଳ ହାତୀ ଓ ବାଘଙ୍କ ଚଲାପଥ ହୋଇଥିବାରୁ ଜାତୀୟ ରାଜପଥରେ ହମ୍ପସ ନିର୍ମାଣ ପରେ ଅଧିକ ଭୟ ସୃଷ୍ଟି ହୋଇଛି। ବାଇକ୍ ଚାଳକଙ୍କ ପାଇଁ ବିପଦକୁ ଡାକି ଆଣିଛି। ହମ୍ପସ ଯୋଗୁ ବାଇକ୍‌ର ଗତି ଧିର ହୋଇ ଯାଉଥିବାବେଳେ ଅଧିକାଂଶ ସମୟ ବାଇକ୍ ଚାଳକମାନେ ଲୁଟ୍‌ର ଶିକାର ହେଉଛନ୍ତି। କେତେଜଣ ଲୁଟେରା ଶାଳଭଙ୍ଗା ଜଙ୍ଗଲରୁ ଲୁଟିବା ପାଇଁ ନିରାପଦ ଭାବୁଛନ୍ତି। ଜଙ୍ଗଲିଆ ଅଞ୍ଚଳ ହୋଇଥିବାରୁ ଲୁଟେରାଙ୍କ ପାଇଁ ଲୁଟ୍ କରିବା ସହଜ ହୋଇଛି। ପୁଣି ପୋଲିସର କାର୍ଯ୍ୟାନୁଷ୍ଠାନ ନାହିଁ। ଅନ୍ୟପକ୍ଷେ ରାତିରେ ବନ୍ୟପ୍ରାଣୀ ଅତିକ୍ରମ ବେଳେ ବାଇକ୍‌ର ଗତି ଧିର ହେଉଥିବାରୁ ବନ୍ୟଜନ୍ତୁଙ୍କ ଆକ୍ରମଣର ଭୟ ବଢୁଛି। କେତେଜଣ ବାଇକ୍ ଚାଳକ ବନ୍ୟପ୍ରାଣୀଙ୍କ ହାବୁଡରେ ପଡି ବର୍ତ୍ତିଥିବା ଖବର ମିଳିଛି। ତେବେ ହମ୍ପସ ଯୋଗୁ ବଡ଼ ଗାଡ଼ିର ବେଗ କମ୍ ହେଉଥିବାରୁ ବନ୍ୟପ୍ରାଣୀଙ୍କ ପାଇଁ ବିପଦ ଏକ ପ୍ରକାରର ଟଳି ଯାଇଛି। ବନ୍ୟପ୍ରାଣୀ ଓ ମନୁଷ୍ୟଙ୍କ ସୁରକ୍ଷା ପାଇଁ ଶାଳଭଙ୍ଗା ଜଙ୍ଗଲରୁ ଟାକେରା ଘାଟି ପର୍ଯ୍ୟନ୍ତ ପ୍ରାୟ ୫କି.ମି.ରାସ୍ତାରେ ରାଜପଥରେ ଓଭର ବ୍ରିଜ ନିର୍ମାଣ ପାଇଁ ଦାବି ଉଠିଛି।

ଦଶପଲ୍ଲା ବ୍ଲକ ବୁଗୁଡା ନିକଟସ୍ଥ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ବାଣୀଗୋଛା ପଶ୍ଚିମ ବନାଞ୍ଚଳର ଶାଳଭଙ୍ଗା ଜଙ୍ଗଲିଆ ଅଞ୍ଚଳରେ ବନ୍ୟ ଜୀବଜନ୍ତୁ ପରି ଲୋକଙ୍କ ମଧ ମୃତ୍ୟୁ ହେଉଛି। କେତେବେଳେ ବାଇକ୍ ଦୁର୍ଘଟଣା ହେଉଛି ତ'ଆଉ କେତେବେଳେ ବଡ଼ ଯାନବାହନ ଦୁର୍ଘଟଣା ଘଟୁଛି। ୬ ବର୍ଷ ତଳେ ଟାକେରା ଘାଟି ଅଞ୍ଚଳରେ ଏକ କଲରାପତରିଆ ବାଘ ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ସମେତ ୨ଜଣଙ୍କ ମୃତ୍ୟୁ ହୋଇଥିଲା। ସେହିପରି ୨୦୨୧ ଜୁଲାଇ ୧ ରାତିରେ ଗାଡ଼ି ଧକ୍କାରେ ଏକ କଲରାପତରିଆ ବାଘର ମୃତ୍ୟୁ ହୋଇଥିଲା। ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ପରେ କିଛି ଫରକ ପଡ଼ି ନ ଥିଲା। ତେବେ ବାଘର ମୃତ୍ୟୁ ପରେ ମହାନଦୀ ବନ୍ୟପ୍ରାଣୀ ବିଭାଗର ଚିନ୍ତା ବଢ଼ିଥିଲା। ରାଜପଥ ବିଭାଗ ରାଜପଥରେ ବଡ଼ ହମ୍ପସ ନିର୍ମାଣ କଲା। ହମ୍ପସ ପରେ ବଡ଼ ଗାଡ଼ିର ବେଗ କମିଗଲା। ବନ୍ୟପ୍ରାଣୀ ଯାତାୟତରେ ଟିକିଏ ସୁବିଧା ହେଲା। ତେବେ ବାଇକ୍ ଆରୋହୀଙ୍କ ସ୍ୱାର୍ଥକୁ ବନ ବିଭାଗ ଭୁଲିଗଲେ। ବାଇକ୍ ଆରୋହୀଙ୍କ ପାଇଁ ବ୍ୟବସ୍ଥା ନ ଥିବାରୁ ସନ୍ଧ୍ୟା ହେଲେ ଶାଳଭଙ୍ଗା ଜଙ୍ଗଲରୁ ଟାକେରା ଘାଟି ପର୍ଯ୍ୟନ୍ତ ଅଞ୍ଚଳକୁ ଯିବାକୁ ବାଇକ୍ ଆରୋହୀ ଡରୁଛନ୍ତି। ଅନ୍ୟପକ୍ଷେ ରାତ୍ରିରେ ଶାଳଭଙ୍ଗା ଜଙ୍ଗଲରୁ ଟାକେରା ଘାଟି ପର୍ଯ୍ୟନ୍ତ ଅଞ୍ଚଳରେ ଫରେଷ୍ଟ ଓ ପୋଲିସ ପାଟ୍ରୋଲିଂ ପାଇଁ ଦାବି ଉଠୁଛି।

ମଧୁସୂଦନ ଓଝା, ବିକ୍ରମ ସ୍ୱାଇଁ, ପବିତ୍ର ମୋହନ ସ୍ୱାଇଁ ନାମକ ବାଇକ୍ ଚାଳକଙ୍କ ସୂଚନା ଅନୁସାରେ ଶାଳଭଙ୍ଗା ଜଙ୍ଗଲ ବାଣିବିରି ଘାଟି ପର୍ଯ୍ୟନ୍ତ ଲାଗିଛି। ଏହା ଘଞ୍ଚ ଜଙ୍ଗଲ ହୋଇ ରହିଛି। ମଝିରେ ରାଜପଥ ଯାଇଥିବାରୁ ଲୁଟ୍ ହେଉଛି। ବନ୍ୟପ୍ରାଣୀ ଭୟ ଓ ଲୁଟ୍‌ରୁ ବର୍ତ୍ତିବା ପାଇଁ ଜଙ୍ଗଲିଆ ରାସ୍ତାରେ ବାଇକ୍ ଚାଳକମାନେ ଦ୍ରୁତ ଗତିରେ ଗାଡ଼ି ଚଳାଉଛନ୍ତି। ତେବେ ହମ୍ପସ ଯୋଗୁ ଅଧିକାଂଶ ସମୟ ବାଇକ୍ ଦୁର୍ଘଟଣା ହେଉଛି। ହାତୀ ଓ ବାଘ ଚଲାପଥ ଯୋଗୁ ୱାଚ୍ ଟାୱାର ହୋଇଛି। ପୁଣି ନାମ ଫଳକ ମରାଯାଇ ସଚେତନତା କରାଯାଇଛି। ହେଲେ ବାଇକ୍ ଚାଳକଙ୍କ ପାଇଁ କିଛି ସଚେତନତା ନାହିଁ। ଲୁଟ୍ ଓ ବନ୍ୟପ୍ରାଣୀ ଆକ୍ରମଣରୁ ରକ୍ଷା ପାଇଁ ପଦକ୍ଷେପ ନାହିଁ କହି ଅସନ୍ତୋଷ ବ୍ୟକ୍ତ କରିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅନାମ



@ ମିତା


@ ପିଣ୍ଟୁ


@ ଉପାସନା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମାୟାମୃଗ, ସୀତାହରଣ ରାମଲୀଳା ମଞ୍ଚସ୍ଥ

## ପ୍ରସିଦ୍ଧ ଲଙ୍କାପୋଡ଼ି ଯାତ୍ରାର ଅଷ୍ଟମ ସନ୍ଧ୍ୟା

ଦଶପଲ୍ଲା,୨୪।୪(ପ୍ରକାଶ କୁମାର ପାଣି)


ସୀତା ହରଣର ଏକ ଦୃଶ୍ୟ।

ଭାରତ ପ୍ରସିଦ୍ଧ ଐତିହାସିକ ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରାର ଅଷ୍ଟମ ସନ୍ଧ୍ୟାରେ ମାୟା ମୃଗ ଓ ସୀତା ହରଣ ନାଟକ ମଞ୍ଚସ୍ଥ ହୋଇଥିଲା। ଶ୍ରୀରଘୁନାଥ ଜୀଉଙ୍କ ମନ୍ଦିରରେ ଦିନବେଳା ସୀତାହରଣ ନୀତି ଅନୁଷ୍ଠିତ ହୋଇଥିଲାବେଳେ, ମୁଖ୍ୟ ନାଟ୍ୟମଣ୍ଡପ ଓ ଅନତି ଦୂର ମୁକ୍ତାକାଶ ରଙ୍ଗମଞ୍ଚରେ ଅଷ୍ଟମ ସନ୍ଧ୍ୟାରେ ଶ୍ରୀରାମଲୀଳା ମଞ୍ଚସ୍ଥ ହୋଇଥିଲା। ପଞ୍ଚବଟୀରେ ବନ ଭ୍ରମଣ ସମୟରେ ଦୈତ୍ୟ ରାବଣର ଭଗିନୀ ସୂପନଖା ଶ୍ରୀରାମଙ୍କ ପୌରଷରେ ଆକର୍ଷିତ ହୋଇ ପ୍ରେମ ନିବେଦନ କରିବା ସହିତ ବିବାହ ପ୍ରସ୍ତାବ ଦେଇଥିଲେ। ଅନୁଜ ଲକ୍ଷ୍ମଣ ରାକ୍ଷାସୀଙ୍କ ଏହି ଅକ୍ଷମଣୀୟ କାର୍ଯ୍ୟରେ ପ୍ରତିକ୍ରିୟାଶୀଳ ହୋଇ ତାଙ୍କ ନାସା କର୍ଣ୍ଣ ଛେଦନ କରିଥିଲେ। ଭଉଣୀଙ୍କ ଅପମାନରେ ଉତ୍କ୍ଷିପ୍ତ ଭ୍ରାତା ରାବଣ ପ୍ରତିଶୋଧ ପରାୟଣ ହୋଇ ମାରିଚଙ୍କୁ ମାୟାମୃଗ ଭାବେ ପଞ୍ଚବଟୀ ପ୍ରେରଣ କରିଥିଲେ। ମାୟାମୃଗ କୌଶଳ କରି ପ୍ରଭୁ ରାମଚନ୍ଦ୍ର ଓ ଅନୁଜ ଲକ୍ଷ୍ମଣଙ୍କୁ ଅନତି ଦୂରକୁ ନେଇଯାଇଥିଲେ। ଏହି ସୁଯୋଗରେ ପଞ୍ଚବଟୀରୁ ସୀତାଙ୍କୁ ରାବଣ ଛଳନା ପୂର୍ବକ ଅପହରଣ କରି ପୁଷ୍ପକ ବିମାନରେ ଲଙ୍କା ଅଭିମୁଖେ ନେଇ ଯାଉଥିଲେ। ଆକୁଳ କ୍ରନ୍ଦନରତା ସୀତା ନିଜ ପିନ୍ଧିଥିବା ଗହଣା ଗୋଟି ଗୋଟି କରି ତଳକୁ ନିକ୍ଷେପ କରିଥିଲେ। ପକ୍ଷୀରାଜ ଜଟାୟୁ ରାବଣଙ୍କ ପଥ ଅବରୋଧ କରିଥିଲେ। ହେଲେ ପରାକ୍ରମୀ ରାବଣ ଚନ୍ଦ୍ରହାସ ଖଡ୍‌ଗରେ ଜଟାୟଙ୍କ ପକ୍ଷ ଛେଦନ କରିଥିଲେ। ତଥାପି ସୀତାଙ୍କ ଆଶୀର୍ବାଦରେ ଜଟାୟୁ ବଞ୍ଚି ରହି ଶ୍ରୀରାମଙ୍କୁ ସୀତା ଅପହରଣର ବାର୍ତ୍ତା ଦେଇ ଦେହତ୍ୟାଗ କରିଥିଲେ। ବୁଧବାର ଏହି ନୀଳାଭିନୟ ଅତ୍ୟନ୍ତ ହୃଦୟସ୍ପର୍ଶୀ ହୋଇଥିଲା। ଉକ୍ତ ନାଟକର ମୁଖ୍ୟ ଆକର୍ଷଣ ଥିଲା ରାବଣଙ୍କ ପୂଜନ ବିଧି। ପଣାଭୋଗ ଓ ସୁଦୃଶ୍ୟ ସୁସଜ୍ଜିତ ୩୫ ଫୁଟ ଉଚ୍ଚତା ବିଶିଷ୍ଟ କାଷ୍ଠ ନିର୍ମିତ ବିଂଶବାହୁ ଦଶମୁଖ ବିଶିଷ୍ଟ ପୁଷ୍ପକ ବିମାନ।

# ପ୍ରେମ ବିବାହ କରିଥିବା ସ୍ତ୍ରୀଙ୍କୁ ହତ୍ୟା, ସ୍ୱାମୀ ଗିରଫ

ରଣପୁର,୨୪।୪(ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁର ଥାନା ଅଧୀନ ରଣପୁର ପାଇକସାହିରେ ପ୍ରେମ ବିବାହ କରିଥିବା ଜଣେ ଯୁବକ ନିଜର ସ୍ତ୍ରୀ ଶ୍ରଦ୍ଧାଞ୍ଜଳିଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ମୃତକଙ୍କ ସ୍ୱାମୀ ପ୍ରଶାନ୍ତ କୁମାର ସ୍ୱାଇଁଙ୍କୁ ଗିରଫ କରିଛି। ପୋଲିସ ଏକ ମାମଲା(ନଂ.୧୫୩/୨୪)ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ,ରଣପୁର ଥାନା ଅନ୍ତର୍ଗତ ବାଉଁଶଗଡ଼ ପଞ୍ଚାୟତ ବାଉଁଶଗଡ଼ ଗ୍ରାମର ମଧୁସୁଦନ ପ୍ରଧାନଙ୍କ ବଡ଼ ଝିଅ ଶ୍ରଦ୍ଧାଞ୍ଜଳି ପ୍ରଧାନ(୨୭)ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ସୁଆଁସିଆ ସାହିର ହେମନ୍ତ ସ୍ୱାଇଁଙ୍କ ଏକମାତ୍ର ପୁଅ ପ୍ରଶାନ୍ତଙ୍କୁ ୨୦୧୭ରେ ପ୍ରେମ ବିବାହ କରିଥିଲେ। ବିବାହର ୨ବର୍ଷ ପରେ ଶ୍ରଦ୍ଧାଞ୍ଜଳିଙ୍କ ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ଏବେ ସେହି ଝିଅର ବୟସ ୪ବର୍ଷ। ଘରେ ବିଭିନ୍ନ କାରଣକୁ ନେଇ ପାଟିତୁଣ୍ଡ ହେବାରୁ ପ୍ରଶାନ୍ତ ନିଜ ସ୍ତ୍ରୀ ଓ ଝିଅଙ୍କୁ ଧରି ପାଇକସାହିରେ ଘର ଭଡ଼ା ନେଇ କିଛି ବର୍ଷ ହେବ ରହି ଆସୁଥିଲେ। ପୁଅବୋହୂ ଶାଶୁଶ୍ୱଶୁରଙ୍କୁ ନ ପଚାରିବାରୁ ସେମାନେ ରାଜ୍ୟ ବାହାରକୁ ଚାଲି ଯାଇଥିଲେ। ହେଲେ ଶ୍ରଦ୍ଧାଞ୍ଜଳି ପ୍ରଶାନ୍ତଙ୍କ ସମ୍ପର୍କ ବେଶୀ ଦିନ ତିଷ୍ଠି ପାରି ନ ଥିଲା। ପ୍ରଶାନ୍ତ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ଶ୍ରଦ୍ଧାଞ୍ଜଳି ଅଭିଯୋଗ କରିଥିଲେ। ଏପରି କି ତାଙ୍କୁ ଯୌତୁକ ବାବଦକୁ ୫୦ହଜାର ଟଙ୍କା ଆଣିବାକୁ ପ୍ରଶାନ୍ତ ବାଧ୍ୟ କରିଥିଲେ। ଏଥିରେ ରାଜି ହେଉ ନ ଥିଲେ ଶ୍ରଦ୍ଧାଞ୍ଜଳି। ଏହାକୁ ନେଇ ପ୍ରଶାନ୍ତ ଶ୍ରଦ୍ଧାଞ୍ଜଳିଙ୍କୁ ମାଡ଼ ମାରିବା ସହିତ ଥରେ ଶାମୁକା ସାହି ମନ୍ଦିର କୂଅରେ ପକାଇ ଦେଇଥିଲେ। ହେଲେ ପୂଜକ ଏହା ଦେଖି ଶ୍ରଦ୍ଧାଞ୍ଜଳିଙ୍କୁ କୂଅରୁ ଉଦ୍ଧାର କରିଥିଲେ। ତେବେ ମଙ୍ଗଳବାର ରାତିରେ ଭଡା ଘରେ ଶ୍ରଦ୍ଧାଞ୍ଜଳିଙ୍କ ମୃତ୍ୟୁ ଘଟିଥିଲା। ବୁଧବାର ସକାଳେ ପ୍ରଶାନ୍ତ ଏ ସଂକ୍ରାନ୍ତରେ ରଣପୁର ଥାନାକୁ ଯାଇ ପୋଲିସକୁ ଅବଗତ କରିଥିଲେ। ହେଲେ ପୋଲିସ ସନ୍ଦେହ କରି ତାଙ୍କୁ ଥାନାରେ ଅଟକ ରଖିଥିଲା। ଖବର ପାଇ ଶ୍ରଦ୍ଧାଞ୍ଜଳିଙ୍କ ବାପଘର ଲୋକମାନେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ତାଙ୍କ ଝିଅଙ୍କୁ ପ୍ରଶାନ୍ତ ହତ୍ୟା କରିଥିବା ସେମାନେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମୃତଦେହ ଜବତ କରି ବୁଧବାର ରଣପୁର ସରକାରୀ ଡାକ୍ତରଖାନରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଅଧିକ ତଦନ୍ତ ଜାରି ରହିଛି।

# ଚିତ୍ରକୂଟରେ ଜାନକୀଙ୍କ ଚିତାଲାଗି

## ଓଡ଼ଗାଁ ଶ୍ରୀରାମ ନବମୀ ଯାତ୍ରା ସପ୍ତମ ସନ୍ଧ୍ୟା



ଓଡ଼ଗାଁ,୨୪।୪ (ଆଦର୍ଶ କୁମାର ପଟ୍ଟନାୟକ)

ପ୍ରଭୁ ଶ୍ରୀରଘୁନାଥଙ୍କ ଶ୍ରୀରାମ ନବମୀ ଯାତ୍ରାର ବୁଧବାର ସପ୍ତମ ସନ୍ଧ୍ୟା ବେଶରେ ମାତା ସୀତା ଓ ଅନୁଜ ଲକ୍ଷ୍ମଣଙ୍କ ସହିତ ଚିତ୍ରକୂଟ ପର୍ବତରେ ବିଶ୍ରାମ ନେବା ଦୃଶ୍ୟରେ ଦର୍ଶନ ଦେଇଥିଲେ। ପିତୃସତ୍ୟ ରକ୍ଷା କରିବା ପାଇଁ ରାଜ ସିଂହାସନ ତ୍ୟାଗକରି ପ୍ରଭୁ ଶ୍ରୀରାମ, ସ୍ତ୍ରୀ ସୀତା ଓ ଅନୁଜ ଲକ୍ଷ୍ମଣଙ୍କ ସହିତ ବନବାସ ଯାତ୍ରା କରିବା ସମୟରେ ଯମୁନା ନଦୀ ପାର ହୋଇ ଚିତ୍ରକୂଟ ପର୍ବତରେ ପହଞ୍ଚିଥିଲେ। ପୁଷ୍ପରାଜିରେ ସୁଶୋଭିତ ଚିତ୍ରକୂଟ ପର୍ବତ ମାଳାର ପ୍ରାକୃତିକ ସୌନ୍ଦର୍ଯ୍ୟରେ ବିଭୋର ହୋଇ ସେଠାରେ କିଛି ସମୟ ବିଶ୍ରାମ ନେଇଥିଲେ। ତେଣେ ଭାତୃ ବିଚ୍ଛେଦରେ ଅସ୍ଥିର ହୋଇପଡ଼ିଥିବା ଭାଇ ଭରତ ପ୍ରଭୁଙ୍କୁ ଫେରାଇ ଆଣିବା ପାଇଁ ଅଯୋଧ୍ୟାବାସୀ ଓ ସୁମନ୍ତଙ୍କ ସହିତ ଆସି ସେଠାରେ ପହଞ୍ଚିଥିଲେ। ପ୍ରଭୁଙ୍କୁ ଫେରାଇ ନେବା ପାଇଁ ବହୁ ଅନୁନୟ ବିନୟ ହୋଇଥିଲେ ସୁଦ୍ଧା ସତ୍ୟସନ୍ଧ ଶ୍ରୀରାମ ଅଯୋଧ୍ୟାବାସୀଙ୍କ ମଙ୍ଗଳ କାମନା କରିବା ସହିତ ସେମାନଙ୍କୁ ଫେରିଯିବାକୁ କହିଥିଲେ। ଶେଷରେ ବାଧହୋଇ ଭାତୃଭକ୍ତ ଭରତ ପ୍ରଭୁଙ୍କ ପାଦୁକା ଭିକ୍ଷାକରି ମସ୍ତକରେ ଧରି ଅଯୋଧ୍ୟା ଫେରି ଯାଇଥିଲେ। ଏହି ସହିତ ପ୍ରଭୁ ଶ୍ରୀରାମଙ୍କୁ ମଥାରେ ଚିତାଲାଗି କରିଛନ୍ତି। ଆସନ୍ତା ଗୁରୁବାର ସନ୍ଧ୍ୟାରେ ଶ୍ରୀଜୀଉଙ୍କ ସାଧାରଣ ବେଶ ଦର୍ଶନ ଦେବେ। ଶୁକ୍ରବାର ସନ୍ଧ୍ୟାରେ ପ୍ରଭୁଙ୍କ ଅଷ୍ଟାବଧାନ ବେଶ ଅନୁଷ୍ଠିତ ହେବ।

# ଭାଜପା କର୍ମୀଙ୍କୁ ମାରପିଟ: ୨ ଗାଁରେ ଚାପା ଉତ୍ତେଜନା

ନୟାଗଡ଼,୨୪।୪(ଲୋକନାଥ ମିଶ୍ର)

ଇଟାମାଟି ଥାନା ସଜନାପଡ଼ା ଗାଁର ରାହୁଲ କୁମାର ଲେଙ୍କା ନାମକ ଜଣେ ଭାଜପା କର୍ମୀଙ୍କୁ ନାତୁଗାଁର ଜଣେ ଯୁବକ ମାରପିଟ୍ କରିଛନ୍ତି। ଶଙ୍ଖରେ ଭୋଟ ଦେବାକୁ ଅରାଜି ହେବାରୁ ମାରପିଟ୍ ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ସଜନାପଡ଼ା ଓ ନାତୁଗାଁରେ ଚାପା ଉତ୍ତେଜନା ଦେଖା ଦେଇଛି। ଏନେଇ ରାହୁଲ କୁମାର ଲେଙ୍କା କୁହନ୍ତି, ମୁଁ ଭାଜପାର ଜଣେ କର୍ମୀ। ମୁଁ ସିମତି ସଭ୍ୟ ନିର୍ବାଚନରେ ପ୍ରାର୍ଥୀ ହୋଇଥିଲି। ହେଲେ ମୋତେ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ବାଧ୍ୟ କରାଗଲା। ମୁଁ ଭାଜପା କର୍ମୀ ହୋଇ କିପରି ଶଙ୍ଖକୁ ଭୋଟ ଦେବି ବୋଲି କହିବାରୁ ନାତୁଗାଁର ଯୁବକ ମାରପିଟ୍ କଲେ। ଘଟଣା ସମ୍ପର୍କରେ ଇଟାମାଟି ଥାନାରେ ଅଭିଯୋଗ କରିଛି। ପୋଲିସ ନ୍ୟାୟ ଦେବ ବୋଲି କହିଛି। ଏହି ଘଟଣା ପରେ ମୋର ଡର ବଢ଼ି ଯାଇଛି। ମୋର ଅଥବା ମୋ ପରିବାରର ସଦସ୍ୟଙ୍କ କିଛି ଅସୁବିଧା ହେଲେ ମୋତେ ମାରପିଟ୍ କରିଥିବା ଯୁବକ ଓ ବିଜେଡି ପ୍ରାର୍ଥୀ ଦାୟୀ ରହିବେ ବୋଲି ସେ କହିଛନ୍ତି।

# ୧୦୧ ହାତ ନିଆଁଗାଡ଼ରେ ଚାଲିଲେ ଭକ୍ତ

ନୟାଗଡ଼,୨୪।୪(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ କାଳିକାପ୍ରସାଦ ପଞ୍ଚାୟତର ଆଡତେରରେ ଉଦଣ୍ଡ ପର୍ବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । ଭକ୍ତମାନେ ୧୦୧ ହାତ ନିଆଁ ଗାଡରେ ଚାଲିଥିଲେ । ୪୪ ଭକ୍ତ ଉଦଣ୍ଡ ପର୍ବରେ ସାମିଲ ହୋଇ କାଷ୍ଠା ଉପବାସରେ ରହିଥିଲେ । ୭ଦିନ ତଳେ ଉଦଣ୍ଡ ପର୍ବ ଆରମ୍ଭ ହୋଇଥିଲା।

# ଜଙ୍ଗଲରେ ମାଡ଼ି ଚାଲିଛି ନିଆଁ

ରଣପୁର,୨୪।୪
(ସୁକାନ୍ତ କିଶୋର ଡାକୁଆ)

ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିଲାବେଳେ ଜୀବଜନ୍ତୁଠାରୁ ଆରମ୍ଭ କରି ସାଧାରଣ ମଣିଷ ଦହଗଞ୍ଜ ହେଉଛନ୍ତି। ପୁଣି ମନୁଷ୍ୟକୃତ ଜଙ୍ଗଲ ନିଆଁ ପ୍ରଚଣ୍ଡ ଗରମକୁ ଦ୍ୱିଗୁଣିତ କରିଛି । ଖୋର୍ଦ୍ଧା ବନଖଣ୍ଡ ଅଧୀନରେ ଥିବା ରଣପୁର ବନ ବିଭାଗର କଳାମାଟି ଗ୍ରାମ ଜଙ୍ଗଲରେ ଏପରି ପରିସ୍ଥିତି ଚିନ୍ତାର କାରଣ ହୋଇଛି। ରବିବାର ଅପରାହ୍ନରେ ଜଙ୍ଗଲରେ ଲାଗିଥିବା ନିଆଁ ଏବେ ଉଗ୍ର ରୂପ ନେଇଛି। ଇତିମଧ୍ୟରେ ଦୁଇ ଦିନ ବିତି ଯାଇଥିଲେ ମଧ୍ୟ ନିଆଁକୁ ଆୟତ୍ତ କରାଯାଇନାହିଁ। ଫଳରେ ନିଆଁ ମାଡ଼ି ଚାଲିଛି। ବନ ବିଭାଗ ଏ ସଂକ୍ରାନ୍ତରେ ଅବଗତ ଥିଲେ ମଧ୍ୟ ଚୁପ୍ ବସିଥିବା ଅଭିଯୋଗ ହୋଇଛି। ଏହି କାରଣରୁ ନୟାଗଡ଼ ଜିଲାରେ ଗ୍ରୀଷ୍ମ ପ୍ରବାହ ବଢ଼ି ଚାଲିଛି। ଲୋକମାନେ ଦୁର୍ଦ୍ଦଶା ଭୋଗୁଛନ୍ତି। ସ୍ଥାନୀୟ ଜଙ୍ଗଲ ହୁହୁ ହୋଇ ଜଳୁ ଥିବା ବେଳେ ନିଆଁକୁ ଆୟତ୍ତ କରିବାକୁ କେହି ଉଦ୍ୟମ କରୁ ନାହାନ୍ତି। ଫଳରେ ବହୁ ଏକର ଜଙ୍ଗଲ ପୋଡ଼ି ଚାଲିଛି। ଏଥିରେ ବହୁ ମୂଲ୍ୟବାନ ଗଛ ଲତା ପୋଡ଼ି ପାଉଁଶ ହୋଇଯାଉଛି ବୋଲି ସ୍ଥାନୀୟ ଗ୍ରାମବାସୀ କହିଛନ୍ତି। ବୁଧବାର ସୁଦ୍ଧା ବ୍ରଜକୋଟ ଅସୁରରୀ କୁମାରୀ, ଶୁଳିଆ, ଜନତଳି ଭେରୁପଡା, ଡେଙ୍ଗାଝରି, ଲୁଣିସାହି ସହିତ ଅନ୍ୟ ଜଙ୍ଗଲକୁ ନିଆଁ ବ୍ୟାପୁଛି। ଗ୍ରୀଷ୍ମ ପ୍ରବାହ ଯୋଗୁ ନିଆଁର ପ୍ରକୋପ ଦେଖିଲେ ଭୟ ଲାଗୁଛି ବୋଲି ଗ୍ରାମବାସୀ କହିଛନ୍ତି।



# ମହିଷାଶୁଣୀ ପୀଠରେ ହାଣ୍ଡିଭଙ୍ଗା ପର୍ବ

## ମନ୍ଦିର ନିକଟ ପୋଖରୀରେ ପାଣି ନ ଥିବାରୁ ସମସ୍ୟା

ଖଣ୍ଡପଡ଼ା,୨୪।୪
(ଅଜୟ କୁମାର ମହାରଣା)

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ୍ ଅଧୀନ ଜଗନ୍ନାଥପ୍ରସାଦ ପଞ୍ଚାୟତର ମହୁଲପଡ଼ା ଗ୍ରାମରେ ବିରାଜିତ ମା'ମହିଷାଶୁଣୀଙ୍କ ପୀଠରେ ମାନସିକ ପର୍ବ ହାଣ୍ଡିଭଙ୍ଗା ଉତ୍ସବ ଏକ ନିଆରା ପରମ୍ପରା। ମହାବିଷୁବ ସଂକ୍ରାନ୍ତି ପରେ ଆରମ୍ଭ ହୋଇଥାଏ ବୈଶାଖୀ ବ୍ରତ। ଏହି ଅବସରରେ ମହୁଲପଡ଼ା ଓ ଏହାର ଆଖପାଖ ଅଞ୍ଚଳର ଲୋକେ ହାଣ୍ଡିଭଙ୍ଗା ଉତ୍ସବ ପାଳନ କରିଥାଆନ୍ତି। ବୈଶାଖ ମାସର ପ୍ରାରମ୍ଭରେ ପ୍ରତିବର୍ଷ ପରି ପାରମ୍ପରିକ ହାଣ୍ଡିଭଙ୍ଗା ଉତ୍ସବ ପାଳିତ ହୋଇଯାଇଛି। ଗ୍ରାମବାସୀଙ୍କ ପକ୍ଷରୁ ସଂସାରର ମଙ୍ଗଳ କାମନା କରାଯାଇ ମା'ମହିଷାଶୁଣୀ ପୀଠରେ ଅହୋରାତ୍ର ନାମ ସଂକୀର୍ତ୍ତନର ଆୟୋଜନ କରାଯାଇଥିଲା। ମହୁଲପଡ଼ା ଗ୍ରାମର ଗୃହିଣୀମାନେ ଚୈତ୍ର ପୂର୍ଣ୍ଣିମୀ ସକାଳୁ ସ୍ନାନ କରି ଘରୁ ରୋଷେଇ ସାମଗ୍ରୀ ନେଇ ମା'ମହିଷାଶୁଣୀଙ୍କ ପାଖରେ ମାନସିକ ରଖି ପୂଜାର୍ଚ୍ଚନା କରିଥିଲେ। ପରେ ମନ୍ଦିର ବେଢାରେ ଚୁଲି ଖୋଳି ମାଟି ହାଣ୍ଡିରେ ଅନ୍ନ ଭୋଗ ପ୍ରସ୍ତୁତ କରିଥିଲେ। ମହୁଲପଡା, ଦରଦା, ଜଗନ୍ନାଥ ପ୍ରସାଦ ଏବଂ ଆଖପାଖ ଅଞ୍ଚଳର ଶତାଧିକ ଗୃହିଣୀ ଏଥିରେ ସାମିଲ ହୋଇଥିଲେ। ମନ୍ଦିର ବେଢ଼ାରେ ସ୍ଥାନାଭାବ ଯୋଗୁ ପାଖ ଜମିରେ ମହିଳାମାନେ ଚୁଲି ଖୋଳି ଅନ୍ନ ପ୍ରସାଦ ପ୍ରସ୍ତୁତ କରିଥିଲେ। ସମସ୍ତ ଗୃହିଣୀଙ୍କ ରୋଷେଇ ଶେଷ ହେବାରେ ମନ୍ଦିର ପୂଜକ (ମାଳି) ରମେଶ ପାତ୍ର ପ୍ରତି ମାଟିହାଣ୍ଡିରେ ପ୍ରସ୍ତୁତ ଅନ୍ନଭୋଗକୁ ମା'ଙ୍କ ଉଦ୍ଦେଶ୍ୟରେ ପୂଜା କରିଥିଲେ। ପରେ ପୂଜାରୀ, ଗୃହିଣୀମାନେ ଘରୁ ଆଣିଥିବା ଅନ୍ୟାନ୍ୟ ଧାତୁ ପାତ୍ରକୁ ସେହି ଅନ୍ନ ପ୍ରସାଦକୁ କାଢି ଦେଇଥିଲେ। ସମସ୍ତଙ୍କ ମାଟିହାଣ୍ଡି ଖାଲି ହେବା ପରେ ମହିଳାମାନେ ଏକ କାଠ ଫାଳିଆରେ ମନ୍ଦିର ନିକଟରେ ଥିବା ଏକ ପୁଷ୍କରିଣୀ କୂଳକୁ ଯାଇ ସେହି ହାଣ୍ଡିକୁ କାଠଫାଳିଆରେ ପିଟି ଭାଙ୍ଗିଥିଲେ। ଏହାପରେ ସେହି ପୁଷ୍କରିଣୀରେ ବୁଡ଼ି ସ୍ନାନ କରିବାର ପରମ୍ପରା ରହିଛି। ମାତ୍ର ପୋଖରୀରେ ପାଣି ନ ଥିବାରୁ ଚଳିତ ବର୍ଷ ମହିଳା ଏବଂ ପୁରୁଷମାନେ ମାଟିହାଣ୍ଡିକୁ ଅନ୍ୟତ୍ର ନେଇ ଭାଙ୍ଗି ଥିବା ସୂଚନା ମିଳିଛି। ଏହାପରେ ଅପରାହ୍ନ ପ୍ରାୟ ସାଢେ ଗୋଟାଏ ସମୟରେ ଏହି ହାଣ୍ଡିଭଙ୍ଗା ଉତ୍ସବ ଶେଷ ହୋଇଥିଲା। ପୂର୍ଣ୍ଣମୀଠାରୁ ୩ଦିନ ବ୍ୟାପୀ ଅନୁଷ୍ଠିତ ଏହି ଉତ୍ସବରେ ଗ୍ରାମବାସୀ ଭଜନକୀର୍ତ୍ତନ କରି ଗ୍ରାମର ଶ୍ରୀମଦ୍ ଭଗବତ୍ ଚୈତନ୍ୟ ଠାକୁରଙ୍କୁ ନିମନ୍ତ୍ରଣ କରି ମା'ମହିଷାଶୁଣୀ ପୀଠରେ ସ୍ଥାପନା କରିଥିଲେ। ପରେ ସେଠାରେ ଯଜ୍ଞର ଆୟୋଜନ ହୋଇଥିଲା। ମଙ୍ଗଳବାର ପୂର୍ଣ୍ଣମୀ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ରାମ ନାଟକ ପରିବେଷଣ କରାଯାଇଥିଲା। ସାରା ଦିନ ନାମ ସଂକୀର୍ତ୍ତନ ଓ ଖୋଳତାଳ ଧ୍ୱନିରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଗ୍ରାମର ସଭାପତି ଭାଗୀରଥୀ ନାୟକ, କମିଟିର ସଦସ୍ୟ କାଶୀନାଥ ନାଏକ, ପ୍ରମୋଦ ସ୍ୱାଇଁ ପ୍ରମୁଖ କୁହନ୍ତି, ପ୍ରତିବର୍ଷ ଏହି ମେଳା ପାଳିତ ହେବା ଦ୍ୱାରା ଗ୍ରାମରେ ଏକତା ଓ ସଂହତି ବୃଦ୍ଧି ଘଟୁଛି। ସମସ୍ତଙ୍କ ମନରେ ହସ ଖୁସି ପରିଲକ୍ଷିତ ହେଉଛି। ଗ୍ରାମରେ ବହୁ ବନ୍ଧୁବାନ୍ଧବଙ୍କ ସମାଗମ ହୋଇଥାଏ। ଯୁବ କଳାକାରମାନେ ନିଜର କଳା ପ୍ରଦର୍ଶନ କରି ଆନନ୍ଦିତ ହୋଇଥାଆନ୍ତି।


ମହିଳାମାନେ ମା' ମହିଷାଶୁଣୀଙ୍କ ପୀଠରେ ରୋଷେଇ କରୁଛନ୍ତି।

